ସଚ୍ଚିଦାନନ୍ଦ ରାଉତରାୟ

ଛୁରି

କଟକ ପବ୍ଲିଶି ହାଉସ୍

Digitized by srujanika@gmail.com

ଛାଇ

ସଚ୍ଚିଦାନନ୍ଦ ରାଉତରାୟ

ପ୍ରଥମ ସଂସ୍କରଣ

୧୯୫୦

ମୂଲ୍ୟ ୪ ୧। ଏକ ଟଙ୍କା ଚାରିଅଣା ମାତ୍ର

Digitized by srujanika@gmail.com

ପ୍ରକାଶକ
ଶ୍ରୀ ଉମାଚରଣ ମହାନ୍ତି
ପ୍ରୋପ୍ରାଇଟର, କଟକ ପବ୍ଲିଶିଙ୍ଗ୍ ହାଉସ
ନୟାସଡ଼କ, ପୋ: ଅ: ଗୃନ୍ଦମାଚୌକ, କଟକ

Digitized by srujanika@gmail.com

ଭୂମିକା

ଆଜକୁ ପ୍ରାୟ ପନ୍ଦର ବର୍ଷ ତଳେ ଏ ବହିର ଅନ୍ତର୍ଗତ ଗଳ୍ପଗୁଡ଼ିକ ଓଡ଼ିଶାର କେତେକ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଥିଲା । ବର୍ତ୍ତମାନ ସେଇ ଗଳ୍ପଗୁଡ଼ିକୁ ଏକତ୍ର ସଂକଳନ କରି ପୁସ୍ତକାକାରରେ ପ୍ରକାଶ କରି ଯାଉଛି । ଆଶା, ଓଡ଼ିଶାର ପାଠକ ପାଠିକା ମହଲରେ ଏ ଗୁଡ଼ିକ ଆଦୃତ ହେବ । ଏ ପୁସ୍ତକର ଅଧିକାଂଶ ଗଳ୍ପ ବିଭିନ୍ନ ବୈଦେଶିକ ରଚନାର (ଜୋଲେ, ଅଡର୍ଥି, ଶେଖଫ୍, ଗୋର୍କି ପ୍ରମୁଖଙ୍କ) ଛାୟାରେ ଓ କେଉଁଠି କେଉଁଠି ଅନୁବାଦରେ ଲେଖା ଯାଇଥିବା ଯୋଗୁ ଏ ପୁସ୍ତକର ନାମ 'ଛାଇ' ରଖାଗଲା ।

୪୨ ନଂ, ଗାଡ଼େନ୍‌ରିଚ୍‌ ରୋଡ଼
କଲିକତା-୨୪

ସଚ୍ଚିଦାନନ୍ଦ ରାଉତରାୟ
ତା ୨।୬।୧୯୪୯

Digitized by srujanika@gmail.com

ଉତ୍ସର୍ଗ

ଓଡ଼ିଶାର ପ୍ରାକ୍ତନ ପ୍ରଧାନ-ମନ୍ତ୍ରୀ

ଓ

ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି

ପରମ ଶୁଭାନୁଧ୍ୟାୟୀ ଶ୍ରଦ୍ଧେୟ

ଶ୍ରୀ ବିଶ୍ୱନାଥ ଦାସଙ୍କୁ

ଶ୍ରଦ୍ଧା

ନିବେଦନ

ସଚ୍ଚିଦାନନ୍ଦ ରାଉତରାୟ

ତା ୨।୭।୧୯୪୯

Digitized by srujanika@gmail.com

ସୂଚୀ

ବିଷୟ		ପୃଷ୍ଠା
୧ । ଅଦୃଶ୍ୟ ଷଡ଼	...	୧
୨ । ସାଢ଼େ ଟଙ୍କା ଛ’ଅଣା ...	...	୨୫
୩ । ଚୁମ୍ବନ		୩୩
୪ । ବିଭ୍ରାଟ	...	୪୨
୫ । ଫକୀର ସାହେବ	...	୫୦
୬ । ଝିମି		୬୨
୭ । ଗ୍ରୀଷ୍ମାବାସ	...	୭୧
୮ । ବାଦସାହା		୮୩
୯ । ମୁରଗୀ ଡିମ୍ବ		୯୭
୧୦ । ଛାଲୁଣିକ		୧୦୪

Digitized by srujanika@gmail.com

ସାମ୍ପ୍ରତିକ ସାହିତ୍ୟରେ ଉଲ୍ଲେଖନୀୟ

ସଚ୍ଚିଦାନନ୍ଦ ରାଉତରାୟଙ୍କ ପ୍ରଣୀତ

କେତେକ ପୁସ୍ତକ

୧ । ଛାଇ (ଗଳ୍ପ ସଂଗ୍ରହ)	ଟ ୧।
୨ । ଅଭିଜ୍ଞାନ (ଆଧୁନିକ କବିତା ସଂଗ୍ରହ)	ଟ ୦୴୶
୩ । ହସନ୍ତ (ବ୍ୟଙ୍ଗ କବିତା ସଂଗ୍ରହ)	
୪ । ପାଣ୍ଡୁଲିପି (କବିତା ସଂଗ୍ରହ)	ଟ ୨୲
୫ । ମଶାଣିର ଫୁଲ (ଗଳ୍ପ ସଂଗ୍ରହ) ୨ୟ ସଂସ୍କରଣ	ଟ ୦ ୴
୬ । ମାଟିର ତାଜ (ଗଳ୍ପ ସଂଗ୍ରହ)	ଟ ୧୲
୭ । ପଲ୍ଲିଶ୍ରୀ (କବିତା) ୨ୟ ସଂ	ଟ ୦ ୴
୮ । ଅଭିଯାନ (ବୈପ୍ଳବିକ କବିତା) ୨ୟ ସଂସ୍କରଣ	ଟ ୦ ୳୶
୯ । ବାଜି ରାଉତ (କବିତା) ୩ୟ ସଂସ୍କରଣ	ଟ ୦ ୳୶
୧୦ । ଭାନୁମତୀର ଦେଶ (କବିତା)	ଟ ୦ ୴୶
୧୧ । ଚିତ୍ରଗ୍ରୀବ (ଉପନ୍ୟାସ)	ଟ ୧୲
୧୨ । କବି ହାରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କ କୃତ ବାଜି ରାଉତର ଇଂରାଜୀ ତର୍ଜମା The Boatman Boy and Other Poems	ଟ ୧୳

ପ୍ରାପ୍ତିସ୍ଥାନ ।

୧—ଉତ୍କଳ ବୁକ୍ ଏଜେନ୍ସି
ରାଣୀହାଟ, କଟକ

୨—କଟକ ପବ୍ଲିସିଙ୍ଗ୍ ହାଉସ୍
ନୟାସଡ଼କ, କଟକ

୩—ଭାରତୀ ଭବନ
ସିଂହଦ୍ୱାର, ପୁରୀ

Digitized by srujanika@gmail.com

ଛାଇ

ଅଦୃଶ୍ୟ କ୍ଷତ

—୧—

“ଡାକ୍ତର ବାବୁ ! ଡାକ୍ତର ବାବୁ ! ମୋର ଡାହାଣ ହାତର କବ୍‌ଜାଟା ଟିକିଏ ଭଲ୍ କରି ପରୀକ୍ଷା କରି ଦେଖନ୍ତୁ ତ !! ଗୋଟାଏ କ୍ଷତର ଯନ୍ତ୍ରଣାରେ ମୁଁ ପ୍ରାୟ ଆଜକୁ ଦୁଇମାସ ହେଲା ଛଟପଟ ହୋଇ ମଲିଣି ! ଉଃ ! ଘୋର କଷ୍ଟ !! ଖା-ଇ, ହେଇ, ହେଇ, ବାନ୍ଧିଲା, ବାନ୍ଧିଲା ! ଉଃ, ଡାକ୍ତର ବାବୁ !!!”

ସେ କହୁଣି ଉପରକୁ କୁର୍ତ୍ତା ଉଠାଇ ନଗ୍ନ ହାତଟାକୁ ଡାକ୍ତର ବାବୁଙ୍କ ଆଡ଼କୁ ବଢ଼ାଇଦେଲା । ମୁଖ ତାର ବିବର୍ଣ୍ଣ, କପାଳ ଘର୍ମାକ୍ତ··· ।

କିଛିକ୍ଷଣ ଯାଏ ହାତଟାକୁ ପରୀକ୍ଷା କରି ଗମ୍ଭୀର ହୋଇ ଡାକ୍ତର ବାବୁ ଜଣାଇଲେ ଯେ, ହାତରେ ତାର ଘା' ଫା କିଛି କେଉଁଠି ହୋଇ ନାହିଁ; ସବୁ ତାର ତୁଚ୍ଛା ପାଗଳାମି—ମାନସିକ ବିକୃତି ।

ଡାକ୍ତର ବାବୁଙ୍କ କଥା ଶୁଣି ଲୋକଟା ଆଶ୍ୱସ୍ତ ହେବା ଦୂରେ ଥାଉ, ବରଂ ଅଧୀର ଅସ୍ଥିର ହୋଇ ଅପେକ୍ଷାକୃତ ଅଧିକତର ଶୃଙ୍ଖଳା-ପୂର୍ଣ୍ଣ କଣ୍ଠରେ କହିଲା —

“ନା, ନା, ଆପଣ ଆଉଥରେ ପରୀକ୍ଷା କରି ଦେଖନ୍ତୁ । ଉଃ ! ମୋ ହାତଟା ଛିଣ୍ଡିଗଲା ପରି ଲାଗୁଛି । ଆପଣ ଆଉ ଟିକିଏ ଭଲ୍ କରି

Digitized by srujanika@gmail.com

ଦେଖନ୍ତୁ, ଡାକ୍ତର ବାବୁ ହେଲ ଦେଖୁ ନାହାନ୍ତି ସମୁଦାୟ ହାତଟା ମୋର କମିତ ପୁଳେଇଗ, ଧାଗରର କମିତ ଲଲ ଟକ୍ ଟକ୍ ଦେଖା ଯାଉଚ । ଅପଣ ବାହାରେ ସିନା କଚ୍ଛୁ ଦେଖି ପାରୁ ନାହାନ୍ତି; କନ୍ତୁ ଭିତରେ—ଖୁବ୍ ଭିତରେ, ହାଡ଼ ତଳେ ହେବ ନା କଣ, ଗୋଟାଏ ବଡ଼ ରକମର ଘା ନିଶ୍ଚୟ ରହିଚ । ଶିରାଗୁଡ଼ାକ ମୋର ସବୁ କଣ ଛିଣ୍ଡିଗଲାଣି । ଖାଲି କନ, ମୋର ଅନୁଭବ ଶକ୍ତି କ୍ରମେ ଲୋପ ପାଇଗଲା ପରି ଲାଗୁଚି ।”

ଡାକ୍ତର ବାବୁ ଯେଉଁ ସହଜରେ ଲୋକଟାର କଥା ଗୁଡ଼ାକ ଭୁଲିଭଡ଼ ମାରି ଉଡ଼ାଇ ଦେବେ ବୋଲି ବସିଥିଲେ, ସେତେ ସହଜରେ କନ୍ତୁ ପାରିଲେ ନାଇ । ସେ ଅଗତ୍ୟା ରୋଗୀର କଥା ଅନୁସାରେ ତାର ହାତଟାକୁ ଖୁବ୍ ମନଯୋଗ ସହକାରେ ପରୀକ୍ଷା କରିବାକୁ ଲାଗିଲେ । ସେ ରୋଗୀର ହାତଟାକୁ ନିଜ ହାତରେ ଧରିବା ମାତ୍ରକେ ଛଟପଟ ହୋଇ ସେ ନିଜ ହାତ ଛଡ଼ାଇ ନେଇ କହି ଉଠିଲା— “ଉଃ । ମଲିଗଲି, ମରିଗଲି, ଡାକ୍ତର ବାବୁ !! ଭାରି କାଟୁଚି; ଅପଣ ଏତେ ଜୋରରେ ହାତଟାକୁ ମୋର ଧରନ୍ତୁ ନାଇ; ମୋର ପ୍ରାଣ ବାହାରି ଯିବ ଇଲାଗେ । ଉଃ । ପୁଣି—ପୁଣି ବାଧିଲାଣି ଡାକ୍ତର ବାବୁ !! ଅପଣଙ୍କ ଗୋଡ଼ତଳେ ପଡ଼ୁଚି; ଅପଣ ଦୟାକରି ବର୍ତ୍ତମାନ ମୋ ହାତଟାକୁ ଅପରେଶନ୍ କରନ୍ତୁ । ମୋ ହାତର ମାଂସଗୁଡ଼ାକ ସବୁ ଖୁଣ୍ଟି ବାହାର କରି ଦିଅନ୍ତୁ ! ତା ହେଲେ ଦରଜ କମିଯିବ, ଜଣ୍ୱାସ ଲାଗିବ । ଉଃ । ମୋ ହାଡ଼ ଭିତରେ ସତେକି ଯିମିତ ନିଆଁ ଜଳୁଚି । ହାତଟା ମୋର ପୋଡ଼ିଗଲା ପରି ଲାଗୁଚି ! ଅପଣ ଡେରି କରନ୍ତୁ ନାଇ ଡାକ୍ତର ବାବୁ; ମୋର ଭୟ ହେଉଚି ଯେ, ଏହି ଯନ୍ତ୍ରଣା ହୁଏତ ମୋର ହୃତପିଣ୍ଡର କ୍ରିୟା ବନ୍ଦ କରି ଦେଇପାରେ ।

Digitized by srujanika@gmail.com

କଥା କହୁ କହୁ ରୋଗୀର କଣ୍ଠର ତେଜ କମି ଆସିଲା। ତା ମୁହଁ ଦେଖି ମନେ ହେଉଥିଲା ଗୋଟାଏ ଅସହ୍ୟ ଯନ୍ତ୍ରଣାରେ ତାର ଶରୀରର ସବୁ ଲୋମକୂପ ଯେପରି ଜର୍ଜ୍ଜରିତ ହୋଇ ଯାଇଛି।

ଡାକ୍ତର ବାବୁଙ୍କର ତନ୍ନ ତନ୍ନ ପରୀକ୍ଷା ସତ୍ତ୍ୱେ ମଧ୍ୟ ଯେତେବେଳେ କୌଣସି ଷଡ଼ର ସୂଚନା ମିଳିଲା ନାହିଁ, ସେତେବେଳେ ଡାକ୍ତର ବାବୁ ଅଗତ୍ୟା ଗମ୍ଭୀର କଣ୍ଠରେ ତାଙ୍କର ମତାମତ ଜଣାଇ ଦେଲେ—

"ଷଡ଼ ଦୂରର କଥା, ତମ ହାତରେ ସାମାନ୍ୟ ଅଞ୍ଚୁଡ଼ା ଦାଗଟାଏ ମଧ୍ୟ ମୁଁ ଦେଖିପାରୁନି। ତମ ହାତଟା ତ ପୁରା ଭଲ ମଣିଷଙ୍କ ହାତ ପରି ନୀରୋଗ ଦେଖି ପାରୁଛି; ତମେ ଏପରି ବାଇଆଙ୍କ ପରି କଣ କହୁଚ ହେ?" କିନ୍ତୁ ରୋଗୀଟି ଡାକ୍ତର ବାବୁଙ୍କ କଥାରେ କର୍ଣ୍ଣପାତ କଲା ନାହିଁ। ସେ ସେହିପରି ଏକା ଜିଦ୍ ଧରି ବସିଲା ଯେ, ତାର ଷଡ଼ଟାରେ ଏହି ମୂହୂର୍ତ୍ତରେ ଅସ୍ତ୍ରୋପଚାର କରିବା ଦରକାର; ନହେଲେ ସେ ଆଉ ବଞ୍ଚିବ ନାହିଁ।

ଡାକ୍ତର ବାବୁ ଯେତିକି ତାଙ୍କର ଅଭ୍ରାନ୍ତ ଚିକିତ୍ସା ବିଜ୍ଞାନର ଦୁହାଇ ଦେଇ ତାର ଯୁକ୍ତିତର୍କକୁ ଖଣ୍ଡନ କରିବାକୁ ଚେଷ୍ଟା କରୁଥିଲେ, ସେ ସେତିକି ବିକଳ ହୋଇ ତାଙ୍କର ପରୀକ୍ଷାଗାରରେ ଯନ୍ତ୍ରଣାରେ ଚିତ୍କାର କରୁଥିଲା। ଶେଷରେ କୌଣସି ମତେ ଡାକ୍ତର ବାବୁଙ୍କୁ ତାର ଷଡ଼ ଉପରେ ଅସ୍ତ୍ରୋପଚାର କରିବା ନିମିତ୍ତ ସ୍ୱୀକୃତ କରାଇ ନ ପାରି ସେ କହିଲା—

"ଆପଣ ମନେ କରିବେନି ଯେ ଡାକ୍ତର ବାବୁ, ମୁଁ ଜଣେ ସାମାନ୍ୟ ଲୋକ କିମ୍ବା ପାଗଳ, ମୋର ମସ୍ତିଷ୍କ ଉପରେ ମୋର ବର୍ତ୍ତମାନ ପୁରା ଅଟଳ ବିଶ୍ୱାସ ରହିଛି, ଆଉ ଏ ପର୍ଯ୍ୟନ୍ତ ମଧ୍ୟ ମୁଁ ମୋର ଦିବ୍ୟ ଚେତନା ଶକ୍ତିକୁ ସନ୍ଦେହ କରିବାର କୌଣସି କାରଣ

Digitized by srujanika@gmail.com

ଦେଖନ୍ତୁ । ମୋର ଛତିଟା ସମ୍ବନ୍ଧରେ ମୁଁ ପୂରାପୂରି ସଚେତ ରହିଛି; ଆଜ ଆପଣ ଯଦି ସେଇଟାକୁ ଅପରେଶନ କରନ୍ତି, ତା ହେଲେ ମୁଁ ଆପଣଙ୍କୁ ଏହି ମୁହୂର୍ତ୍ତରେ ଚାରି ହଜାର ଟଙ୍କା ଯଥାସାମାନ୍ୟ ପାରିତୋଷିକ ସ୍ୱରୂପ ଦେବାପାଇଁ ପ୍ରସ୍ତୁତ ଅଛି । ଆଃ, ଆପଣ ତ ଜମା ବୁଝିବେନି ଡାକ୍ତର ବାବୁ, ମୁଁ ମୋର ଫୋଡ଼ା ଘା' ଟା ଦାଉରେ କପରି ଅର୍ଦ୍ଧମୃତ ହୋଇଗଲିଣି ।"

ଏତକ କହି ସେ ପକେଟରୁ ବାଁ ହାତରେ ବିଡ଼ାଏ ନୋଟ୍ କାଢ଼ି ସେଗୁଡ଼ାକୁ ଏକ ଦୁଇ କରି ଗଣି ଡାକ୍ତର ବାବୁଙ୍କ ସାମନାରେ ରଖିଲା । ତା ପରେ କହିବାକୁ ଲାଗିଲା—

"ହଁ, ମୋର ପରିଚୟ ସମ୍ବନ୍ଧରେ ଆପଣଙ୍କୁ କିଛି କହି ରଖିବା ଦରକାର ମନେ କରୁଛି । ଆପଣ ବୋଧହୁଏ "ସାତପଡ଼ା" ଜମିଦାରୀର ନାଁ ଶୁଣିଥିବେ । ହଁ, ମୁଁ ସେଇ ସାତପଡ଼ାର ଜମିଦାର । ଆପଣ ଯଦି ମୋର ଏ ସାମାନ୍ୟ ଉପକାରଟି କରିବେ ତ ମୁଁ ଆଜୀବନ ଆପଣଙ୍କ ପାଖରେ— । ଉଃ !! ଉଃ !!!"

ଯନ୍ତ୍ରଣାରେ ନିଜର କଥା ଶେଷ କରି ନ ପାରି ସେ ବାଁ ହାତରେ ଖାଲିବି ହାତଟାକୁ ଟେକି ଖାଲି ଛଟପଟ ହୋଇ ସେଇ କାଠ-ବେଞ୍ଚଟା ଉପରେ ଗଡ଼ିବାକୁ ଲାଗିଲା ।

ଡାକ୍ତର ବାବୁ କହିଲେ—

"ଦେଖନ୍ତୁ, ଆମର ପ୍ରତ୍ୟେକ କାର୍ଯ୍ୟ ପାଇଁ ଆମେ ଶୃଙ୍ଖଳା ଓ ଆଇନ ନିକଟରେ ଦାୟୀ । ଆପଣଙ୍କଠି କ୍ଷତର କୌଣସି ଲକ୍ଷଣ ନ ଦେଖି ଅସ୍ତ୍ରୋପଚାର କରିବାକୁ ମୁଁ ଏହି କାରଣରୁ ପଶ୍ଚାତ୍ପଦ; ଆପଣତ ବୁଝି ପାରୁଛନ୍ତି—"

... "ନା, ନା, ସେ ଭୟ ଆପଣଙ୍କର ନାହିଁ । ମୁଁ ବର୍ତ୍ତମାନ ଏହି ମର୍ମରେ ଲେଖି ଦେବାକୁ ପ୍ରସ୍ତୁତ ଅଛି ଯେ, ଏହି ଅସ୍ତ୍ରୋପଚାରର

Digitized by srujanika@gmail.com

ସମସ୍ତ ଫଳାଫଳ—ଏପରିକି ଏହା ଫଳରେ ମୋର ମୃତ୍ୟୁ ହେଲେ ମଧ୍ୟ ଆପଣଙ୍କୁ କେହି ସେଥିପାଇଁ ଦାୟୀ କରି ପାରିବେ ନାହିଁ । ଆପଣ ଆଉ ବିଳମ୍ବ ନ କରି ଶୀଘ୍ର ଅସ୍ତ୍ରୋପଚାର କରନ୍ତୁ । ଜଳା-ପୋଡ଼ାରେ ମୋର କଙ୍କାଳର ହାଡ଼ ଗୁଡ଼ାକ ମଧ୍ୟ—ନା, ନା, ମୁଁ ଆଉ ସମ୍ଭାଳି ପାରିବି ନାହିଁ, ଡାକ୍ତର ବାବୁ—ଡାକ୍ତର ବାବୁ ! !”

ସେ ପୁଣି ଯନ୍ତ୍ରଣାରେ ବିକଳ ହେବାକୁ ଲାଗିଲା । ସ୍ୱୀକାରୋକ୍ତି ପତ୍ର ଇତ୍ୟାଦି ଲେଖା ସରିବା ପରେ ରୋଗୀ କମ୍ପିତ ହସ୍ତରେ ସେଥିରେ ଦସ୍ତଖତ କଲା, ଡାକ୍ତର ବାବୁଙ୍କ ପାଖରେ ଅପରେଶନ ପାଇଁ ପ୍ରସ୍ତୁତ ହୋଇ ବସିଲା । ଡାକ୍ତର ବାବୁ ଅଗତ୍ୟା ନୋଟ୍ ଗୁଡ଼ିକ ଭଲ କରି ପରୀକ୍ଷା କରି ଆଂଶିକ ନିଜର ନୈତିକ ଦାୟିତ୍ୱ କଥା ସ୍ମରଣ କରି ଆଉ ଅଂଶିକ “ପରୋପକାରାୟ ହିତାୟଚ” ନୀତିବାକ୍ୟ ସ୍ମରଣ କରି ରୋଗୀର ନିର୍ଦ୍ଦିଷ୍ଟ ସ୍ଥାନରେ ଅସ୍ତ୍ରାଘାତ କଲେ ।......

ତାର ଡାହାଣ ହାତ କବ୍‌ଜା ଉପରୁ ଅଧିକାଂଶ ମାଂସ କଟା ସରିବା ପରେ ଆଶ୍ୱସ୍ତିର ନିଶ୍ୱାସ ମାରି ରୋଗୀ ପ୍ରକାଶ କଲା—“ଖୁବ୍ ଆରାମ ଲାଗୁଚି ଡାକ୍ତର ବାବୁ, ଖୁବ୍ ଆରାମ ଲାଗୁଚି । ଆପଣ ଭଲରେ କଳ୍ପନା କରି ପାରିବେ ନାହିଁ, ମୁଁ ବର୍ତ୍ତମାନ କେଉଁ ପରିମାଣରେ ଆରାମ ଉପଭୋଗ କରୁଛି । ଆପଣଙ୍କୁ ଏଥିପାଇଁ ମୁଁ ସହସ୍ରଥର ଧନ୍ୟବାଦ ନ ଦେଇ ରହି ପାରୁ ନାହିଁ ।”

ତା ପରେ କଟା ସ୍ଥାନରେ ତୁଳାର ପଟି ଇତ୍ୟାଦି ବନ୍ଧା ସରିବା ପରେ ରୋଗୀ ଡାକ୍ତର ବାବୁଙ୍କୁ ଅନ୍ତର ଥରେ ଉଚ୍ଛ୍ୱସିତ କଣ୍ଠରେ ଧନ୍ୟବାଦ ଜଣାଇ ବିଦାୟ ଗ୍ରହଣ କଲା ।

\+ + + +

Digitized by srujanika@gmail.com

ଏକ ସପ୍ତାହ ପରର କଥା । ଡାକ୍ତର ବାବୁ ସ୍ତ୍ରୀଯୁ ପରୀକ୍ଷାଗାରରେ ବସି ଗୁ' ପାନରେ ନିରତ ଥିଲେ । ଠିକ୍ ସେହିପରି ସମୟରେ ସେହି ପୂର୍ବୋକ୍ତ ବ୍ୟକ୍ତିଟି ଦେଖାଗଲା । ତାର ଚେହେରା ପୂର୍ବାପେକ୍ଷା ଅଧିକ ମଳିନ ଦେଖାଯାଉଥିଲା । ତାର ଡାହାଣ ହାତରେ ପୂର୍ବପରି ବ୍ୟାଣ୍ଡେଜ୍ ବନ୍ଧା ହୋଇଥିଲା । ସେ ସେହି କ୍ଷତାକ୍ତ ହାତଟିକୁ ଉପରକୁ ଟେକି ଡାକ୍ତର ବାବୁଙ୍କ ଟେବୁଲ କଡକୁ ଆସି ଈଷତ୍ ମୁଣ୍ଡ ନୁଆଇଁ ତାଙ୍କୁ ଅଭିବାଦନ କଲା; ଡାହାଣ ହାତରେ ଅତ୍ୟଧିକ ଯନ୍ତ୍ରଣାବଶତଃ ସେ ହାତ ଉଠାଇ ସାଧାରଣ ରୀତିରେ ନମସ୍କାର କରି ପାରିଲାନି ବୋଧହୁଏ ।

ଡାକ୍ତର ବାବୁ ଜିଜ୍ଞାସୁ ଦୃଷ୍ଟିରେ ଅନେକ ବେଳଯାଏ ତାକୁ ଲକ୍ଷ୍ୟ କରି ପଚାରିଲେ—"କିପରି ଅଛ ?" ତା ପରେ ନିକଟସ୍ଥ ଗୋଟାଏ ଆରାମ ଚୌକି ଉପରେ ବସିବା ପାଇଁ ତାଙ୍କୁ ଇଙ୍ଗିତ କଲେ ।

ମାତ୍ର ଚଉକିରେ ନ ବସି ସ୍ପଷ୍ଟ କଣ୍ଠରେ ସେ ଜଣାଇଲା—"ନା, ଆପଣଙ୍କ ଅସ୍ତ୍ରୋପଚାର ଆଂଶିକ ସଫଳ ହୋଇଥିଲେ ହେଁ ପୂର୍ଣ୍ଣମାତ୍ରାରେ ସଫଳ ହୋଇନି ଡାକ୍ତର ବାବୁ !! ଆପଣ କ୍ଷତଟାର ଠିକ୍ ମୂଳ ଜାଗାରେ ଅସ୍ତ୍ରୋପଚାର କରିପାରି ନାହାନ୍ତି । ଆପଣ ମୋ ହାତର ଯେଉଁ ପର୍ଯ୍ୟନ୍ତ ଅପରେଶନ୍ କରିଥିଲେ, କ୍ଷତଟା କିନ୍ତୁ ତା' ଅପେକ୍ଷା ଅଧିକ ଗଭୀରତମ ଜାଗାରେ ଅବସ୍ଥିତ । ଅଧିକ ଉଠେଇ କରି ଏଥର ଆପଣଙ୍କୁ କାଟିବାକୁ ପଡ଼ିବ । କ୍ଷତଟା ସମୂଳେ ଉତ୍ପାଟନ ନ କଲା ପର୍ଯ୍ୟନ୍ତ ଏ ମରଣାନ୍ତକ ଯନ୍ତ୍ରଣାର ଉପଶମ ହେବ ନାହିଁ । ଉଃ, ମୁଁ ଭୟାନକ କଷ୍ଟ ପାଇଲିଣି । ଆପଣଙ୍କ ଅପରେଶନ୍ ହେବାର ଠିକ୍ ଦୁଇଦିନ ଯାଏ ମୁଁ ବେଶ ଶାନ୍ତିରେ ଥିଲି; ମନେ କରିଥିଲି କ୍ଷତଟା ବୋଧହୁଏ ଏଥର ଶୁଖି ଯିବ । କିନ୍ତୁ ୩ ଦିନ ନ ଯାଉଣୁ

Digitized by srujanika@gmail.com

ପୁଣି ପୂର୍ବଥର ଯନ୍ତ୍ରଣା ଅନୁଭୂତ ହେବାକୁ ଲାଗିଲା । ନା, ଆପଣ ଷଣ୍ଢଟାର ଠିକ୍ ମୂଳ ଜାଗାରେ କାଟି ଅସ୍ତ୍ରୋପଚାର କରିପାରି ନାହାନ୍ତି ଡାକ୍ତର ବାବୁ ! !"

ତା କଥାରେ ଆଶ୍ଚର୍ଯ୍ୟ ହୋଇ ଡାକ୍ତର ବାବୁ କହିଲେ—"ଆହୁରି ଗହ୍ୱଡ଼ଅ ! ତମେ କଣ ପାଗଳ ହେଲ ? ଇଏ ପରେ ପଣ୍ଡ ହାଡ଼ ପଡ଼ିବ ? ତମେ କଣ ଇମିତି ପିଲାଙ୍କ ପରି କହୁଛ ହେ ?"

ଷଣ୍ଢ ଜ୍ୱାଳାରେ ଅସ୍ଥିର ହୋଇ ରୋଗୀଟି ଜଣାଇଲା—"ହେଁ, ହେଁ ସେଇ ହାଡ଼କୁ ଲାଗି ଆପଣଙ୍କୁ ଏଥର କାଟିବାକୁ ପଡ଼ିବ । ସେଇ ହାଡ଼ ଦେଖା ନ ଯିବା ପର୍ଯ୍ୟନ୍ତ ଆପଣଙ୍କୁ ସବୁ ମାଂସ ଛେଲେଇ ଦେବାକୁ ହେବ; ନହେଲେ ସେ କ୍ଷତ ଲିଭିବ ନାହିଁ । ନା, ନା, ଆପଣ ମନା କରନ୍ତୁ ନାହିଁ ଡାକ୍ତରବାବୁ ! ଆପଣ ମୋତେ ଏ ଅସହନୀୟ ମୃତ୍ୟୁ-ଯନ୍ତ୍ରଣା କେବଳ ଅନୁଗ୍ରହ ପୂର୍ବକ ରକ୍ଷା କରନ୍ତୁ । ଉଃ ! କି ଯନ୍ତ୍ରଣା ! ! ଏହା ଅପେକ୍ଷା ମରିଯିବା ବରଂ ମୋ ପକ୍ଷରେ ଉତ୍ତମ ଥିଲା ।"

ତଥାପି ଡାକ୍ତର ବାବୁଙ୍କୁ ଅସ୍ୱୀକାର କରୁଥିବା ଦେଖି ରୋଗୀଟି ପକେଟରୁ ପୁଣି ବାଡ଼ ଏ ନୋଟ୍ କାଢ଼ି ତାଙ୍କ ଆଡ଼କୁ ବଢ଼ାଇ ଦେଲା ।

"ଲୋକଟା କଣ ପାଗଳ !"—ଡାକ୍ତର ବାବୁ ମନେ ମନେ ଭାବିବାକୁ ଲାଗିଲେ । କିନ୍ତୁ ତାର କଥାବାର୍ତ୍ତା ଶୁଣି ଚଳଣିରୁ ତାଙ୍କର ସନ୍ଦେହ ଅମୂଳକ ବୋଲି ମନେ ହେଲା ।

ସେ ପୁଣି ଅସ୍ତ୍ରୋପଚାର କରିବାକୁ ବାଧ୍ୟ ହେଲେ । କଙ୍କାଳ ହାଡ଼ ଦେଖାଯିବା ପର୍ଯ୍ୟନ୍ତ ସମସ୍ତ ମାଂସ କାଟି ସାରିବା ପରେ ଆନନ୍ଦିତ ହୋଇ ରୋଗୀ ପୁଣି କହିଲା—"ଏଥର ଆଉ ଭୟ ନାହିଁ ଡାକ୍ତର ବାବୁ ! ଏଥର ମୁଁ ଭଲେ ଆରୋଗ୍ୟ ହୋଇଯିବି । ଏହି ପରି ରକ୍ଷାକୁ

Digitized by srujanika@gmail.com

ମାଂସପିଣ୍ଡୁଡ଼ାକ ନ ଗଲା ପର୍ଯ୍ୟନ୍ତ ମୋ ମନରେ ଶାନ୍ତି ନ ଥିଲା । ଏଥର ସବୁ ନିର୍ମୂଳ ।। ଆଃ, କି ଆରାମ ଲାଗୁଛି ଡାକ୍ତର ବାବୁ ।।"

ତା ପରେ ଆନୁସଙ୍ଗିକ ବ୍ୟାଣ୍ଡେଜ୍ ଇତ୍ୟାଦି ବନ୍ଧା ସରିବା ପରେ ସେ ଆର ଥର ପରି ଆନନ୍ଦ ପୂର୍ଣ୍ଣ କଣ୍ଠରେ ଡାକ୍ତର ବାବୁଙ୍କୁ ଧନ୍ୟବାଦ ଜଣାଇ ଚାଲିଗଲା । ଗଲାବେଳେ କହିଗଲା—

"ପୁଣି ସପ୍ତାହକ ପରେ ମୁଁ ଆସିବି । ଆପଣ ସେଦିନ ଦେଖିବେ ଯେ, ଆପଣଙ୍କ ରୋଗୀଟି ପୂରା ଆରୋଗ୍ୟ ହୋଇଯାଇଛି । ହିଁ ଯଦି ଦୁର୍ଭାଗ୍ୟ ବଶତଃ ମୋ କ୍ଷତଟା ଏଥିଭିତରେ ଭଲ ନ ହୁଏ, ତା ହେଲେ ସେଦିନ କିନ୍ତୁ ଆପଣଙ୍କୁ ମୋର କବ୍‌ଜା ହାଡ଼ଟି କାଟିବାକୁ ପଡ଼ିବ । ଏ ହାଡଟାକୁ ଛିଣ୍ଡାଇ ନ ଦେଲାଯାଏ ଏ କ୍ଷତ କବଳରୁ ମୋର ମୁକ୍ତି ଅଛି ବୋଲି ମୋର ଭରସା ହେଉ ନାହିଁ । କିନ୍ତୁ ଯେତେଦୂର ସମ୍ଭବ, ଆଉ ବୋଧହୁଏ ଆମ ଭିତରୁ କାହାକୁ ଏହା ଅପେକ୍ଷା ବେଶୀ ଦୂର ଯିବାକୁ ପଡ଼ିବ ନାହିଁ । ଯେପରି ଜଣାଯାଉଛି, ଏଥିରେ ବୋଧହୁଏ ଘା'ଟା ନିଜ ସ୍ଥାନ ଶୁଖିଯିବ । ଏହି ଦୂଷିତ ମାଂସଗୁଡ଼ାକ ହିଁ କ୍ଷତର ନ ଶୁଖିବାର ମୂଳକାରଣ ଥିଲା ବୋଲି ବିଶ୍ୱାସ । ଆଃ, ସେଗୁଡ଼ାକ କାଟିଦେଲା ଉତ୍ତାରୁ କି ସୁଖ ଲାଗୁଛି ଡାକ୍ତର ବାବୁ ! ଅଚ୍ଛା, ନମସ୍କାର; ପୁଣି ଏକ ସପ୍ତାହ ପରେ ଦେଖା ।"

ଏତିକି କହି ରୋଗୀଟି ବାହାରିଗଲା । ଡାକ୍ତର ବାବୁ ମନକୁ ମନ ବସି ଏହି ଅଦ୍ଭୁତ କ୍ଷତଟାର କଥା ସ୍ମରଣ କରିବାକୁ ଲାଗିଲେ ।

—୨—

ଠିକ୍ ଏକ ସପ୍ତାହ ପରର କଥା । ଡାକ୍ତର ବାବୁ ବସି ଭାବୁଥିଲେ, ଏତେବେଳଯାଏ ରୋଗୀଟି ଆସିଲା ନାହିଁ କାହିଁକି ? ରୋଗୀଟିର ଅନୁପସ୍ଥିତି ତାଙ୍କ ମନ ଭିତରେ ଯୁଗପତ୍ ନାନା ଆଶା

Digitized by srujanika@gmail.com

ଅଜି ଅଶଙ୍କା ଜାତ କରୁଥିଲା । ବେଳେ ବେଳେ ସେ ଭାବୁଥିଲେ ଝିଅଟିର ବୋଧହୁଏ ଭଲ ହୋଇଗଲାଣି; ସେଥିପାଇଁ ବୋଧହୁଏ ଅଜି ଆଉ ଡାକ୍ତର ଆସିବା ଦରକାର ପଡ଼ିଲା ନାହିଁ । ପୁଣି ବେଳେ ବେଳେ ତାଙ୍କର ମନେ ହେଉଥିଲା—ଅଚ୍ଛା, ଅଜି ବେଶି କିଛି ଖରାପ ଅବସ୍ଥା ଅଡ଼କୁ ଗଡ଼ିଯାଇ ନାହିଁ ତ ? ସେ ଯେତିକି ସେ କଥା ଭାବୁଥିଲେ, ସେତିକି ଏହି ଅଦ୍ଭୁତ ଓ ଅଭିଶପ୍ତ ରୋଗୀଟି ପ୍ରତି ତାଙ୍କର ମନ ଭିତରେ ଗୋଟାଏ ପ୍ରଚ୍ଛନ୍ନ ସହାନୁଭୂତିର ଭାବ ଉଦ୍ରେକ ହେଉଥିଲା ।

ସକାଳ ଦଶଟା ବାଜିଲା; ତଥାପି ରୋଗୀଟିର ଦେଖା ନାହିଁ । ଡାକ୍ତର ବାବୁ ସ୍ଥିର କଲେ—"ଅଜି ବୋଧହୁଏ ଅଉ ସେ ଆସିବ ନାହିଁ ତା' ହେଲେ ।"

ଠିକ୍ ଏହି ସମୟରେ ପିଅନ୍ ଆସି ଖଣ୍ଡେ ଚିଠି ତାଙ୍କୁ ଦେଲା । ଡାକ୍ତର ବାବୁ ଚିଠିଟା ଖୋଲି ଦେଖିଲେ—ଏହା ସେହି ରୋଗୀ ନିକଟରୁ ଆସିଛି । ସେ କୌତୂହଳୀ ହୋଇ ଚିଠିଟା ପଢ଼ିବାକୁ ଲାଗିଲେ । ଚିଠିରେ ଲେଖାଥିଲା—

ସାତପଡ଼ା

ଡାକ୍ତର ବାବୁ, ତା—

ପ୍ରଣାମ । ଅଜି ମୋର ଆପଣଙ୍କ ସାଙ୍ଗରେ ଦେଖା କରିବାର କଥା ଥିଲା; କିନ୍ତୁ ଦେଖା କରିବାକୁ ମୁଁ ଅକ୍ଷମ । ତା ପରେ ଦେଖା କରି ବା ଅଧିକ କଣ ହେବ ? ମୋର ଜୀବନ-ଦୀପ କ୍ରମେ ଲିଭି ଆସୁଛି ! ମୁଁ ବୁଝିପାରୁଛି, ଖୁବ୍ ଜୋରରେ ଅଉ ଦୁଇ ତିନି ଦିନ ପରେ ଏହା ଦପ୍ କରି ଲିଭିଯିବ । କିଏ ଜାଣେ, ଏ ଚିଠିଟା ହୁଏତ ଆପଣଙ୍କ ହାତରେ ପଡ଼ିବା ଆଗରୁ ଏହି ଚିଠିର ହତଭାଗ୍ୟ ଲେଖକ ଅଉ ଏ ମର୍ତ୍ତ୍ୟଧାମରେ ନ ଥିବ !

Digitized by srujanika@gmail.com

ହଁ, ଆପଣଙ୍କୁ ଦୁଇଥର ଅଯଥା ପରିଶ୍ରମ କରାଇ ଯେଉଁ କଷ୍ଟ ଦେଇଛି, ମୁଁ ସେଥିପାଇଁ ଲଜ୍ଜିତ । ଯିବା ଆଗରୁ ସେଥିପାଇଁ ନତଜାନୁ ହୋଇ ଆପଣଙ୍କ ପାଖରେ କ୍ଷମାଭିକ୍ଷା କରୁଛି । ଅନ୍ତତଃରେ, ଆପଣ ମୋତେ କ୍ଷମା ଦେବେ ।

ଆପଣଙ୍କ ପାଖରେ ଅପରେଶନ କରାଇ ମୁଁ ଦୁଇ ତିନି ଦିନ ବେଶ୍ ସ୍ୱଚ୍ଛନ୍ଦରେ ଥିଲି । କ୍ଷତଟାର ଅସ୍ତିତ୍ୱ ମଧ୍ୟ ମୁଁ ଏକପ୍ରକାର ଭୁଲି ଯାଇଥିଲି ସେହି ସଂକ୍ଷିପ୍ତ ସମୟ ଭିତରେ । କିନ୍ତୁ ଯାହା ଦୁରାରୋଗ୍ୟ, ତାକୁ ଖୋଦ୍ ଭଗବାନଙ୍କର ରାଜବୈଦ୍ୟ ଧନ୍ୱନ୍ତରି ଆସିଲେ ବି ଭଲ କରିପାରିବେ ନାହିଁ । ସେଥିପାଇଁ ଆପଣଙ୍କୁ ମୁଁ ଦୋଷ ଦେବି କାହିଁକି ? ଏ କ୍ଷତ ଯେ ମୋର ମୃତ୍ୟୁର ବୀଜାଣୁ ଧରି ଆସିଥିଲା, ସେକଥା ମୁଁ ଆଜି ପରିଷ୍କାର ଭାବରେ ବୁଝି ପାରୁଛି । ଏ କ୍ଷତ ତ ମୋର ଡାହାଣ ହାତର କହୁଣୀରେ ନୋହି ନାହିଁ ଯେ ଆପଣ ଅପରେଶନ୍ କରି ଉଡ଼ାଇଦେବେ । ଏ କ୍ଷତ ମୋର ଦୁର୍ବଳ ମନର, ଏ କ୍ଷତ ମୋର ଜରାଜୀର୍ଣ୍ଣ ସ୍ୱାସ୍ଥ୍ୟଚ୍ୟୁତ ଭଗ୍ନ ଅସ୍ଥିର । ଆପଣଙ୍କ ଛୁରୀ କଣ ତାକୁ ସ୍ପର୍ଶ କରିପାରିବ ? ଏ କ୍ଷତର ଜୀବାଣୁ ମୋର ସର୍ବାଙ୍ଗରେ, ଆପଣ ଆଶ୍ଚର୍ଯ୍ୟ ହେବେ ନାହିଁ ଡାକ୍ତର ବାବୁ ! ଆପଣଙ୍କର ଶରୀରତତ୍ତ୍ୱ ସମ୍ବନ୍ଧୀୟ କେତାବରେ ଏହି ରକମ ଅଦୃଶ୍ୟ କ୍ଷତର ବିବରଣୀ ନାହିଁ ବୋଲି ଆପଣ ଭାବିବେ ନାହିଁ ଯେ, ଏହା ଅଳୀକ ସ୍ୱପ୍ନ କିମ୍ବା ପାଗଳର ପ୍ରଳାପ ମାତ୍ର । ଏ କ୍ଷତର କାହାଣୀ ବଡ଼ ବିଚିତ୍ର ।

ହଁ, ସେ ଅନେକ ଦିନର କଥା—ମୋର ବାହା ହେବାର ଠିକ୍ ଏକ ମାସ ପରର କଥା ହେଲେ ପର ମନେ ପଡ଼ୁଛି ।

× × × ×

ମୁଁ ବିଭା ହୋଇଥିଲି ଅନ୍ୟ ଦଶ ଜଣଙ୍କ ପରି ନୁହଁ । ପିତା ମାତା ବା ଜ୍ଞାତିବର୍ଗଙ୍କ ଅନୁଶାସନରେ ନିଜର ଇଚ୍ଛା ବିରୁଦ୍ଧରେ ନୁହେଁ; ନିଜର ଇଚ୍ଛା ଅନୁସାରେ ପ୍ରେମରେ ପଡ଼ି ମୁଁ ବିଭା ହୋଇଥିଲି । ଏପରି ସଫଳ ବିବାହର ସୁଯୋଗ ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ସହଜରେ ଘଟିଥାଏ । ମୋର ସ୍ତ୍ରୀ ଆଉ ମୁଁ ଥିଲୁ ପରସ୍ପରର ରୂପ-ଗୁଣରେ ସାଙ୍ଘାତିକ ମୁଗ୍ଧ । ଏତେ ନିବିଡ଼ ଭାବରେ ଆମ ଦୁହିଙ୍କ ପରି ଦୁନିଆରେ କେହି କାହାକୁ ଭଲ ପାଇପାରୁ ନ ଥିବେ ବୋଧହୁଏ । ଆମେ ପରସ୍ପରର ଏତେ ପ୍ରିୟ ଥିଲୁଁ ଯେ, ଘଣ୍ଟାଏ ପାଇଁ ମଧ୍ୟ ଆମ ଭିତରୁ କେହି କାହାର ପାଖରୁ ଅନ୍ତର ହେଲେ ଆମକୁ 'ଯୁଗ' ପରି ଲାଗୁଥିଲା । ବିବାହର ଅନୁଷ୍ଠାନିକ ଉତ୍ସବାଦି ଶେଷ ହେବା ପରେ ମୁଁ ନଗରର କୋଳାହଳ ଛାଡ଼ି ନୀଳଗିରିରେ 'ମଧୁଯାମିନୀ' ଉଦ୍‌ଯାପନ କରିବା ଅଭିପ୍ରାୟରେ ମୋର ଗୋଟିଏ ନିକାଞ୍ଚନ ପଲ୍ଲୀ-ବଙ୍ଗଳାରେ ଆସି ସସ୍ତ୍ରୀକ ବାସ କରିବାକୁ ଲାଗିଲି । ପଲ୍ଲୀର ସ୍ୱାଭାବିକ ଶ୍ରୀ ଆମର ପ୍ରଥମ ମିଳନ ପକ୍ଷରେ ଖୁବ୍ ଉତ୍ସାହଜନକ ଏବଂ ଅନୁକୂଳ ହୋଇଥିଲା । ଦିଗନ୍ତ-ବିଲୀନ ସୋନେଲି ଆଉ ସବୁଜ କ୍ଷେତ ମଝିରେ ଜହ୍ନ ରାତିରେ ହାତ ଧରାଧରି ହୋଇ ବୁଲିବା ବେଳେ ଆମେ ଦୁହେଁ ଯାକ ମନେ କରୁଥିଲୁଁ, ଆମେ ଦୁହେଁ ଯେପରି ଅନାଦି ଯୁଗର ସାଥୀ !! ଗୋଟାଏ ଅହେତୁକ ଆନନ୍ଦର ଉନ୍ମାଦନାରେ ଆମର ମନେ ହେଉଥିଲା, "ଆମକୁ ଛଡ଼ା ସୁଖୀ ପୃଥିବୀରେ ଆଉ କିଏ ଅଛି ?"

ନାଁ ଟି ଥିଲା ତାର ଠିକ୍ ତାର ସ୍ୱଭାବ ପରି ମଧୁର ଆଉ ଶ୍ରୁତିଗ୍ରାହ୍ୟ । "ବେଣୁ"—ଏହି ଛୋଟ ନାଁ ଟି ତାର ଖାଲି ବ୍ୟାବହାରିକ ବା ଉଚ୍ଚାରଣଗତ ସୁବିଧା ଦୃଷ୍ଟିରୁ ନୁହେଁ, ଅଥବା ଉପରେ ତାର ପରିତୋଷିଣୀ ପ୍ରଭାବ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା । ତାର ମଧୁର ବ୍ୟବହାରର ଲାଳିତ୍ୟ ସଙ୍ଗେ ଏହି ଉପଯୁକ୍ତ ନାମଟିର

Digitized by srujanika@gmail.com

ଯେ କପଟ ସାମଞ୍ଜସ୍ୟ ରହୁଥିଲା, ତାହା ଏକାସଙ୍ଗରେ ଦୂରହିଯାଇ କପଟ ଅନୁଭବ ନ କଲେ ବୁଝିହେବ ନାହିଁ । ରେଣୁ କିନ୍ତୁ ମୋ ଠାରୁ ଭଲ ପାଉଥିଲା ମୋ ଅପେକ୍ଷା ବେଶି । ତା ପରି ସୁନ୍ଦରୀ ଆଉ ଗୁଣବତୀ ପତ୍ନୀର ସ୍ନେହ ଭଣ୍ଡାରର ଏକମାତ୍ର ଅଧିକାରୀ ହୋଇ, ମୁଁ ନିଜେ ମଧ୍ୟ ନିଜର ସୌଭାଗ୍ୟକୁ ବିଶ୍ୱାସ କରିପାରୁ ନ ଥିଲି । ସର୍ବୋପରି ମୁଗ୍ଧ କରିଥିଲା ମୋତେ ରେଣୁର ଅଟଳ ପାତିବ୍ରତ୍ୟ ଓ ସରଳ ବାଳିକାସୁଲଭ ନିର୍ମଳ ନିଷ୍ଠା । ନାରୀ ଯେ ଜଣେ ପୁରୁଷକୁ ପ୍ରାଣ, ମନ ଦେଇ ଏତେ ଅଳ୍ପଦିନ ଭିତରେ ଏପରି ଆତ୍ମାର ଘନିଷ୍ଠତା ସହିତ ଏକାନ୍ତ ନିଜର କରି ନେଇ ପାରେ, ସେ କଥା ମୋ ପତ୍ନୀର କୋମଳ ସାହଚର୍ଯ୍ୟ ଲାଭ କରି ନ ଥିଲେ ମୁଁ ବୁଝି ପାରିଥାନ୍ତି କି ନାହିଁ, ସନ୍ଦେହ । ସର୍ବାପେକ୍ଷା ଯାହା ମୋ ପ୍ରାଣରେ ଶାନ୍ତିର ଅବିରଳ ଉତ୍ସ ସ୍ୱରୂପ ଥିଲା, ତାହା ହେଉଛି ରେଣୁର ହରିଣୀ ପରି ସ୍ନେହ ଦୁଇଟି ସରଳ ଆଉ ନିରୀହ ଆଖି !! ବାସ୍ତବିକ୍ ଏତେ ପବିତ୍ର ଆଉ ନିର୍ଦ୍ଦୋଷ ଚାହାଣି ମୁଁ ଅନ୍ୟ କୌଣସି ସ୍ତ୍ରୀଲୋକଠାରେ ଦେଖିଛି ବୋଲି ମନେ ପଡ଼ୁ ନାହିଁ । ତାର ପୁଣ୍ୟମୟ ନିର୍ମଳ ପ୍ରାଣର ସମସ୍ତ ଦୀପ୍ତି ଯେପରି ସେହି ସ୍ନେହ ଚକ୍ଷୁ ଦୁଇଟି ଭିତରେ ସେ ବାହାରକୁ ପଠାଇ ଦେଉଥିଲା । ବାସ୍ତବିକ୍ ନାରୀ ଯେ କପରି ସ୍ୱୀୟ ନିଷ୍ଠାବଳରେ ସଂସାର ନିମ୍ନସ୍ତରଙ୍କ ଅଭି ପରି ପବିତ୍ର ଆଉ ପାପନାଶକ ପ୍ରଭାବର ଅଧିକାରିଣୀ ହୋଇପାରେ, ତାହା ରେଣୁର ସାନ୍ନିଧ୍ୟ ବ୍ୟତୀତ ଅପଣ ଧାରଣା କରି ପାରନ୍ତେ ନାହିଁ କେବେ ହେଲେ । ମୋର ତ ସେ ଦିନ ଦୃଢ଼ ଧାରଣା ହୋଇଥିଲା ଯେ, ପୃଥିବୀରେ ଯାହା କିଛି ସର୍ବୋତ୍ତମ, ଯାହା କିଛି ପବିତ୍ରତମ, ସେ ସମସ୍ତକୁ ଠୁଳ କରି ବିଧାତା ମୋ ସ୍ତ୍ରୀଠି ବିନ୍ୟାସ କରିଛନ୍ତି ।

Digitized by srujanika@gmail.com

କିନ୍ତୁ ଏତେ ଅବମିଶ୍ର ସୁଖ ମୋର ପୋଡ଼ା କପାଳରେ ବେଶି ଦିନ ସହିଲା ନାହିଁ । ମୋର ଅତ୍ୟଧିକ ଅନୁରାଗର ପ୍ରତିକ୍ରିୟା ସ୍ୱରୂପ ବେଳେ ବେଳେ ଗୋଟାଏ କାପୁରୁଷ ସନ୍ଦେହ କୁଣ୍ଡଳୀ ପରି ମୋ ଆତ୍ମାରେ ଆସି ବାନ୍ଧିବାକୁ ଲାଗିଲା; ମୋ ମନ ଭିତରେ ସ୍ୱତଃ ଗୋଟାଏ ପ୍ରଶ୍ନ ଜାଗି ଉଠିଲା—"ବାସ୍ତବିକ୍ ଏତେ ସୁଖ, ଏତେ ପ୍ରେମ କଣ ପୃଥିବୀରେ କେବେ ସମ୍ଭବ ହୋଇ ପାରେ ? ମୋ ସ୍ତ୍ରୀ ମୋ ସଙ୍ଗେ ପ୍ରତାରଣା କରୁ ନାହିଁ ତ ?" କିନ୍ତୁ ମୋ ସ୍ତ୍ରୀର ସରଳ ମାଧୁର୍ଯ୍ୟ, ଆଉ ନିର୍ଦ୍ଦୋଷ ଗୃହିଣୀ ମୋର କ୍ଷୁଦ୍ର ସନ୍ଦେହକୁ ଲଜ୍ଜିତ କରି ଦେଉଥିଲା ।

ମୁଁ ମୋର ନୀଚ ସନ୍ଦେହକୁ ପ୍ରାଣପଣେ ବିତାଡ଼ିତ କରି ଦେଉଥିଲେ ମଧ୍ୟ ମୋର ଅଜ୍ଞାତସାରରେ ମୋର ଚକ୍ଷୁ ଦୁଇଟା ରେଣୁର ସମସ୍ତ କାର୍ଯ୍ୟ ପଛରେ ସଶସ୍ତ୍ର ପ୍ରହରୀ ପରି ସବୁବେଳେ ପହରା ଦେବାକୁ ଲାଗିଲା ।

ହଁ, କହିବାକୁ ଭୁଲି ଯାଇଛି—ସେହି ଟଙ୍କୀ ଅଞ୍ଚଳରେ ମୋର ସ୍ତ୍ରୀର ଜଣେ ବାଲ୍ୟସଙ୍ଗିନୀ ଥିଲେ । ସେ କୁଆଡ଼େ ପିଲାଦିନେ ମୋ ସ୍ତ୍ରୀ ସଙ୍ଗେ ସଙ୍ଗାତ ବସିଥିଲେ । ଦୁହେଁ ଏକ ଗ୍ରାମରେ ବାଲ୍ୟକାଳ ଅତିବାହିତ କରି ଆସିଥିଲେ; ଗତ କେତେ ବର୍ଷ ହେଲା ବିବାହିତ ହୋଇ ମୋ ସ୍ତ୍ରୀର ବନ୍ଧୁଟି ଏହି ଅଞ୍ଚଳରେ ତାଙ୍କର ସ୍ୱାମୀଙ୍କ ସହିତ ବାସ କରୁଛନ୍ତି । ତାଙ୍କ ସ୍ୱାମୀ ମଧ୍ୟ ଖୁବ୍ ବଡ଼ ଲୋକ—ଜଣେ ଜମୀଦାର । ଆମର ଏଠାକୁ ଆସିବା ଖବର ଶୁଣି ସେ ସ୍ୱାମୀଙ୍କ ସଙ୍ଗେ ତାଙ୍କର ମୋଟର ନେଇ ମୋ ସ୍ତ୍ରୀକୁ ତାଙ୍କ ଘରକୁ ନିମନ୍ତ୍ରଣ କରି ନେଲେ । ତା ପରେ ବରାବର ତାଙ୍କର ନିମନ୍ତ୍ରଣ ରକ୍ଷା କରି ମୋ ସ୍ତ୍ରୀକୁ ତାଙ୍କ ଘରକୁ ଅନେକ ଥର ଯିବା-ଆସିବା କରିବାକୁ ପଡ଼ିଛି ।

ଦିନେ ଦୈବ-ଦୁର୍ଯୋଗରୁ ହଠାତ୍ ଆବିଷ୍କାର କଲି ଯେ, ରେଣୁର ଗୃହ ମୁଟାଟା ସବୁବେଳେ ଅଯତ୍ନ ଭାବରେ ଏଠି ସେଠି

Digitized by srujanika@gmail.com

ପଡ଼ି ରହିଛି । ସେହି ଚିଠି ବ୍ୟାଗ୍ ଭିତରେ ତାର ପ୍ରାପ୍ତ ପ୍ରତ୍ୟେକ ବାକ୍ସ, ଟ୍ରଙ୍କ୍‌ର ଚିଠି ଗୁଡ଼ା ରହିଥିଲା; ଏପରିକି ତାର ବହୁମୂଲ୍ୟ ରୌପ୍ୟନିର୍ମିତ ଗହଣା-ବାକ୍ସର ଚିଠି ମଧ୍ୟ ତା ସହିତ ବେପରବା ଭାବରେ ପୋଡ଼ା ହୋଇଥିଲା । କେବଳ ଗୋଟିଏ ଚିଠି ସେହି ବ୍ୟାଗ୍ ଭିତରେ ନ ଥିଲା । ତାହା ହେଉଛି ତାର ଗ୍ଲେଟ କାଠରେ ତିଆରି ହାତ-ବାକ୍ସର ଚିଠି । ସେହି ଚିଠିଟିକୁ ଯେ ସେ ବିଶେଷ ଯତ୍ନର ସହିତ ଅନ୍ୟମାନଙ୍କଠାରୁ ଗୋପନ କରିବାକୁ ଚେଷ୍ଟା କରୁଛି, ଏହା ମୁଁ ସେହି ମୁହୂର୍ତ୍ତରେ ବୁଝିପାରିଥିଲି । ସଙ୍ଗେ ସଙ୍ଗେ ଏହା ମଧ୍ୟ ମୋର ଅନୁମାନ କରି ନେବାକୁ ବିଳମ୍ବ ହୋଇ ନ ଥିଲା ଯେ, ସେହି ହାତ-ବାକ୍ସଟି ଭିତରେ ନିଶ୍ଚୟ ତାର ଏପରି କିଛି ଜିନିଷ ରଖା ହୋଇଛି, ଯାହାକୁ ସେ ଖୁବ୍ ସତର୍କତା ସହିତ ଅନ୍ୟମାନଙ୍କ ପାଖରୁ ଲୁଚାଇ ରଖିବାକୁ ଚେଷ୍ଟା କରୁଛି । ମନ ଭିତରେ ଏହି ଧରଣର ଗୋଟାଏ ଜଘନ୍ୟ ସନ୍ଦେହ ମୁଣ୍ଡ ଟେକି ଛିଡ଼ା ହେବା ମାତ୍ରକେ ମୁଁ ଗୋଟାଏ କଠୋର ମାନସିକ ଯନ୍ତ୍ରଣାରେ ଖାଲି ଛଟପଟ ହେବାକୁ ଲାଗିଲି ।

ମୋ ସ୍ତ୍ରୀର ଯେ ମୋ ନିକଟରୁ କିଛି ଗୋପନୀୟ ରହିପାରେ, ଏ କଳ୍ପନାକୁ ମଧ୍ୟ ମୁଁ ପ୍ରଶ୍ରୟ ଦେଇ ପାରିଲି ନାହିଁ ଜମା ସେତେବେଳେ, ମୋର ବାରମ୍ବାର ମନେ ହେବାକୁ ଲାଗିଲା ଯେ, ମୁଁ ତାର ଭର୍ତ୍ତା; ତାର ପ୍ରତ୍ୟେକ ବିଷୟ ଜାଣିବାର ଅଧିକାର ମୋର ନ୍ୟାଯ୍ୟତଃ ରହିଛି । ମୋର ଦଖଲ୍-ସତ୍ତ୍ୱର ବାହାରେ ତାର ସାମାନ୍ୟ ଟିକିଏ ସ୍ୱାଧୀନତା ମଧ୍ୟ ମୁଁ ପସନ୍ଦ କରି ପାରିଲି ନାହିଁ କୌଣସି ମତେ । ତା ପରେ ଗୋଟାଏ ଜଘନ୍ୟ ପାଶବିକ ହିଂସ୍ର ସ୍ୱଭାବ ହଠାତ୍ ଦାନ୍ତ ନିକୁଟି ମୋ ହୃଦୟ ମଧ୍ୟରେ ଛିଡ଼ାହେଲା । ରେଣୁର ସୁନ୍ଦର ମୁହଁଟିର କରୁଣ ସ୍ମୃତି ଯେତେ ପ୍ରତିବାଦ କଲା, ତାର ଅତୀତର ନିର୍ଦ୍ଦୋଷ ବ୍ୟବହାର ଯେତେ ମୋର ନୀଚ ମନୋଭାବ ବିରୁଦ୍ଧରେ ସାକ୍ଷ୍ୟ

Digitized by srujanika@gmail.com

ପ୍ରଦାନ କଲ, କିନ୍ତୁ ହେଲା ନାହିଁ—ସବୁ କୁଆଡ଼େ ପାଣି ଫାଟି ଗଲା । ସେ ଦିନ ସନ୍ଧ୍ୟାରେ ବେଣୁ ତାର ସେହି ମହିଳା ବନ୍ଧୁଙ୍କ ଘରକୁ କଣ ଗୋଟାଏ ନିମନ୍ତ୍ରଣରେ ଯାଇଥିଲା । ମୁଁ ଏକୁଟିଆ ଘରେ ଅପରାହ୍ନର ସେହି ଅସ୍ପଷ୍ଟ ଅନ୍ଧକାର ଭିତରେ କଣ ଭାବିଭାବି ସୋଫାରେ ବସି ଭାବୁଥିଲି । ହଠାତ୍ ମୋର ମନେ ହେଲା—ଅଚ୍ଛା, ଏତିକିବେଳେ ବେଣୁର ହାତବାକ୍ସଟା ଖୋଲି ଦେଖିଲେ କିପରି ହୁଅନ୍ତା ? କଥାଟା ମନେ ପଡ଼ିଯିବା ସଙ୍ଗେ ସଙ୍ଗେ ମୁଁ ଗୋଟାଏ ହାତୁଡ଼ି ଆଉ କିଛାଣି ଧରି ଉଠିପଡ଼ିଲି । ନାନା ଏହି ଦୁଶ୍ଚିନ୍ତା ଆଉ ସନ୍ଦେହ କବଳରୁ ଯେ କୌଣସି ମତେ ମୋତେ ଆଜି ମୁକ୍ତ ହେବାକୁ ହେବ । ଏହି ସନ୍ଦେହର ସମସ୍ତ ଇନ୍ଧନ ମୁଁ ଆଜି ନିଜ ହାତରେ ଦୂର କରିଦେବି; ନୋହିଲେ ମୋତେ ଯେ ଶେଷରେ ସେଥିରେ ଜଳିପୋଡ଼ି ମରିବାକୁ ହେବ ।

ବାକ୍ସଟାକୁ ଭାଙ୍ଗି ଦେଖିଲି ସେଥିରେ ଗୋପନ ବୋଲି ଭଳିଆ ଜିନିଷ କେଉଁଠି କିଛି ନ ଥିଲା । ବହୁଦିନର ଗୋଟାଏ ବିଷାକ୍ତ ଆଶଙ୍କା କବଳରୁ ନିଜକୁ ମୁକ୍ତ ହେବାର ଦେଖି ପରମ ଆନନ୍ଦରେ ବାକ୍ସଟାକୁ ବନ୍ଦ କରିବାକୁ ଯାଉଛି, ହଠାତ୍ ଏହିପରି ସମୟରେ ହଳଦିଆ ରଙ୍ଗର ଗୋଟାଏ ଲଫାଫା ଉପରେ ସତେଲିକା ପିମିତ କଣ ଗୋଟାଏ ଦେଖି ପାରିଲି । କମ୍ପିତ ହାତରେ ଲଫାଫାଟାକୁ ଖୋଲି ଦେଖିଲି—ତା ଭିତରେ କେତେଗୁଡ଼ାଏ ଚିଠି । ହାତଟା କେଜାଣି କାହିଁକି ମୋର ଭାରି ଜୋରରେ ଥରୁଥିଲା; ତେବେ ତାହା ଭୟରେ ନୁହେଁ—ଗୋଟାଏ ଉଦ୍‌ବେଳ ଆଶଙ୍କାରେ । ମୋର ମନେ ହେଉଥିଲା, ସତେ ଯେପରି ଗୋଟାଏ ଦୁଃସମ୍ବାଦ ସେଇ ଚିଠି ଭିତରେ ଲୁଚି ରହିଛି । ତାକୁ ଖୋଲି ଦେଲା ମାତ୍ରକେ ଗୋଟାଏ ଅଶରୀରୀ ଦୈତ୍ୟର ଦୂଷିତ ନିଃଶ୍ୱାସ ପରି ତାହା ଯେପରି ମୋର ଭବିଷ୍ୟତରେ ସମସ୍ତ

Digitized by srujanika@gmail.com

ଜନ୍ମ ଲଗ୍ନଟାକୁ ଅଙ୍କ ପିଟୁଲାବେଳେ ଅବୃତ କରି ପକାଇବ । ଶନିଗ୍ରହର ନିଷ୍ଠୁର ଘୋଷଣା ପରି ତାହା ଯିମିତ ଇଲଟେ ମୋର ଜୀବନର ସମସ୍ତ ମଙ୍ଗଳକୁ ଚୁରମାର କରି ଦେଇଯିବ !!!

ଚିଠି ଗୁଡ଼ାକ ଗୋଟି ଗୋଟି କରି ଖୋଲି ଦେଖିଲି—ସବୁ ଗୁଡ଼ିକ ରେଣୁ ପାଖକୁ ଲେଖା । ତଳେ ଲେଖା ହୋଇଛି କେଉଁଥିରେ "ତମର ଅଯୋଗ୍ୟ ପ୍ରଣୟୀ", କେଉଁଥିରେ 'ତମର—ସେଇ' ଇତ୍ୟାଦି ଇତ୍ୟାଦି । ଚିଠିର ସମ୍ବୋଧନ ପଢ଼ି ମୋର ରକ୍ତ ଅଧିକ ତାତି ଉଠିଲା । କେଉଁଥିରେ ଲେଖା ହୋଇଛି—'ହୃଦୟର ରାଣୀ ରେଣୁ'; କେଉଁଥିରେ "ପ୍ରିୟା ମୋର"; କେଉଁଥିରେ ପୁଣି "'ରେଣୁ, ଆଦରର ରେଣୁ—ମୋର !"; କେଉଁଥିରେ ବା ଖାଲି "ରେଣୁ" ଇତ୍ୟାଦି । ରେଣୁ ବିଶ୍ୱାସଘାତିନୀ—ଏହି ନିଷ୍ଠୁର ସତ୍ୟକୁ ବିଶ୍ୱାସ କରିବା ପାଇଁ ଜମା ସାହସ ହେଲା ନାହିଁ ମୋର । ଦୁଇ ମିନିଟ ଯାଏ ନିସ୍ତବ୍ଧ ହୋଇ ବସି ପଡ଼ିଲି । ତା ପରେ ମନକୁ ମନ ବୁଝାଇ ପୁଣି ଚିଠି ଗୁଡ଼ାକ ପଢ଼ିବାକୁ ଲାଗିଲି ।

ଚିଠି ଗୁଡ଼ାକ ପଢ଼ିସାରି ରାଗରେ ମୋର ଲୋମକୂପଗୁଡ଼ାକ ମଧ୍ୟ ତଳେ ଛିଂସା ପିଇଲା ପରି ଯନ୍ତ୍ରଣା ଅନୁଭବ କଲେ । ଛି ! ଛି ! ରେଣୁ ପୁଣି ଏଡ଼େ ନୀଚ !! ସ୍ତ୍ରୀ ଲୋକଗୁଡ଼ାକ ପୁଣି ଏଡ଼େ କୁତ୍ସିତ ସ୍ୱଭାବ !!

ଆମ ବିବାହ ପୂର୍ବର ଏହି ନିକାଞ୍ଚନ ପଲ୍ଲୀ ଅଞ୍ଚଳକୁ ଆସି ମଧ୍ୟ ଯେ ରେଣୁ ତାର ପ୍ରଣୟୀ ସଙ୍ଗେ ଗୁପ୍ତ ସାକ୍ଷାତ କରେ, ଅଜ ଏପରିକି ତାକୁ ଶରୀର ଦାନ ମଧ୍ୟ କରେ, ଏକଥା ସେହି ଚିଠିର ତାରିଖ ଓ ନାନା ସ୍ଥାନରୁ ନାନା ଭାବରେ ପ୍ରକଟିତ ହୋଇ ଉଠିଥିଲା । ଖାଲି ଏତିକି ନୁହେଁ, ରେଣୁ ଯେ ଖୁବ୍ କୌଶଳର ସହିତ ତାର ସରଳ ସ୍ୱାମୀଟି ସଙ୍ଗେ ପ୍ରେମର ଅଭିନୟ କରି ତାକୁ ଏ ପର୍ଯ୍ୟନ୍ତ ବୋକା ବନାଇ

Digitized by srujanika@gmail.com

ପାରିଛି, ଏଥିପାଇଁ ତାର ଚାତୁରୀର ଅଜସ୍ର ପ୍ରଶଂସା ମଧ୍ୟ ସେ ଚିଠିର ସ୍ଥଳ ବିଶେଷରେ କରିଯାଇଥିଲା । ଚିଠିଟା ପଢ଼ି ଭାବିବାକୁ ଲାଗିଲି, ପ୍ରକୃତରେ କି ବୋକା, କି ସରଳ ବିଶ୍ୱାସୀ ମୁଁ ! ମୋର ବୋକାମୀର ସୁଯୋଗ ନେଇ ଦ୍ୱିଚାରିଣୀ ମଧ୍ୟ ଏତେ ଦିନଯାଏ ମୋ ଆଖିରେ ସତୀ ସାବିତ୍ରୀ ହୋଇ ବସିଛି; ଆଉ ମୁଁ କାୟମନୋବାକ୍ୟରେ ତାର ଶୁଦ୍ଧ ଚରିତ୍ର ଉପରେ ଆଜିଯାଏ ସେହିପରି ଅଚଳନ୍ତ ବିଶ୍ୱାସ କରି ଆସିଛି ।

ଦୂରରେ ମଟରର ହର୍ଣ୍ଣ ଶୁଣାଗଲା । ରେଣୁ ଫେରି ଆସୁଛି ବୁଝିପାରି ମୁଁ ତାର ଚିଠିଗୁଡ଼ିକ ଯଥାସ୍ଥାନରେ ରଖିଦେଇ କିଛି ନ ଜାଣିଲା ପରି ବୈଠକଖାନାକୁ ବାହାରି ଗଲି । ରେଣୁ ଫେରିଆସି ଲୁଗା ପଟା ପାଲଟିବା ପାଇଁ ଶୋଇବା ଘରକୁ ନ ଯାଇ ସିଧା ମୋ ପାଖକୁ ଆସି ମୁଁ ଖାଇଛି କି ନାହିଁ ପଚାରିଲା । ତାର ଫେରି ଆସିବା ପାଇଁ ଟିକେ ଡେରି ହୋଇ ଯାଇଥିବାରୁ କିଛି କେହି ନ କହିଲେ ମଧ୍ୟ ସେ ମୋ ପାଖରେ ବିନୟର ସହିତ ଦୁଃଖ ପ୍ରକାଶ କଲା । ତା ପରେ ମୋର ଘର୍ମାକ୍ତ ବିବର୍ଣ୍ଣ କପାଳଟାକୁ ଲକ୍ଷ୍ୟ କରି ନିଜେ ପଙ୍ଖା ଆଣି ମୋତେ ବିଞ୍ଚି ବସିଲା । ମୁଁ ମଧ୍ୟ ତା ସଙ୍ଗେ ହସି ହସି ଖୁବ୍ ଉତ୍ସାହର ସହିତ କଥାବାର୍ତ୍ତା ଚଳାଇଲି । ମୁଁ ଯେ ତାକୁ ସନ୍ଦେହ କରିଛି, ଏ କଥା ସେ ଯେପରି ଘୃଣାକ୍ଷରେ ସୁଦ୍ଧା ବୁଝି ନ ପାରେ, ଏଥିପାଇଁ ସମସ୍ତ ଚାତୁରୀ ପ୍ରୟୋଗ କରିବାକୁ ମୁଁ ତ୍ରୁଟି କରି ନ ଥିଲି ।

ମୋତେ ବହୁକ୍ଷଣ ପର୍ଯ୍ୟନ୍ତ ବିଞ୍ଚିବା ପରେ ଯେତେବେଳେ ମୋ ଦେହରୁ ଝାଳ ମଲା ନାଇ, ସେତେବେଳେ ବିଞ୍ଚଣା ଛାଡ଼ି ସେ ତାର ନିଜ ଅଞ୍ଚଳରେ ମୋ କପାଳରୁ ଝାଳ ପୋଛି ଦେଲା । ମୁଁ ପରମ ଆଶ୍ୱସ୍ତିରେ ଆଖି ବୁଜି ତାର ସେବା ଗ୍ରହଣ କଲି; କିନ୍ତୁ ମନେ ମନେ ଭାରି ହସ ମାଡ଼ୁଥାଏ । ଭାବୁଥାଏ, 'ଏତେ ଦିନ ତ ବେଶ୍ ବୋକା

Digitized by srujanika@gmail.com

ତା ବେକକୁ ଦୁଇ ହାତରେ ଅସ୍ତ୍ରେ କରି ଚପିଲି । ଖୁବ୍ ଅସ୍ତ୍ରେ । ପ୍ରଥମ ରଜନୀର ଲଜ୍ଜାନମ୍ର ନବ ବଧୂର କୋମଳ ଗ୍ରୀବା ଅକର୍ଷଣ କରି ଯେପରି ପ୍ରେମିକର କଙ୍କଣ-ପୀଡ଼ନ ଅନୁଭୂତ ହୁଏ ! ତା ଅଖି ଦୁଇଟି ଅଡ଼କୁ ଗୁହିଁଲି । ତାହା ପ୍ରେମରେ ସେହିପରି ଛଳଛଳ, ସେହିପରି ଉଜ୍ଜ୍ୱଳ ଦେଖାଯାଉଥିଲା । ଘାତଟା ମୋର ଫେରି ଦାବିଗଲା; କିନ୍ତୁ ଅଉ ନୁହେଁ ! ଏ ଦୁର୍ବଳତା ମୋତେ ଘୁଞ୍ଚିବାକୁ ହେବ ? ମୋର ଦୃଢ଼ମୁଷ୍ଟିର ନିଷ୍ପେଷଣ ଭିତରେ ତାର ସତେଜ ଗ୍ରୀବା ନୀଳବର୍ଣ୍ଣ ଦେଖାଗଲା । ତାର ଟ୍ଳେଟ ଟ୍ଳେଟ ନିର୍ଦ୍ଦୋଷ ଚକ୍ଷୁ ଦୁଇଟି ଭିତରୁ ଦୁଇଟୋପା ଗାଢ଼ ନୀଳବର୍ଣ୍ଣର ରକ୍ତ ଛୁଟି ଅସି ମୋର ଏହି ଦକ୍ଷିଣ ହସ୍ତର କବ୍‌ଜା ଉପରେ ପଡ଼ିଲା ! ବେଶ୍ ! ତା ପରେ ସବୁ ଶେଷ ।।

ମୃତାରହାକୁ ଘାତ ଉପରୁ ଫୋପାଡ଼ି ଦେଇ ମୁଁ ଏକା ନିଃଶ୍ୱାସରେ ଦାଣ୍ଡକୁ ଛୁଟି ପଳାଇଗଲି । ଦାନ୍ତକୁ ଦାନ୍ତ ଘଷି ଶୂନ୍ୟକୁ ପଚାରିଲା ପରି ପଚାରିଲି—"ଏଥର ? କିଏ କାହାକୁ ଠକିଛି ? ଠକିବାର କିମିତ ମଜା ?"

* * * *

ପ୍ରାୟ ଦୁଇ ମାସ ଚାଲିଗଲା । ପରମ ନିଶ୍ଚିନ୍ତରେ ମୋର ଦେଖୁ ଦେଖୁ ଦିନେ ନୁହେଁ, ଦୁଇ ଦିନ ନୁହେଁ, ଦୀର୍ଘ ଷାଠିଏ ଦିନ କୁଆଡ଼େ ଅତିବାହିତ ହୋଇଗଲା । ସମ୍ପୂର୍ଣ୍ଣରୂପେ ସେ ସହଜ ଓ ସ୍ୱାଭାବିକ ଅବସ୍ଥାରେ ମୁଁ ସେ ଦିନଗୁଡ଼ିକ କଟାଇଥିଲି । କୌଣସି ବିକାର, କୌଣସି ଅନୁତାପ ମୋ ମନର ତଳଦେଶକୁ ଭ୍ରମରେ ସୁଦ୍ଧା ସେ ପର୍ଯ୍ୟନ୍ତ ସ୍ପର୍ଶ କରି ନ ଥିଲା । ଅବଶ୍ୟ ପ୍ରଥମେ ଟିକିଏ ଟିକିଏ ଦୁଃଖ ହୋଇଥିଲା, କିନ୍ତୁ ସେ ଦୁଃଖ ରେଣୁର ମୃତ୍ୟୁପାଇଁ ନୁହେଁ; ରେଣୁର ଗର୍ଭାଶ୍ରିତ ଅଜାତ ଶିଶୁଟାର ମୃତ୍ୟୁରେ । କାରଣ ହିତ ହେଲା ବେଳକୁ

Digitized by srujanika@gmail.com

ରେଣୁ ପ୍ରାୟ ଅଠ ମାସ ଗର୍ଭବତୀ ହୋଇଥିଲା । କିନ୍ତୁ ଦୁଇ ଦିନ ପରେ ମୁଁ ମନକୁ ମନ ବୁଝାଇ ସବୁ ମନକଷ୍ଟ ଓ ଦୁଶ୍ଚିନ୍ତା ପାସୋରି ପକାଇଲି । ଯେଉଁ ଶିଶୁ ଦୁଏ ତ ମୋର ନୁହଁ, ମୋର ପିତୃତ୍ୱର ଜାଲ ମୋହର ମାରି ଯେ ମୋର ପ୍ରତାରିତ ବାତ୍ସଲ୍ୟ ଉପରେ ଅନଧିକାର ଚର୍ଚ୍ଚା କରିବାକୁ ବସିଥିଲା, ହତଭାଗିନୀ ମାତା ସଙ୍ଗେ ତାର ମୃତ୍ୟୁ ହେବା ମଧ୍ୟ ଯେ ଉଚିତ ହୋଇଚି, ଏ ବିଷୟରେ ମୋ ମନରେ ଆଉ ତିଳେ ହେଲେ ଦ୍ୱିଧା ନ ଥିଲା । ପରମ ଆନନ୍ଦରେ ମୋର ସମସ୍ତ କଟିବାକୁ ଲାଗିଲା । ଘରୁ ସାପ ମଲେ ଗୃହସ୍ଥ ଯେଉଁ ଉପମ ତୃପ୍ତି ଏବଂ ଉଦ୍‌ବେଗରହିତ ସୁଖନିଦ୍ରା ଉପଭୋଗ କରେ, ଅବିଶ୍ୱାସିନୀ ଭ୍ରଷ୍ଟା ନାରୀର ମୃତ୍ୟୁ ପରେ ଠିକ୍ ସେହି ଧରଣର ଗୋଟାଏ ନିରୁଦ୍‌ବେଗ ଶାନ୍ତିରେ ମୋର ଦିନଗୁଡ଼ିକ କଟିଯିବାକୁ ଲଗିଲା, ପ୍ରତିଶୋଧର ହିଂସ୍ର ଆନନ୍ଦରେ ମୁଁ ପୁଲକିତ ହେବାକୁ ଲାଗିଲି । ମୁଁ ଯେ ବୋକା ନୁହଁ; ନାରୀର ତୁଚ୍ଛ ଆଉ ଘୃଣ୍ୟ ଶଠତାରେ ଯେ ମୁଁ ନିଜକୁ ପ୍ରତାରିତ ହେବାକୁ ଦେଇ ନାଇ, ଏଥିପାଇଁ ଦୁଃଖ ପରିବର୍ତ୍ତେ ବରଂ ମୁଁ ଗୋଟାଏ ପ୍ରଚ୍ଛନ୍ନ ଗର୍ବ ଉପଲବ୍ଧି କରିବାକୁ ଲାଗିଲି । ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ଉପରେ ମୋର ସମ୍ଭ୍ରମ ଦିନକୁ ଦିନ ବରଂ ଏହା ଫଳରେ ବୃଦ୍ଧି ପାଇବାକୁ ଲାଗିଲା ।

× × ×

ଦୁଇମାସ ପରର କଥା । ରେଣୁର ସ୍ମୃତି ପର୍ଯ୍ୟନ୍ତ ମୁଁ ସେତେବେଳକୁ ଏକରକମ ଭୁଲି ଯାଇଚି ।

ସନ୍ଧ୍ୟାବେଳ, ମୁଁ ଟେବୁଲ ଉପରେ ବସି କଣ ଗୋଟାଏ ଚିଠି ଲେଖୁଥିଲି, ଠିକ୍ ମନେ ନାଇ । ଠିକ୍ ଏହିପରି ସମୟରେ ଦେଖିଲି—ରେଣୁର ବାଲ୍ୟସଙ୍ଗିନୀ ସେହି ଭଦ୍ର ମହିଳାଟି ଆସି ମୋ ସଙ୍ଗରେ କଣ କଥା କହିବାକୁ ଅପେକ୍ଷା କରୁଚନ୍ତି ।

Digitized by srujanika@gmail.com

ବନାଇ ରଖିଲି, ପୁଣି ବି ଗୃହିଣି ଦେଖାଇବାକୁ ଅସୁଚି ! !' ତା ହାତ ବାଜି ମୋ ଦେହଟା ତମାମ ଶୀତେଇ ଉଠିଲି ··· ସତେ ଯେପରି ତା ପାପୁଲିଟା ବର୍ଫାରେ ତିଆରି ହୋଇଛି ! ! ଦେହ ମୋର ରାଗରେ ଥରୁଥିଲା, କିନ୍ତୁ ତଥାପି ମନୋଭାବ ଦମନ କରି ତା ସଙ୍ଗରେ ପ୍ରେମର ଛଳନା କରିବାକୁ ଲାଗିଲି । ମନେ ମନେ ଠିକ୍ କରିନେଲି, ପ୍ରତିଶୋଧ ନେବାକୁ ହେଲେ ମୋତେ ଆଜି ଶକୁନି ପରି ଛଦ୍ମବେଶ ଧାରଣ କରିବାକୁ ହେବ । ମଥା ଗରମ କଲେ ସବୁ ଭଣ୍ଡୁର ହୋଇ ଯିବ । ଯିଏ ମୋତେ ଏତେଦିନ ଅନ୍ଧ ପୁତୁଳି ବାନ୍ଧି ଠକି ଆସିଥିଲା, ତାକୁ ଠକିବାକୁ ହେଲେ ମୋତେ ଆଜି ଠିକ୍ ସେହିପରି ଧୂର୍ତ୍ତ ହେବାକୁ ହେବ । ପିଲାଦିନେ ଥରେ ଅଭିନେତା ଭାବରେ ସୁନାମ ଅର୍ଜନ କରିଥିଲି । ଆଜି ଜୀବନରେ ମୋର ପ୍ରଥମ ଥର ପାଇଁ ସେହି ଅଭିନୟ ଗୃହଭୂମି ଦରବାରରେ ଆସିଲି ।

ମୁଁ ତାକୁ ପୂର୍ବ ଦିନପରି କୋଳକୁ ଟାଣିନେଲି । ତା ହାତରୁ ପାନ ଖାଇବା ଲାଗି ମୁଁ ସେ ଦିନ ଏତେ ଆଗ୍ରହ ଦେଖାଇଲି ଯେ, ସେ ସେହି ଅସ୍ୱାଭାବିକ ଅତିଶଯ୍ୟ ଦେଖି ପ୍ରଥମେ ଟିକିଏ ବିସ୍ମିତ ହୋଇଗଲା (ଯଦିଓ ମୁଁ ପରେ ତାର ପାନକୁ ଫୋପାଡ଼ି ଦେଇଥିବାର ମୋର ମନେ ଅଛି) । ତାକୁ କୋଳକୁ ଟାଣି ନେଇ ମୁଁ ତାକୁ ସବୁ ଦିନପରି ଚୁମ୍ବନ କରିବାକୁ ଚେଷ୍ଟା କରିଥିବାର ମଧ୍ୟ ମୋର ବର୍ତ୍ତମାନ ମନେ ପଡୁଛି । କିନ୍ତୁ ତାର କପାଳଟା ସେ ଦିନ ଏତେ ଗରମ ବୋଧ ହେଲା ଯେ, ମୋର ଓଠ ଦୁଇଟା ଗରମରେ ଫାଟିଗଲା ପରି ଜଣାପଡ଼ିଲା । ତାର କପାଳ ଉପରେ ମୋର ଅନିଚ୍ଛାଜନିତ ଶେଷ ଚୁମ୍ବନ ମୁଦ୍ରିତ କରିଦେଇ ମୁଁ ତାର ଚକ୍ଷୁ ଦୁଇଟି ଆଡ଼କୁ ଥରେ ଭଲ କରି ଅନାଇଲି । ସେହିପରି ପବ୍ଜ ନିସ୍ପୃହ ଆଲୋକରେ ତାର ଚକ୍ଷୁ ଦୁଇଟି ଉଦ୍ଭାସିତ ହୋଇ ଉଠୁଥିଲା । ମନଟା ମୋର

Digitized by srujanika@gmail.com

କେତେକାଣି ତାହାଁକ ଭାବ ଦାବିଗଲା । ଭାବିଲି କିଏ ଜାଣେ—ସନ୍ଦେହ ମୋର ହୁଏତ ଭୁଲ ହୋଇ ପାରୁଥାଏ । ଏତେ ସୁନ୍ଦର ନିର୍ଦ୍ଦୋଷ ଢୁଳୁ ଢୁଳୁ ଚକ୍ଷୁ ଦୁଇଟି ଭିତରେ କଣ ଏତେ ବଡ଼ ପାପର ପ୍ରେତାତ୍ମା ଲୁଚି ରହିପାରେ ? ଅସମ୍ଭବ !! କିନ୍ତୁ ଯାହା ଏହି ଅଧଘଣ୍ଟାକ ଆଗରୁ ମୁଁ ନିଜେ ଦେଖି ଆସିଛି, ସେହି ପ୍ରତ୍ୟକ୍ଷ ଅନୁଭୂତିକୁ ଅବିଶ୍ୱାସ କରି ପୁଣି ଥରେ ବୋକା ବନିବାକୁ ମୋର ଆଉ ଇଚ୍ଛା ନ ଥିଲା । ମୁଁ ସବୁ ମୋହ, ସବୁ ଆସକ୍ତି ଭୁଲାଇ ଦେଇ ନିଷ୍ଠୁରଭାବରେ ତାର ବିଗ୍ରହ କରିବାକୁ ବାହାରିଲି । ମୋର କ୍ଷୁବ୍ଧ ଅନ୍ତରାତ୍ମା କହି ଉଠିଲା—'ନିର୍ମମ ଚିତ୍ତରେ ଯିଏ ତୋତେ ପ୍ରତାରିତ କରିବାକୁ ସାହସ କଲା' ମୁଁ ନିର୍ମମ ଭାବରେ ତାର ବିଗ୍ରହ ପ୍ରାର୍ଥନା କରେ । ତାର ଶାସ୍ତି ହେବା ଦରକାର...... । ତାର ଶାସ୍ତି ? କି ଶାସ୍ତି ? ଗୋଟାଏ ଭୟାବହ କଳ୍ପନାରେ ମୁଁ ଆଉ ଥରେ ଶିହରି ଉଠିଲି ।

ଗୋଟାଏ ନିଷ୍ଠୁର ପ୍ରତିଜ୍ଞାରେ ମୋର ହାତମୁଠା ଦୁଇଟା କଠିନ ହୋଇଆସିଲା । କ୍ଷଣିକ କଳ୍ପନାପରି ମୁଁ ମନ ଭିତରୁ ସମସ୍ତ ମାୟା, ମମତା, ସ୍ନେହ, ସ୍ମୃତିକୁ ଫୋପାଡ଼ି ଦେଇ ତାକୁ ଦୁଇ ବାହୁରେ ଖଟ ଉପରକୁ ଉଠାଇନେଲି । ତା ପରେ ଦୁଇ ହାତରେ ତାର ମସୃଣ ଗଳଦେଶକୁ ବେଷ୍ଟନ କରି ତାର କ୍ଷୁଦ୍ର ମୁହଁଟିକୁ ଠିକ୍ ମୋର ମୁହଁ ସାମନାରେ ଧରିଲି । କ୍ଷଣିକ ପାଇଁ ତାର ନିଶ୍ୱାସ ଆସି ମୋ ନିଶ୍ୱାସରେ ମିଶିଲା । ପ୍ରେମର ସ୍ୱପ୍ନରେ ଆଖି ଦୁଇଟିକୁ ଅର୍ଦ୍ଧମୁଦ୍ରିତ କରି ସେ ତାର ଚୁମ୍ବନଟି ମୋ କପାଳ ଉପରେ ରଖି ଦେବା ଲାଗି ଯାଉଥିଲା; କିନ୍ତୁ ମୁଁ ତାକୁ ବାଧା ଦେଇ ତାହା କରିବାକୁ ଦେଲି ନାହିଁ । ତା ଚୁମ୍ବନରେ ଯେ ସର୍ପର ଦନ୍ତ ଲୁକ୍କାୟିତ ରହିଛି—ଜାଣୁ ଜାଣୁ କିପରି ସେହି ବିଷାକ୍ତ ସ୍ପର୍ଶକୁ ମୋ ଅଙ୍ଗ ଉପରେ ସ୍ଥାନ ଦେବି ?

Digitized by srujanika@gmail.com

ମୁଁ ସସମ୍ଭ୍ରମେ ତାଙ୍କ ଆଡ଼କୁ ଗଣ୍ଡେ ଚୌକି ଠେଲିଦେଲି । ରେଣୁର ଅକାଳ ଓ ଆକସ୍ମିକ ମୃତ୍ୟୁରେ ସେ ଅତ୍ୟନ୍ତ ଦୁଃଖ ପ୍ରକାଶ କରି ମୋ ପାଖରେ ତାଙ୍କର ସମବେଦନା ଜଣାଇଲେ । ତା ପରେ ଅନେକ ଇଆଡ଼୍ ସିଆଡ଼୍ ସାଂସାରିକ କଥାବାର୍ତ୍ତା ପଡ଼ିବା ପରେ ଭଦ୍ରମହିଳା ଯିବାପାଇଁ ଉଠିଲେ । ମୁଁ ତାଙ୍କୁ ପାଛୋଟି ଦେଇ ଆସିବା ପାଇଁ ଛିଡ଼ା ହେଲି । କିନ୍ତୁ ରେଣୁର ଘର ପାଖରେ ପହଞ୍ଚି ଭଦ୍ରମହିଳାଟି କାହିଁକି କେଜାଣି ଟିକିଏ ଇତସ୍ତତ କରି କହିଲେ—"ହଁ, ଆପଣଙ୍କୁ ଗୋଟାଏ କଥା କହିବା ପାଇଁ ଆସିଥିଲି । ଅବଶ୍ୟ ଆପଣ କିଛି ମନେ କରିବେ ନାଇ । ଜାଣନ୍ତି ତ ଆପଣ, ରେଣୁ ମୋର ଖାଲି ବାଲ୍ୟସଙ୍ଗିନୀ ନୁହଁ, ସେ ମୋର ବିଶ୍ୱସ୍ତ ବନ୍ଧୁ ମଧ୍ୟ ।"

ମୁଁ ସମ୍ମତି ଜଣାଇଲି ।

ଭଦ୍ରମହିଳା କ୍ଷଣକ ଟିକିଏ ଥଙ୍ଗ ଥଙ୍ଗ ହୋଇ କହିଲେ—"ହଁ, ରେଣୁକୁ ମୋର କେତେଗୁଡ଼ିଏ ଦରକାରୀ ଚିଠି ରଖିବା ପାଇଁ ମୁଁ ଦେଇଥିଲି । ଚିଠି ଗୁଡ଼ାକ ଖୁବ୍ ଗୋପନୀୟ କି ନା; ସେଥିପାଇଁ ଆମ ଘରେ ରଖିବା ନିରାପଦ ମନେ ନ ହେବାରୁ ରେଣୁ ଜିମାରେ ମୁଁ ତାହା ରଖିଥିଲି । ଆପଣ ଯଦି କିଛି ମନେ ନ କରନ୍ତି, ତାହାହେଲେ ଦୟା କରି ରେଣୁର ବାକ୍ସ ଖୋଲି, ମୋ ଚିଠିଗୁଡ଼ାକ ମୋତେ ଫେରାଇ ଦେଲେ ମୁଁ ଉପକୃତ ହେବି ।"

ଆଶ୍ଚର୍ଯ୍ୟ ହୋଇ କହିଲି—"ମୁଁ ଜାଣିବି କିପରି ସେ କେଉଁଠି ସେ ଚିଠିଗୁଡ଼ାକ ରଖିଛି ?"

ଭଦ୍ରମହିଳା କହିଲେ—"ମୁଁ ଜାଣେ । ସେ ମୋତେ କଥା-ପ୍ରସଙ୍ଗରେ ଅନେକ ଥର ନିର୍ଦ୍ଦେଶ ଦେଇ କହିଛି ଯେ, ସେ ତାର କାଠର ଛୋଟ ହାତ ବାକ୍ସଟି ଭିତରେ ଖୁବ୍ ଯତ୍ନକରି ସେ ଚିଠି ଗୁଡ଼ିକ ରଖିଛି । ଆପଣ ଦୟାକରି ସେ ବାକ୍ସଟା ଖୋଲନ୍ତୁ ତ ।"

Digitized by srujanika@gmail.com

ଅଶ୍ରୁତ ହୋଇଯାଇ ରେଣୁର ସେହି କାଠର ହାତ ବାକ୍ସଟି ଖୋଲିଦେଲି । ସେହି ହଳଦିଆ ଲଫାଫାଟାକୁ ଦେଖିବା ମାତ୍ରକେ ଭଦ୍ର ମହିଳା କହି ଉଠିଲେ—"ହେଇ—ହେଇ, ସେଇ ହେଉଛି ମୋ ଚିଠି । ଧନ୍ୟବାଦ ।" ସେ ମୋ ଅନୁମତିକୁ ଅପେକ୍ଷା ନ କରି ଝାଂପ ମାରି ସେହି ଚିଠି ବିଡ଼ାକ ନେଇ ବାହାର ଯିବାକୁ ବସିଲେ !

ମୋର ଆଉ ବିସ୍ମୟର ଅବଧି ନ ଥିଲା ସେତେବେଳକୁ । ମୁଁ ତାଙ୍କୁ ବାଧା ଦେଇ କହିଲି—"ଆପଣ ଭୁଲ କରୁ ନାହାନ୍ତି ତ ? ନେଲା ପୂର୍ବରୁ ଆଉ ଥରେ ଭଲ କରି ଚିଠିଗୁଡ଼ାକ ପଢ଼ି ଦିଅନ୍ତୁ । କାରଣ ମୋର ସନ୍ଦେହ ହେଉଛି, ଚିଠିଗୁଡ଼ାକ ହୁଏତ ମୋର ସ୍ତ୍ରୀ "ରେଣୁ"ର ହୋଇ ପାରିଥାଏ । ବିଶେଷତଃ ସେହି ଲଫାଫାଟା ଉପରେ ତାର ନାମ ଲେଖା ହୋଇଥିବାର ଆପଣ ଲଫାଫାଟା ନେଲାବେଳେ ମୁଁ ଦେଖି ପାରିଛି ।"

ଅଳ୍ପ ହସି ଭଦ୍ରମହିଳା ଜଣକ କହିଲେ—"ନା, ନା, ଏ ଚିଠିଗୁଡ଼ାକ ମୋର । ଆପଣ ବୋଧହୁଏ ଜାଣନ୍ତି ନାହିଁ ଯେ, ମୋ ନାମ ମଧ୍ୟ ରେଣୁ । ସେଇଥିପାଇଁ ପରା ଆମେ ଦୁହେଁ ପିଲାଦିନେ ସଙ୍ଗାତ ବସିଥିଲୁଁ ......।"

ସେ ଚିଠିଗୁଡ଼ାକ ନେଇ ଗ୍ଲଲିଗଲେ । ମୁଁ ନୀରବ ନିଶ୍ଚଳ ହୋଇ ଠିଆ ହୋଇ ରହିଲି ସେଇଠି ସିମିତ ଦେର ଲାଗିଲା ଭଳିଆ ।

ହଠାତ୍ କେତେବେଳକୁ ମୋର ମନେ ପଡ଼ିଲା, ରେଣୁର ମୃତ୍ୟୁ ସମୟର ସେହି ପରବଶ ଆଉ ଉଦାସ ଦୃଷ୍ଟି, ଆଉ ସେଇ ଦୁଇ ଟୋପା ରକ୍ତ, ଯାହା ତାର ଆଖି ଉତରୁ ଛୁଟିକି ଆସି ଠିକ୍ ମୋର ଡାହାଣ ହାତର କବ୍‌ଜା ଉପରୁର ପଡ଼ିଥିଲା ।

ସେହି ମୁହୂର୍ତ୍ତରେ ଅନୁଭବ କଲି, ସେହି ନୀଳବର୍ଣ୍ଣର ରକ୍ତ ଟୋପାକ ମୋର ଦକ୍ଷିଣ ହସ୍ତର ଚର୍ମ ଆଉ ମାଂସ ଭେଦକରି ମୋର

Digitized by srujanika@gmail.com

ହାଡ଼ ଭିତରକୁ ପଶିଯାଇ ଯେପରି ବ୍ରଣ ହୋଇ ସେଠି ଫୁଟିଚ । ସାରା ଦେହଟା ମୋର ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲା । ଉଃ ! ସେ ଯେଉଁ ଯନ୍ତ୍ରଣା ! ! ଯେଉଁ ବନ୍ଧା ! ! ଆପଣ ଜମା ବିଶ୍ୱାସ କରି ପାରିବେ ନାହିଁ ଡାକ୍ତର ବାବୁ, ଏ ଧରଣର ଗୋଟାଏ କ୍ଷତ ଥାଇ ପାରେ ବୋଲି ।

× × × ×

ଡାକ୍ତର ବାବୁ ଏହି ପର୍ଯ୍ୟନ୍ତ ଚିଠିଟାକୁ ପଢ଼ିସାରି ବିରକ୍ତ ହୋଇ ସେଟାକୁ ହାତରେ ଲେଗ୍ରୁ କୋଗ୍ରୁ କରି ରଦ୍ଦି କାଗଜ ଟୋକାଇକୁ ଫୋପାଡ଼ି ଦେଲେ—"ବାଜେ ! ! ସବୁ ଅମୂଳ ଚୂଳ ପାଗଳାମିରେ ପୂର୍ଣ୍ଣ । ମାନସିକ ବିକାର ଆଉ କାହାକୁ କୁହାଯିବ ?"

ତା ପରେ ସେ ଗୋଟାଏ ଜ୍ୱର ରୋଗୀର ମିକ୍ସଚର ପ୍ରତି ମନୋନିବେଶ କଲେ । *

* ଜ୍ୟେଷ୍ଠ—୧୩୪୩, ୨ୟ ସଂଖ୍ୟା ସହକାରରେ ପ୍ରଥମେ ପ୍ରକାଶିତ

Digitized by srujanika@gmail.com

ସାତ ଟଙ୍କା ଛ'ଅଣା

ସାତ ଟଙ୍କା ଛ ଅଣା ମାତ୍ର ମୋର ସମ୍ବଳ ଥିଲା । ସେଥିରୁ ଲୁଗା ଦୋକାନୀକୁ ଦେବାକୁ ହବ ଦଶ ଟଙ୍କା, ଘରଭଡ଼ା ପନ୍ଦର ଟଙ୍କା, ଅନୁଗତ ଭୃତ୍ୟ ଯଦୁର ଦରମା ବାବଦକୁ ଅଠ ଟଙ୍କା, ଏଇପରି କେତେ ଛୋଟ ଛୋଟ ଖରଚ ଥିଲା । କୌଣସି ପ୍ରକାରେ ଟଙ୍କା କେଇଟାକୁ ବାଗେଇ ଏଇ ହିସାବ ମଧ୍ୟରେ ପକାଇ ପାରୁ ନ ଥିଲି । ଚାକିରିଟା ଚାଲିଯିବାର କେତେଦିନ ଆଗରୁ ମୋତେ ହିସାବ ବିଭାଗକୁ ବଦଳି କରି ଯାଇଥିଲା । ସେଠାରେ ପ୍ରତିଦିନ ପ୍ରାୟ ସାତ ଲକ୍ଷ ଟଙ୍କାର ହିସାବ କରିବାକୁ ପଡ଼େ । ସେଇ ହିସାବ କରିବା କଥା; ତେଣୁ ସେଇ ମଧ୍ୟ ଭୁଲ୍ ହେଉଥିଲା ।

ମୁନିବ ଦିନେ ବଡ଼ାଚକ୍ଷୁ ରକ୍ତ-ବର୍ଣ୍ଣ କରି କହିଲେ— "ତମର ଏତେ ଭୁଲ କାହିଁକି ହୁଏ, ଶୁଣେ ବାବୁ ।"

ମୁନିବଙ୍କୁ ବୁଝେଇ ସୁଝେଇ କହିଲି— "ହଜୁର ଦରମା ଦିଅନ୍ତି ମୋଟେ ଚାଳିଶଟି ଟଙ୍କା, ଚାଳିଶ ଟଙ୍କାର ହିସାବ ମୋତେ କରିବାକୁ ଦିଅନ୍ତୁ, ଦେଖିବେ ଅଣ୍ଟ ପିଚ୍ଛୁଳାକେ କରି ଥୋଇ ଦେବି । କିନ୍ତୁ ଚାଳିଶ ଟଙ୍କିଆ ମୁଣ୍ଡରେ ସାତ ଲକ୍ଷ ଟଙ୍କାର ହିସାବ ପଇଠିବ କୁଆଡ଼ୁ ? ତେଣୁ କେତେବେଳେ କ୍ୱଚିତ ଟିକିଏ ଭୁଲଭାଲ୍ ହୋଇଯାଏ ।" ଏତେ ବଡ଼ ଅକାଟ୍ୟ ଯୁକ୍ତିଟା ମୁନିବଙ୍କ ମନକୁ ଯେ କାହିଁକି ପାଇଲା ନାହିଁ, ତାର କାରଣ ମୁଁ କଣ୍ଟୁ ବୁଝି ପାରିଲି ନାହିଁ । ବୋଧହୁଏ ଏଇଟା ମୁନିବ ଜାତିର ଦୋଷ । ଚାକିରିଟା ଠିକ୍ ସେଇ ଦିନଇ ଗଲା—

ସାତଟି ଟଙ୍କା ଧରି ମନ୍ଥି ସମୁଦ୍ରରେ ବୁଡ଼ୁବୁଡ଼ୁ ଖାଉଚି । ହଠାତ୍ ମନେ ପଡ଼ିଗଲା, ଅନେକ ଦିନ ହେଲା ଜଣେ ବନ୍ଧୁଙ୍କୁ ଟଙ୍କା କେଇଟା

Digitized by srujanika@gmail.com

ଧାର ଦେଇଥିଲି । ବନ୍ଧୁ ସେଇ ଦିନଠାରୁ ଦେଖାଶୁଣା ବନ୍ଦ କରି ଦେଇଛନ୍ତି । ସେଥିପାଇଁ ବେଳେ ବେଳେ ଦୁଃଖିତ ହୋଇଛି ସତ, କିନ୍ତୁ ସଙ୍ଗେ ସଙ୍ଗେ ଆଶ୍ୱାସନା ପାଇଛି, ଏଇଆ ଭାବି ଯେ ବନ୍ଧୁ ଦେଖା ନ ଦେଇ ଖୁବ୍ ଭଲ କରିଛନ୍ତି, କାରଣ ଦେଖା ଦେଇଥିଲେ ଟଙ୍କା ଓ ବନ୍ଧୁ ଉଭୟଙ୍କୁ ହୁଏ ତ ହରାଇ ବସିଥାନ୍ତି ।

ଅନେକ ଭାବିଚିନ୍ତି କିଛି ଥଳକୂଳ ନ ପାଇ ଶେଷରେ ଜଡ଼ି- ଛୁଡ଼ା ହେଲି । ଆଜି ସନ୍ଧ୍ୟାବେଳେ ପାଉଣାଦାରମାନଙ୍କୁ ସବୁ ପରିଶୋଧ କରିଦେବି ବୋଲି ଜବାବ ଦେଇଛି, ଟଙ୍କା ଦେଇ ନ ପାରିଲେ ସେମାନେ ଆଜି ବେଇଜ୍ଜତ କରିବେ ।

ବନ୍ଧୁଟି ଥାଆନ୍ତି ଇଦଗା ପଡ଼ିଆରେ । ମୋ ବସାଠାରୁ ପ୍ରାୟ ତିନି ମାଇଲ ଦୂରରେ । ଯଦୁଙ୍କୁ କହିଗଲି, ଯଦି କିଏ ଟଙ୍କା ମାଗିବାକୁ ଆସେ ତ କହିଦବୁ କାଲି ସକାଳେ ଆସିବ ।

ଚାଲିଛି ଆଉ ବାଟସାରା ଭାବୁଛି, ଟଙ୍କା କେଉଁଠୁ ମିଳିବ କି ନାହିଁ । ଭାବୁ ଭାବୁ ଯାଇ ମହାନଦୀ ବନ୍ଧ ଉପରେ ପହଞ୍ଚି ହଠାତ୍ ପକେଟରେ ହାତ ମାରି ଦେଖେ ତ ମୋର ଅତି ଯତ୍ନର ଟଙ୍କା ସାତଟି କୋଟ ପକେଟ ଅନ୍ଧାର କରି କେଉଁ ନିପୁଣ ପକେଟମାରୁର ଟଙ୍କା-ଥଳି ଉଜ୍ଜ୍ୱଳ କରି ବସିଛନ୍ତି !!

ନିରାଶାରେ ଛାତିଟା ମୋର ଦବିଗଲା । କିନ୍ତୁ ଭଗବାନଙ୍କ ନ୍ୟାୟ ବିଚାରକୁ ପ୍ରଶଂସା ନ କରି ରହି ପାରିଲି ନାହିଁ । ଏତେ ପାଉଣାଦାରଙ୍କ ଭିତରୁ କିଏ ଟଙ୍କା ପାଇଥାନ୍ତା, କିଏ ବା ପାଇ ନ ଥାନ୍ତା, ଶେଷରେ ପୁଣି ମୋତେ ବଡ଼ ହିନସ୍ତା ହବାକୁ ହୋଇଥାନ୍ତା । କିନ୍ତୁ ଟଙ୍କା କେଇଟା ଖସି ଯିବା ପରେ ସବୁ ସମସ୍ୟାର ସମାଧାନ ଆପେ ଆପେ ହୋଇଗଲା । ମୋ ପକେଟଟା କଟା ହବା ସଙ୍ଗେ ସଙ୍ଗେ ସେମାନଙ୍କ କପାଳରେ ମଧ୍ୟ କଟା ଦାଗ ପଡ଼ିଲା । ବାସ୍ତବ

Digitized by srujanika@gmail.com

ଯଦୁଙ୍କ ପାଇଁ ମନରେ ଟିକିଏ କଷ୍ଟ ହେଲା । କିନ୍ତୁ ମୁଁ କଣ କରିବି ? ନିଜେ ଭଗବାନ ତ ସେମାନଙ୍କୁ ମାଇଲେ, ମୁଁ ନିମିତ୍ତ ମାତ୍ର ! !

ବନ୍ଧୁଙ୍କ ଘରକୁ ଆଉ ଯିବାକୁ ହେଲା ନାହିଁ । ହିସାବ କରି ଦେଖିଲି ଯେ, ପଇସା ପକେଟରେ ରଖୁ ନ ରଖୁ ଦହାଡ ହୋଇ ଯାଉଛି । ଅଯାଚିତଃ ଯାହା ଯାଇଛି, ତାକୁ ଅଉ କଣ ଫେରି ପାଇବାର ସମ୍ଭାବନା ଅଛି ? ମନକୁ ମନ ସାନ୍ତ୍ୱନା ଦବାକୁ ଲାଗିଲି ଯେ—ଧନ, ଜନ, ଯୌବନ ସବୁ ଚଂଚଳ, ପଦ୍ମପତ୍ରର ଜଳ ପରି ଚଂଚଳ । ମନ କିନ୍ତୁ ସେଥିରେ କାନ ନ ଦେଇ ସେଇ ସାତ ଟଙ୍କା ଛ ଅଣା ପଛରେ ଧାଇଁବାକୁ ଲାଗିଲା ।

କବୀନ୍ଦ୍ର ରବୀନ୍ଦ୍ର ଲେଖିଚନ୍ତି, ଉପେନ୍ଦ୍ର ନାମକ ଜଣେ ଲୋକର ଋଣଭାରରେ ସମସ୍ତ ଜମିବାଡ଼ି ବିକ୍ରି ହୋଇ ଯାଇ, କେବଳ ଦୁଇବିଘା ଜମି ଅଉ ବହୁବା ଘର ଖଣ୍ଡିକ ଅବଶିଷ୍ଟ ଥିଲା । ରାଜା ଯେଉଁ ଦିନ ତାର ସେଇ ସାମାନ୍ୟ ଜମିତକ ନେଇଗଲେ, ସେ ଦିନ ଉପେନ୍ଦ୍ର ମନେ କଲା ଯେ ଦୁଇ ବିଘା ଜମି ବଦଳରେ ସାରା ପୃଥିବୀର ଜମିଦାରୀ ତାର ହସ୍ତଗତ ହେଲା । ଏହା ଭାବି ଉପେନ୍ଦ୍ର ଆନନ୍ଦରେ ହେଣ୍ଟି ମାରି ସେ ଦିନ ଘରୁ ବାହାରି ପଡ଼ିଲା । ମୁଁ ମଧ୍ୟ ଉପେନ୍ଦ୍ରର ଦୃଷ୍ଟାନ୍ତ ଅନୁସରଣ କରି ମନେ ମନେ ଭାବିବାକୁ ଲାଗିଲି ଯେ ଓଡ଼ିଶା ବ୍ୟାଙ୍କର ସବୁଯାକ ଟଙ୍କା ମୋର । କଥାଟା ମନକୁ ଆସିବା ମାତ୍ରକେ କେତେ ଜଣ ସଙ୍ଗୀନ୍‌ଧାରୀ ସିପାହୀ, ଦରଘା ବଜାରର ଗୋଟିଏ ପ୍ରାଚୀର-ବେଷ୍ଟିତ ଗୃହ, ଏଇପରି କେତେ କଣ ସବୁ ବିଶୃଙ୍ଖଳ ଭାବରେ ମୋ ଚକ୍ଷୁ ଆଗରେ ଭାସି ଉଠିଲା । ମନେ ମନେ ଭାବିଲି, ଦରକାର ନାଇ ବାବା, ବ୍ୟାଙ୍କ ଟଙ୍କାରେ; ମୋର ସାତ ଟଙ୍କା ଗଲି, ମୁଁ ଗଲି ।

ପ୍ରାୟ ସଂଧ୍ୟାବେଳକୁ ଆସି ବସାରେ ପହଞ୍ଚିଲି । ମହମବତୀଟା ଜାଳି ଦେଇ, ଲମ୍ବ ହୋଇ ଗୃହଖାଟ ମେଞ୍ଚରି ଶୋଇ ପଡ଼ିଲି ।

Digitized by srujanika@gmail.com

ଘରେ ମୋର ପୁରୁଣା ଛୁଣ୍ଡା, ଦଦରା ରେଲ୍‌ଓ୍ୱେ ଟାଇମ ଟେବୁଲ୍ ଖଣ୍ଡେ ପଡ଼ିଥିଲା । ସଙ୍ଗୀହୀନ ଅବସର ସମୟରେ ସେଇ ଖଣ୍ଡିକରେ ମୋର କାବ୍ୟ, ଉପନ୍ୟାସର ଭୃଷ୍ଣା ନିବାରଣ କରେ ।

ଗୋଡ଼ତଳୁ ବହିଖଣ୍ଡିକ ଟାଣି ନେଇ ପୃଷ୍ଠା ଓଲ୍‌ଟାଉଚି, ଏଇପରି ସମୟରେ ଯଦୁ ଅସି ଖଣ୍ଡେ ଚିଠି ଦେଇଗଲା । ଘୁଡ଼ଟା ମୋର ଧଡ଼ ଧଡ଼ କମ୍ପି ଉଠିଲା । ଚିଠି ଲେଖିପାରେ, ଏପରି ଲୋକ ଦୁନିଆରେ ମୋର କେହି ନ ଥିଲେ । ମନେ ମନେ ଭାବିଲି କୌଣସି ପାଉଣାଦାରର ଓକିଲ ହୁଏ ତ ଚିଠି ଲେଖି ତାଗିଦା କରି ପଠାଇଚନ୍ତି...... ।

ଅନେକଦିନ ତଳେ ଗୋଟାଏ ଜାଗାରେ ଚାକିରି କରୁଥିଲି, ସେଇ ଠିକଣାକୁ ଚିଠିଟା ଲେଖା ଯାଇଚି । ସେଠୁ ସର୍ବାଙ୍ଗରେ ନାନା ଡାକଘରର ମୋହର ମାରି ଏଠି ଅସି ପହଞ୍ଚିଚି । ଲଫାଫାଟାର କୋଣସବୁ ଛିଣ୍ଡି ଯାଇଚି, ଡାକବାକ୍ସର ଅନ୍ଧକାର ମଧ୍ୟରେ ବୁଲିବୁଲି ଚିଠିଟାର ଠିକ ଦମ ବନ୍ଦ ହୋଇଯିବାର ପୂର୍ବାବସ୍ଥା—

ଗିଲାସେ ପାଣି ପିଇ ଚିଠିଟାକୁ ସନ୍ତର୍ପଣରେ ଖୋଲିଲି । ସେଥିରେ ଲେଖାଅଛି :—

ବନ୍ଧୁ,

ଏଇ ଚିଠି ପାଇ ତମେ ବୋଧହୁଏ ବିସ୍ମିତ ହୋଇଯିବ । କିନ୍ତୁ ଭାଇ, ଏତେ ସହଜରେ ବିସ୍ମିତ ହବ ନାଇ । ତମ ହାତରେ ଯେଉଁଦିନ ଏ ଚିଠି ଖଣ୍ଡିକ ପଡ଼ିବ, ତୁମେ ଯେଉଁଠି ଅବସ୍ଥାରେ ଥାଅ ନା କାହିଁକି, ନିଶ୍ଚୟ ସେଦିନ ମୋ ନିକଟକୁ ଚାଲି ଅସିବ । ତମକୁ ମୋର ବଡ଼ ପ୍ରୟୋଜନ । ଅଶା କରେ ବାଲ୍ୟବନ୍ଧୁର ଏଇ ଅନୁରୋଧ ଅବହେଳା କରିବ ନାଇ । ଇତି

ତୁମର

କାମଦେବପୁରର ଗୌରମୋହନ

Digitized by srujanika@gmail.com

ଗୃଳଣବର୍ଷ ତଳର ପୁରୁଣା, ମୋର ଏଇ ଭଙ୍ଗା ପିଞ୍ଜରାଟାରେ ଏପରି ଗୋଟିଏ ପକ୍ଷୀ ବାସ କରେ—ଯେ କି ଚିର ନବୀନ । ତାଳ ମୁତାବକ ଡାକ ପାଇଲେ ସେ ନିଶ୍ଚୟ ଜବାବ ଦିଏ । ଆଜି ଗୌରମୋହନର ସ୍ପର୍ଶ ପାଇ ମୋର ପ୍ରାଣପକ୍ଷୀ ଚଞ୍ଚଳ ହୋଇ ଉଠିଲା । ଅତୀତର ଦୀର୍ଘ ବ୍ୟବଧାନ ଭେଦ କରି ବହୁ ପୁରାତନର ଗୋଟାଏ ଛନ୍ଦସ୍ୱର ରହି ରହି ମୋର ଅନ୍ତରର ସୂକ୍ଷ୍ମ ତନ୍ତ୍ରୀରେ ଆଘାତ କରିବାକୁ ଲାଗିଲା । ତରୁଣ, ବଉଶ ବର୍ଷ ତଳର ଗୋଟିଏ ପୁରୁଣା ଛବି ସଜୀବ ମୂର୍ତ୍ତି ଧରି ମୋ ସମ୍ମୁଖରେ ଆସି ଉଭା ହେଲା ।

ଆମେ ସେତେବେଳେ ଶ୍ୟାମସୁନ୍ଦରପୁରରେ ଥାଉଁ । ମୋ ବାପା ଥିଲେ ପୋଷ୍ଟମାଷ୍ଟର । କର୍ତ୍ତବ୍ୟ ଉପଲକ୍ଷରେ ଅନେକ ଓଡ଼ିଆ ଭଦ୍ରଲୋକ ସପରିବାର ସେଠାରେ ସାମୟିକ ବସବାସ କରନ୍ତି । ଆମେ ଅଧିକାଂଶ ଓଡ଼ିଆ ଛାତ୍ର ଗୋଟିଏ ସ୍କୁଲରେ ଭର୍ତ୍ତି ହୋଇ ଥାଉଁ...... ।

ମୋର ବୟସ ସେତେବେଳେ ଆଠ କି ନଅ । ଗୌରମୋହନର ପିତା ସେଇ ସମୟରେ ସେଠାରେ ଥାନ୍ତି । ଗୌରମୋହନର ବାପା ମସ୍ତବଡ଼ ଜମିଦାର—ଖୁବ୍ ଖାନଦାନ ଘର । ସେ ତାଙ୍କର ରୁଗ୍ଣା ସ୍ତ୍ରୀଙ୍କୁ ସଙ୍ଗରେ ଧରି ଚିକିତ୍ସା ଲାଗି ସେଠି ରହିଥାନ୍ତି ଅଥଚ କୌଣସି ବ୍ୟବସାୟ ବି କରୁଥାନ୍ତି । ଆଜି ମନେ ପଡ଼େ ସେଇ ରକ୍ତ-ହୀନ ରୁଗ୍ଣ ମୂର୍ତ୍ତି, ସେଇ ଅସ୍ତ୍ରେ ଅସ୍ତ୍ରେ କାଶି କାଶି କଥା କହିଲାବେଳର ତାଙ୍କର ସରଳ ମୁଖ ଛବି, ଆଉ ସର୍ବୋପରି ବିଜୁଳି ପରି ତାଙ୍କର ସେଇ ଭୁବନମୋହନ ହସ । ତାଙ୍କର ରୁଗ୍ଣ, ପାଣ୍ଡୁର, ଶୀର୍ଣ୍ଣମୁଖ ଭିତରେ ଜପରି ଗୋଟାଏ ସ୍ନିଗ୍ଧ, ଅନୁପମ ସୌନ୍ଦର୍ଯ୍ୟ ଓ ସହଜ ଭାବ ଥିଲା ଯେ କାଣି, ନହାତ ଛୋଟ ପିଲାଏ ମଧ୍ୟ ତାଙ୍କୁ ନିଜର ଅଜ୍ଞାତସାରରେ ଭଲ ନ ପାଇ ରହି ପାରୁ ନ ଥିଲେ ।

Digitized by srujanika@gmail.com

ଦିନ କେତେଟା ଭିତରେ ମୋର ଗୌରମୋହନ ସଙ୍ଗରେ ଖୁବ ବନ୍ଧୁତ୍ୱ ହୋଇଗଲା । ତା' ଭିତରେ ଇମିତ କଣ ଗୋଟାଏ ଆକର୍ଷଣ ଥିଲା କେଜାଣି, ସେ ମୋତେ ଏକାବେଳକେ ମୁଗ୍ଧ କରି ଦେଇଥିଲା । କ୍ଲାସରେ ଯେଉଁ କେତେ ଜଣ ପିଲା ଥିଲେ, ଦୁଷ୍ଟାମି କରିବାରେ ମୁଁ ଥିଲି ସମସ୍ତଙ୍କ ଭିତରେ ସର୍ଦ୍ଦାର । ସବୁ ରକମର ଗୋଳମାଳ ମୋ ନେତୃତ୍ୱର ଇଙ୍ଗିତାଧୀନ ଥିଲା ।

ଅଳ୍ପଦିନ ମଧ୍ୟରେ ଗୌରମୋହନ ହୋଇ ଉଠିଲା ମୋର ଡାହାଣ ହାତ । ଆମ ଦୁହିଙ୍କର ଦୁଷ୍ଟାମିଟା ଜମି ଉଠେ ବେଶୀ ପଣ୍ଡିତ ମହାଶୟଙ୍କ କ୍ଲାସରେ । ପଣ୍ଡିତ ମହାଶୟଙ୍କର ସେଇ ଚକମକିଆ ନଣ୍ଡା ମୁଣ୍ଡ ଉପରେ ଝିଣ୍ଟିପିଟି ଲାଙ୍ଗୁଡ଼ ପରି ହଲୁଥିବା ଚଇତନ ଚୁଟି ଅଡ଼କୁ ଚାହିଁ ମୁଁ ଆଉ ହସ ସମ୍ଭାଳି ପାରେ ନାହିଁ । ସେ ମୋତେ ଯେତେ ପିଟନ୍ତି, ଯେତେ ଗାଳି ଦିଅନ୍ତି, ମୋ ହସର ମାତ୍ରା ସେତିକି ବଢ଼ି ଉଠେ । କିଛିଦିନ ସବୁ ଦେଖି ଶୁଣି ଗୌରମୋହନ ଆସି ମୋ ଦଳରେ ଯୋଗ ଦେଲା । ଏଇ ଦୁଇଟି ଅଶାନ୍ତ ବାଳକଙ୍କ ଯୋଗୁଁ ଯେ ପଣ୍ଡିତ ମହାଶୟଙ୍କୁ କିପରି ଦୁର୍ଦ୍ଦଶା ଭୋଗ କରିବାକୁ ହେଉଥିଲା, ତାହା ମନେ ପଡ଼ିଗଲେ ବର୍ତ୍ତମାନ ସୁଦ୍ଧା ଲାଜ ମାଡ଼େ । ଦିନେ ଦିନେ ସେ ଆମ ଦୁଇଜଣଙ୍କୁ ପିଟି ପିଟି ହଇରାଣ ହୋଇଯାନ୍ତି । କେଉଁ କେଉଁ ଦିନ ସେ ଏତେ ରାଗି ଯାନ୍ତି ଯେ ତାଙ୍କ ତର୍ଜନ, ଗର୍ଜନ ଆଉ ପ୍ରହାର ଶବ୍ଦ ଶୁଣି ଅନ୍ୟାନ୍ୟ କ୍ଲାସର ମାଷ୍ଟରମାନେ ଆସି ଜମା ହୋଇଯାନ୍ତି । ଆମେ ଦୁଇଜଣଯାକ କିନ୍ତୁ ଆମ ଜିଦ୍ ବଜାୟ ରଖିବା ଲାଗି ଚାହିଁ ରହୁ । ଏଇପରି ଅଶ୍ରୁ ଆନନ୍ଦ ଭିତରେ ଆମର ଦୁଇବର୍ଷ କଟି ଯାଇଛି ।

ଦିନେ ସକାଳେ ଘରେ ଶୁଣିଲି ଯେ ଗୌରମୋହନର ମା ମରି ଯାଇଛନ୍ତି । ସେ ଦିନ ଗୌର ଆଉ କ୍ଲାସକୁ ଆସିଲା ନାହିଁ । ତା

Digitized by srujanika@gmail.com

ସବୁ ଦିନ ମଧ୍ୟ ତାକୁ କେହୁ ଦେଖିବାକୁ ପାଇ ନାହାନ୍ତି । ତୁଇଦିନ ପରେ ସେ ସ୍କୁଲକୁ ଆଇଲା ।

ଆମେ କ୍ଲାସଯାକର ପିଲା ତାକୁ ଘେରି କରି ବସିଲୁ, ତାହା ମୁହଁରେ କିଛି କଥା ନାଇ, ଖାଲି ନିର୍ନିମେଷ ଦୃଷ୍ଟିରେ ତା ଆଡ଼କୁ ଚାହିଁ ରହୁଥାଉଁ । ଆମେ ସମସ୍ତେ ସେତେବେଳେ ପିଲା । ସହାନୁଭୂତି ପ୍ରକାଶର ରଙ୍ଗବିରଙ୍ଗିଆ ଭାଷା ଆମ ଭିତରୁ ବାହାରିକି ହେଲେ ପଦଟି ନ ଥାଏ । କିନ୍ତୁ ଆମ ଛାତି ଭିତରଟା ଦୁଃଖରେ ପୂରି ରହୁଥାଏ— ତାର ଚିହ୍ନ ସମସ୍ତଙ୍କ ମୁହଁରେ ଫୁଟି ଉଠିବାକୁ ଲାଗିଲା । ସ୍କୁଲ୍ ଘଣ୍ଟା ବାଜିଲା । ପଣ୍ଡିତ ମହାଶୟ କ୍ଲାସକୁ ଆସିବା ମାତ୍ରେ ସ୍ୱାଭାବିକ ଗର୍ଜନ କରି ଗୌରକୁ ଡାକିଲେ—ଗୌର, ଇଆଡ଼କୁ ଆ ।

ଗୌର ନିଜ ଜାଗା ଛାଡ଼ି ଅସ୍ତେ ଅସ୍ତେ ପଣ୍ଡିତ ମହାଶୟଙ୍କ ପାଖକୁ ଯାଇ କହିଲା, "ମୋ ମା ମରିଯାଇଚନ୍ତି ସାର୍ । ଆଜି ରାତିରେ ଆମେ ସବୁ ଜାମସେଦପୁର ଛାଡ଼ି ଗାଁକୁ ଚାଲିଯାଉଚୁଁ ।" ଅକସ୍ମାତ୍ ବୃଦ୍ଧର ଅସମାନ ମୁହଁ ଉପରେ ବିଜୁଳିପରି ଗୋଟାଏ ଦ'ଟା ଝଲକ ଖେଳିଗଲା । ତାପରେ ତାଙ୍କର ଦୁଇ ଚକ୍ଷୁ ଓଦା କରି ଧାର ଧାର ଲୁହ ଗଡ଼ିଆସିଲା । ମଝିରେ ମଝିରେ ସେ ଗୌରକୁ ନିଜଆଡ଼କୁ ଭିଡ଼ି ନେଇ ତା ମୁଣ୍ଡ ଆଉଁସି ଦେଉଥାନ୍ତି, ତା ଗାଲରେ ଚୁମା ଦେଉଥାନ୍ତି । ସେ ଦୃଶ୍ୟ ଦେଖି ଆମ ସମସ୍ତଙ୍କ ଆଖି ଛଳ ଛଳ ହୋଇ ଉଠିଲା । ଅନେକ ବେଳଯାଏ ସେ ଗୌରକୁ ଛାତିରେ ଆଉଜାଇ ଧରି କହିଲେ "ତୋତେ ଖୁବ୍ ମାରିଚି ବାବା, କିଛି ମନେ କରିବୁ ନାଇଁ, ବୁଢ଼ାଟାକୁ କ୍ଷମା କରିବୁ ।" ପଣ୍ଡିତ ମହାଶୟ ଆହୁରି କଣ କହିବାକୁ ଯାଉଥିଲେ, କିନ୍ତୁ ଅଶ୍ରୁ ତାଙ୍କର କଣ୍ଠ ରୁଦ୍ଧ କରିଦେଲା ।

ପଣ୍ଡିତ ମହାଶୟଙ୍କ କଥା ଶୁଣି ଗୌର ଭେ ଭେ ହୋଇ କାନ୍ଦିବାକୁ ଲାଗିଲା ।

Digitized by srujanika@gmail.com

ତା ପରେ ସେ ଆମ ସମସ୍ତଙ୍କ ପାଖକୁ ଆସି କହିବାକୁ ଲାଗିଲା– "ମୋ ମା ମରିଗଲେ ଭାଇ. ଆଜି ଆମେ ଜାମସେଦପୁର ଛାଡ଼ି ଚାଲି ଯିବୁଁ, ଆଉ ଦେଖା ହେବ ନାହିଁ।"

କ୍ଲାସଯାକର ପିଲା, କିଏ ହାତରେ ମୁହଁ ଲୁଚାଇ, କିଏ ବା ବହି ଅନ୍ତରାଳରେ ମୁହଁ ତାଙ୍କି କାନ୍ଦିବାକୁ ଲାଗିଲେ। ତେର ବର୍ଷ ତଳର ସେ ବିଦାୟ ଦୃଶ୍ୟଟା ମୋ ଆଖି ଆଗରେ ଭାସି ଉଠି ପୁଣି ଆଖି ଜଳରେ ମିଳାଇଗଲା।

ଗୌରମୋହନ ପ୍ରଭୃତି ସମସ୍ତେ ସେଇଦିନ ସନ୍ଧ୍ୟା ଗାଡ଼ିରେ ଜାମସେଦପୁର ଛାଡ଼ି ଚାଲିଗଲେ। ପ୍ରଥମେ କେତେଦିନ ବଡ଼ କଷ୍ଟ ହେଲା, ତାପରେ ବାପା ମଧ୍ୟ ସେଠୁ ବଦଳି ହୋଇ ଚାଲି ଆସିବାରୁ ଆମ୍ଭେମାନେ ମଧ୍ୟ ଅନ୍ୟ ଜାଗାକୁ ଚାଲିଗଲୁଁ, ଆଉ ତାର କୌଣସି ସମ୍ବାଦ ପାଇ ନାହିଁ।

ପିଲାଦିନର ସେଇ ବନ୍ଧୁ ମୋର! ଆଜି ବନ୍ଧୁତ୍ୱର ଦାବୀ ତୁଟି ପାରି ତା ପାଖକୁ ମୋତେ ଆହ୍ୱାନ କରୁଛି। କି ଦୁଃଖ, ତାକୁ ଆଜି ଏତେ ଦିନ ପରେ ମୋ କଥା ସ୍ମରଣ କରାଇ ଦେଉଛି? ନିଷ୍ଠୁର ସଂସାର ତାକୁ କେଉଁ ଦଣ୍ଡରେ ଦଣ୍ଡିତ କରିଛି? ତା ଛାତିରେ ଏପରି କଣ କ୍ଷତ ହୋଇଛି ଯାହାର ବିଶଲ୍ୟକରଣୀ ତାର ଏଇ ବାଲ୍ୟବନ୍ଧୁଟି ପାଖରେ ଅଛି?

ଅଶ୍ରୁ ଆବେଗରେ କଣ୍ଠ ମୋର ରୁଦ୍ଧ ହୋଇ ଆସିଲା। ବନ୍ଧୁ, ବନ୍ଧୁ, ବନ୍ଧୁ ମୋର!!

ସଙ୍ଗେ ସଙ୍ଗେ ଟାଇମ ଟେବୁଲଟା ଖୋଲି ଚିଠିଟା ଯେଉଁଠୁ ଆସିଛି, ସେଠିକାର ଭଡ଼ା କେତେ ଦେଖିଲି। ଦେଖିଲି, ଜ୍ୱଳନ୍ତ ଅକ୍ଷରରେ ଲେଖା ରହିଛି—**ସାତଟଙ୍କା ଛ'ଅଣା।***

---

*ସହକାର—ମାଘ, ୧୩୪୨ରେ ପ୍ରଥମେ ପ୍ରକାଶିତ

Digitized by srujanika@gmail.com

ଚୁମ୍ବନ

·····ମିସନାରୀ ସ୍କୁଲର ହେଡ଼ମାଷ୍ଟର ଜନାଥନ ସାମଲଙ୍କର ଏକମାତ୍ର କନ୍ୟା ଅନିମାର ବିବାହୋପଲକ୍ଷରେ ଯେଉଁ ଦିନ ରାତିରେ ଖୁବ୍ ଭୋଜିର ଆୟୋଜନ ହୋଇଥିଲା··· । ଚତୁର୍ଦ୍ଦିଗର ହାସ୍ୟରୋଳ, ସଙ୍ଗୀତର ମୃଦୁମନ୍ଦର କୋଳାହଳ ଏବଂ ସବୋଧର ନୃତ୍ୟର ଚପଳ ଛନ୍ଦରେ ସମଗ୍ର ଘର ମୁଖରିତ ହୋଇ ଉଠୁଥିଲା··· । ଅଣ୍ଟା ପର୍ଯ୍ୟନ୍ତ କଳାରଙ୍ଗର କୋଟ୍ ପଣ୍ଟ ଭିଡ଼ାଟିଆ ପରିବେଷକଗଣ ଏଠି ସେଠି ଜମା ହୋଇଥିଲେ ଆଉ ମଝିରେ ମଝିରେ ଅକାରଣରେ ଇଆଡ଼େ ସିଆଡ଼େ ଧାଁ ଧପଡ଼ କରୁଥିଲେ । ଏ ସମସ୍ତେ ମିଶି ଯେଉଁ ଗୋଳମାଳ କରୁଥିଲେ, ତାହା ନିର୍ଜନ ସାହିଟାର ନିସ୍ତବ୍ଧତାକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ଦେଉଥିଲା··· । ଅନେକ କୌତୂହଳୀ ଅନିମନ୍ତ୍ରିତ—ରାସ୍ତା ବାହାରେ ଛିଡ଼ା ହୋଇ 'କଥା କଅଣ' ଭାବି ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ··· ।

ସମସ୍ତ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ ହେଲାଣି କି ନାଇ, ଦେଖିବାପାଇଁ ରାତି ପ୍ରାୟ ଏଗାରଟା ସମୟରେ ଘରର ମାଲିକ ଜନାଥନ ବାବୁ ରୋଷଘର ଆଡ଼କୁ ଅଗ୍ରସର ହେଲେ । ରୋଷଘରର ଚଟାଣଠାରୁ ଆରମ୍ଭକରି କଡ଼ କାଠ ପର୍ଯ୍ୟନ୍ତ ସମସ୍ତ ସ୍ଥାନ ଧୂଆଁରେ ଭର୍ତ୍ତି ହୋଇ ଯାଇଥିଲା··· । ଛତିଶ ରକମର ସୁଧା ଉଦ୍ରେକକ ଗନ୍ଧ ତା ଭିତରେ ପୂର୍ଣ୍ଣ ହୋଇ ରହିଥିଲା··· । ଦୁଇଟା ଟେବୁଲ୍ ବିଭିନ୍ନ ଧରଣର ଉପାଦେୟ ଆହାର୍ଯ୍ୟ ଓ ପାନୀୟ ଦ୍ରବ୍ୟରେ ଭରା, ତନ୍ମଧ୍ୟରେ ଠିକ୍ ମଧ୍ୟସ୍ଥଳରେ ଈଷତ୍ କ୍ଳାନ୍ତଭାବରେ ଯେଉଁ ସ୍ୱାସ୍ଥ୍ୟବତୀ ସୁନ୍ଦରୀ ରନ୍ଧୁଣୀଟି ବିଶେଷ ଭାବରେ କାର୍ଯ୍ୟବ୍ୟସ୍ତ ଥିଲେ, ତାଙ୍କର ନାମ ଲତିକା ନାଏକ ।

ହାତ ଦୁଇଟିକୁ ବେଶ୍ ଆରାମରେ ମୁଠାକରି ନେଇ କାଉନ୍ସ ନାଳ ପୋଛୁ ପୋଛୁ ଜନାଥନ ବାବୁ ଡାକିଲେ, "ଲତିକା ! ଲତେ !

Digitized by srujanika@gmail.com

ତୁମେ ଆଜ କମିଷ୍ଟ 'ଭ୍ରାକୁର' ମାଛ ରାନ୍ଧଛ, ଦେଖି । ଆଃ, କି ସୁନ୍ଦର ବାସନା ଏହି ଘର ଭିତରୁ ମହକି ଆସୁଛି ! ସମଗ୍ର ଘରଟାକୁ ମୁଁ ଏହି ମୁହୂର୍ତ୍ତରେ ଖାଇ ଦେଇ ପାରେଁ··· । ଓଃ ! ଯେଉଁ ଭୋକ ହେଲାଣି ! କାହିଁ ? ମିସ ନାୟକ ! ତମର 'ଭ୍ରାକୁର' ଦେଖାଇଲ ନାଇ ତ ?"

ଗୋଟାଏ ଟେବୁଲ୍ ପାଖକୁ ଯାଇ ଲମ୍ଭଙ୍କା ଗତେଣ୍ଡ ତେଲ-ଚିକଟା-ଲଗା ଖବର କାଗଜ ଟେକ ଦେଲେ । କାଗଜ ତଳେ ଗୋଟାଏ ବଡ଼ ଥାଳୀ ଦେଖାଗଲା । ସେହି ଥାଳୀ ମଧ୍ୟରେ ଥୁଆ ହୋଇଥିଲା ଗୋଟାଏ ବୃହତ୍ ଆକାରର ସୁସିଦ୍ଧ 'ଭ୍ରାକୁର' । ସେହି ଆଡ଼କୁ ଚାହିଁ ଜନାର୍ଦ୍ଦନ ବାବୁ ଗୋଟିଏ ତୃପ୍ତିର ନିଶ୍ୱାସ ପରିତ୍ୟାଗ କଲେ । ମୁହଁ ତାଙ୍କର ଉଜ୍ଜ୍ୱଳ ହୋଇ ଆସିଲା—ଆଖିର ତାରା ଆନନ୍ଦରେ ନାଚିବାକୁ ଲାଗିଲା । ସେ ନଇଁ ପଡ଼ି ଓଠ ଦୁଇଟିକୁ ସଶବ୍ଦରେ ଚୁଚୁମିବାକୁ ଲାଗିଲେ ।

ତେଲ ବିହୀନ ଶଗଡ଼ ଚକର ଆବର୍ତ୍ତନ ଯେପରି ଶବ୍ଦ ଉତ୍ପାଦନ କରେ, ସେହିପରି ଏକ ଆବାଜ୍ ତାଙ୍କ ଓଠ ଦୁଇଟିର ଫାଙ୍କରୁ ବାହାରି ଆସିଲା । କିନ୍ତୁ ସମସ୍ତ କ୍ଷୁଦ୍ରା ହୋଇ ଆଙ୍ଗୁଠିଗୁଡ଼ିକକୁ ମଠାଳି ମଠାଳି ସେ ପୁଣି ଓଠ ଦୁଇଟି ମଧ୍ୟରୁ ସେହିପରି ଏକ ଧ୍ୱନି ବାହାର କରିବାକୁ ଲାଗିଲେ··· ।

ଏହି ସମୟରେ ପାର୍ଶ୍ୱବର୍ତ୍ତୀ ଘରୁ କାହାର କଣ୍ଠସ୍ୱର ଶୁଣାଗଲା, "ଆଃ ! ଗୋଟାଏ ପ୍ରାଣ-ମତାଣିଆ ଚୁମ୍ବ ଖାଇବାର ଶବ୍ଦ ଶୁଭିଲାପରି ଜଣାଗଲା ! ହେ ଲଢକା ! ସେଠାରେ କାହାକୁ ଅଧରଦାନ କରୁଚ—?" କହୁ କହୁ ଦ୍ୱାରପଥରେ ବାହାରି ପଡ଼ିଲା ବିଦ୍ୟାଳୟର ସହକାରୀ ଶିକ୍ଷକ ଦାନିଏଲ ବାବୁଙ୍କ ମୁଣ୍ଡ । "କାହା ସଙ୍ଗରେ ଚୁମ୍ବନ-ଖେଳରେ ମଜ୍ଜି ଥିଲ ଗୋ ଲଢକା ରାଣୀ ! ଓଃ-ହୋଃ-ହୋଃ !

Digitized by srujanika@gmail.com

ଆମର ଶାନ୍ତ ଶିଷ୍ଟ ଜନାର୍ଦନ ବାବୁ ! ବୁଢ଼ା ହେଲେ ମଧ୍ୟ ତୁମେ ଯେ ସୁବିଧାରେ ରସିଆ ନାଗର ବନିଛ ! ଏଁ ! ସେତେବେଳେ ଘରଟାରେ ଏକାକୀ ଗୋଟିଏ ସ୍ତ୍ରୀ ଲୋକ ସଙ୍ଗରେ ! ହୋଃ-ହୋଃ-ହୋଃ ।

କିଂକର୍ତ୍ତବ୍ୟବିମୂଢ଼ ଜନାର୍ଦନ ବାବୁ ଇତସ୍ତତଃ ହୋଇ ଉତ୍ତର ଦେଲେ, "ମୁଁ ମୋଟେ ଚୁମ୍ବନ କରି ନାହିଁ, ଏହା ମୁଁ ଶପଥ କରି କହି ପାରେଁ । କିଏ କହୁଛି ମୁଁ ଚୁମା ଦେଇଥିଲି ? ନିପଟ ବୋକାଙ୍କର ଚୂଡ଼ାମଣି ତୁମେ ? ଏହି ମାଛଟାକୁ ଦେଖି ମୁଁ ନିଜର ଓଠ ଚଟୁଥିଲି ମାତ୍ର ।"

ଗୋଟାଏ ଅବିଶ୍ୱାସ ହାସ୍ୟଲହରୀ ତୋଳି ଦୁଆର ମଧ୍ୟରେ ଅଦୃଶ୍ୟ ହୋଇ ଯାଉ ଯାଉ ଡାନିଏଲ ବାବୁ କହିଲେ, "ସେଗୁଡ଼ିକ ଆଉ କାହାକୁ କହିବ—ବୁଝିଲ !"

ଜନାର୍ଦନ ବାବୁ ଲଜ୍ଜାରେ ଆରକ୍ତ ହୋଇଗଲେ । ସେ ମନେ ମନେ କହିବାକୁ ଲାଗିଲେ—"ଏହି ସାମାନ୍ୟ ଘଟଣାଟି କଥାଟା ଯେ କେଉଁ ଯାଏ ଯିବ, ତାହା ଏହି ସମ୍ଭ୍ରାନ୍ତଙ୍କୁହିଁ ଜଣା । ସମ୍ଭବତଃ ଟା ନିଶ୍ଚୟ ସମସ୍ତଙ୍କ ପାଖରେ ଏହି ଗଳ୍ପ କହି ବୁଲିବ । ମୋତେ ସମଗ୍ର ସହରର ଆଖିରେ ମ୍ଳାନ କରି ଦେବ । ଅଚ୍ଛା ବୋକା ହାବୁଡ଼ରେ ମଣିଷ ପଡ଼ିଲା । ନିହାତି ବ୍ରୁଟଟାଏ ।"

ପୁଣି ଅଭ୍ୟାଗତମାନଙ୍କ ନିକଟକୁ ସେ ଫେରିଗଲେ । ଡାନିଏଲ କଅଣ କରୁଛନ୍ତି, ଏହା ଦେଖିବା ଲାଗି ସେ ଉଦ୍ବେଗରେ ଚାରିଆଡ଼କୁ ବାରମ୍ବାର ଖୋଜିବାକୁ ଲାଗିଲେ । ଦେଖି ପାରିଲେ, ପିଆନୋ ଉପରେ ଭର ଦେଇ ଡାନିଏଲ ଜିଲ୍ଲା ଇନ୍‌ସ୍ପେକ୍ଟରଙ୍କର ଭଉଣୀ ସହୋଦରା ସଙ୍ଗରେ କିଣ କଥାବାର୍ତ୍ତା କରୁଛନ୍ତି ଆଉ ହସରେ ତାଙ୍କ ମୁହଁଗଣ୍ଡିକ ଫାଟି ପଡ଼ୁଛି ।

Digitized by srujanika@gmail.com

ଜନାଥନ ବାବୁ ଭାବିଲେ, ନିଶ୍ଚୟ ମୋଅର କଥା ଶୁଣିଛ !' ତା ନୁହେଁ ତ ଆଉ କଅଣ ? ଶୟତାନ ! ଆଜ ସରୋଜିନୀ ବୋଧହୁଏ ତା କଥା ନିଶ୍ଚୟ ବିଶ୍ୱାସ କଲେ—ନିଶ୍ଚୟ, ନିଶ୍ଚୟ; ତା ନ ହୋଇଥିଲେ ସେ ଏପରି ହସୁଥାଆନ୍ତେ କାହିଁକି ? ହା ଭଗବାନ୍ !' ନାଃ, କଥାଟାକୁ କୌଣସି ମତେ ଏପରି ଭାବରେ ଗଢ଼ିବାକୁ ଛାଡ଼ି ଦେବ ନାହିଁ । ନାଃ, କୌଣସି ମତେ ନୁହଁ—କେହି ଯେପରି ଏ କଥାଟାକୁ ବିଶ୍ୱାସ ନ କରନ୍ତି, ମୋତେ ସେହି ଉପାୟ କରିବାକୁ ହେବ । ଆଜତ, ମୁଁ ସମସ୍ତଙ୍କୁ ବିଷୟଟାକୁ ଭଲ କରି ବୁଝାଇ କହିଦେବି, ତା ହେଲେ ଦାନିଏଲ ଏ କଥା କହିଲାବେଳେ ନିଶ୍ଚୟ ହାସ୍ୟାସ୍ପଦ ହୋଇ ଉଠିବ ।

ଅନେକ ସମୟ ପର୍ଯ୍ୟନ୍ତ କିଂକର୍ତ୍ତବ୍ୟବିମୂଢ଼ ସଦୃଶ ଛିଡ଼ା ହୋଇ ମୁଣ୍ଡ ଅଉଁସି ଅଉଁସି ଅବଶେଷରେ ସେ ସରୋଜିନୀଙ୍କ ନିକଟରେ ଉପସ୍ଥିତ ହେଲେ ।

"ଜାଣ ସରୋଜିନୀ ! ଟିକିଏ ଆଗରୁ ମୁଁ ରୋଷେଇ ଘରକୁ ଯାଇଥିଲି; ଖାଇବା ପିଇବା ସବୁ ଠିକ୍‌ଠାକ୍ ହୋଇଛି କି ନାହିଁ ତଦାରଖ କରିବା ପାଇଁ । ତୁମେ ମାଛ ଖାଇବାକୁ ଖୁବ୍ ସୁଖ ପାଅ କି ନା, ମୁଁ ଜାଣେ; ସେଥିପାଇଁ ଗୋଟାଏ ବଡ଼ 'ଭାକୁର' ଅଣାଇଛି । ଜାଣିଚ, ମାଛଟା ପ୍ରାୟ ଦୁଇଗଜ ଲମ୍ବା ହେବ । ହଁ, ଗୋଟାଏ କଥା କହିବାକୁ ଭୁଲି ଯାଉଛି । ଓଃ—ହାଃ—ହୋଃ ହୋଃ । ରୋଷେଇ ଘରେ ଏହି 'ଭାକୁର' ସମ୍ପର୍କରେ ଗୋଟାଏ ଭାରି ମଜାର ବ୍ୟାପାର ଘଟି ଯାଇଛି । ତୁମକୁ ଏହିକ୍ଷଣି କହୁ ନ ଥିଲି । ଖାଇବା-ପିଇବା ସବୁ ଠିକ୍‌ଠାକ୍ କି ନା ଦେଖିବା ଲାଗି ମୁଁ ଯାଇଥିଲି ରୋଷଘରକୁ । 'ଭାକୁର' ଟାକୁ ଦେଖି ମୁଁ ଆନନ୍ଦରେ ନିଜର ଓଠ ଚୁଚୁମିବାକୁ ଯିବାବେଳେ ଟିକିଏ ଅବାକ ହୋଇଥିଲି, କାରଣଟା ବୁଝିଲ ତ ?'

Digitized by srujanika@gmail.com

'ଲୁଚକର ଖାଦ୍ୟ ଦେଖିଲେ ଓଠର ବନ୍ଧନ ଆପେ ଆପେ ଫିଟିଯାଏ । ଆଉ ଠିକ୍ ସେଇକ ବେଳେ କେଉଁଠାରୁ ଆସି ଦାନିଏଲ ବାବୁ ତାହାର ପଛ କଅଣ କହୁଥିଲେ ଜାଣ, ହୋଃ—ହୋଃ—ହୋଃ, ଲତିକାକୁ ମୁଁ ଲୁଅଚୋରି ଚୁମ୍ବ ଦେଉଥିଲି ! ଲତିକା ! ··· ସାମାନ୍ୟ ସନ୍ଧୁଣୀ ଜଣେ । ··· ଉର୍ବର-ମସ୍ତିଷ୍କର କି ଉଦ୍ଭାବନୀ ଶକ୍ତି ଦେଖ ! ଆରେ, ଛି—ଛି ! ଲତିକା ମୁହଁ ହେଉଛି ଠିକ୍ ମାଙ୍କଡ଼ ମୁହଁ ପରି; ଆଉ ତାକୁ ମୁଁ ଦେବି ଚୁମା ! ଆରେ ରାମ ! କି ଭୁଲଆ ନିନ୍ଦୁକ ମଣିଷ ଏହି ଦାନିଏଲଟା, ଦେଖୁଛ ତ ସରୋଜିନୀ ।—"

"କିଏ ମିଛୁଆ ନିନ୍ଦୁକ ମଣିଷ ମ ?" ପାଖ ଦେଇ ଯାଉ ଯାଉ ଫେର ପଛ କୋଅପରେଟିଭ୍ ବ୍ୟାଙ୍କର ହେଡ୍ କରାନି ମନମଥ ବାବୁ ପଚାରିଲେ ।

ଏଇ—ଏଇ—ଦାନିଏଲ୍;—ଆଉ ପୁଣି କିଏ ? ଶୁଣ ନା କଥାଟା ! "ଟିକିଏ ଆଗରୁ ମୁଁ ଷ୍ଟୋରଘରକୁ—" ଲତିକା ଆଉ ଭାଲୁର ମାଛର କାହାଣୀ ପୁନଃ କଥିତ ହେଲା ।

"ହସୁଥିଲି ଏଇଥିପାଇଁ । ଓଃ, କି ମିଛୁଆ ଲୋକଟା ! ମୋର ମନେ ହୁଏ, ଲତିକା ଅପେକ୍ଷା ମୁଁ ବେଶୀ ଆନନ୍ଦ ପାଇବି ଗୋଟିଏ ମୁର୍ଗୀକୁ ଚୁମା ଦେଲେ ।" ଏହି କଥା କହି ଦାନିଏଲ ବାବୁ ଅନ୍ୟତ୍ର ପ୍ରସ୍ଥାନ କଲେ । କିନ୍ତୁ ସମସ୍ତ ଘଟଣାଟିରେ ପରିଷ୍କରଣ କରି ବୁଝିବା ପରେ ସେ ଦେଖିଲେ ସାମୁଏଲ ବାବୁଙ୍କ ସ୍ତ୍ରୀ ଦରାସିମାଙ୍କୁ ।

ତାଙ୍କୁ ଦେଖି ମଧ୍ୟ ଜନାର୍ଦନ ବାବୁ ଆରମ୍ଭ କଲେ । ଦାନିଏଲ୍‌କୁ ସମ୍ବନ୍ଧରେ ଆମର କଥାବାର୍ତ୍ତା ହେଉଥିଲା । କି ଦାୟିତ୍ୱହୀନ ଲୋକଟା, କହିଲେ ଦେଖି ଭାଉଜଙ୍କ ବାବୁ ! ସେ ଷ୍ଟୋରଘରେ ପଶୁଛି ମୋତେ ଲତିକା ନିକଟରେ ଦେଖିଲା; ତା ପରେ ସବୁଙ୍କ ସାଙ୍ଗେ ତା ମଗଜ ଭିତରେ ଗୋଟାଏ ଉଦ୍ଭଟ ଗଳ୍ପ ଗଢ଼ିଉଠିଲା । ବନ୍ଧୁତ କଅଣ ନା,

Digitized by srujanika@gmail.com

ତୁମେ ଦୁଇଜଣ ଦୁଇଜଣଙ୍କୁ ବେଶ୍ ଚୁମ୍ବନ ଦିଆଦେଇ ଦେଖିଥିଲ ତ ? ମଦ ଖାଇ ସେ ସେତେବେଳେ ବୋଧହୁଏ ନିଶ୍ଚୟ ସ୍ୱପ୍ନ ଦେଖୁଥିଲା । ମୁଁ କହିଲି ଦ୍ୟାଖ; ତା ଅପେକ୍ଷା ଗୋଟାଏ ହଂସକୁ ବରଂ ମୁଁ ଚୁମ୍ବନ କରି ପାରେ । ତା ଛଡ଼ା ମୋର ସ୍ତ୍ରୀ ରହିଛନ୍ତି, ତୁମେ କଅଣ କହୁଚ ହେ ! ଏସବୁ କଥା ବୋକାଙ୍କ ପରି… ? ଏ ସବୁର ଅର୍ଥ କଅଣ ବୁଝୁଚ ? ଲୋକଙ୍କ ଆଖିରେ ମୋତେ ହୀନ ପ୍ରତିପାଦନ କରିବାର ଚକ୍ରାନ୍ତ—ଆଉ କଅଣ ?

ଦାନିଏଲ ବାବୁଙ୍କ ପଛଆଡ଼ୁ ହଠାତ୍ ଧର୍ମଦର୍ଶନତତ୍ତ୍ୱର ଅଧ୍ୟାପକ ପ୍ରଶ୍ନ କଲେ, କିଏ କାହାକୁ ହୀନ କରିବାକୁ ଚାହୁଁଛି ହେ ?”

ଏଇ ଦାନିଏଲ—ଆଉ ପୁଣି କିଏ ? ସେପେଇଘରେ ଛିଡ଼ା ହୋଇ ‘ଭାକୁର’ ମାଛ ଦେଖୁଥିଲି ଇତ୍ୟାଦି ଇତ୍ୟାଦି ।

ତା ପରେ ? ତା ପରେ ଆଉ କଅଣ ? ଅଧଘଣ୍ଟା ଭିତରେ ଦାନିଏଲ ଆଉ ‘ଭାକୁର’ ମାଛ ସମ୍ବନ୍ଧରେ ସମସ୍ତ କଥା ଆମନ୍ତ୍ରିତ-ଗଣଙ୍କ ନିକଟରେ ଅଜ୍ଞାତ ରହିଲା ନାହିଁ ।

ହାତ ଦୁଇଟିକୁ ନରମ କରିବା ଉଦ୍ଦେଶ୍ୟରେ ବେଶ୍ ସୁନ୍ଦର ଭାବରେ ମଟାଳି ନେଇ ଅନନ୍ତର—ଜନାଥନ ବାବୁ ମନେ ମନେ ଭାବିବାକୁ ଲାଗିଲେ, “କହ, ଏଥର କଅଣ କହିବୁ କହ । ଯାହା କହିବାକୁ ଯିବୁ, ଏମାନେ ଚଟ୍ କରି ଉତ୍ତର ଦେବେ, “ମିଛ କଥା କହିବାକୁ ଆଉ ଆସ ନା ହେ ବୋକାଶିରୋମଣି ! ଆମ୍ଭେମାନେ ଏ ବିଷୟ ସବୁ ଜାଣୁ ।”

ମନଗଢ଼ା କଥାରେ ଜନାଥନ ବାବୁ ଏତେ ଖୁସି ହୋଇଗଲେ ଯେ, ସେ ସ୍ୱନ୍ତରେ ସେ ପ୍ରାୟ ଚାରି ଗ୍ଲାସ ବ୍ରାଣ୍ଡି ଗଳାଧଃକରଣ କରି ପକାଇଲେ । ଏହା ତାଙ୍କର ପାନଶକ୍ତିର ବହିର୍ଭୂତ ଥିଲା । ଝିଅକୁ ଶଶୁରଘରେ ପଠାଇଦେଇ ଆସି ସେ ଗ୍ଲେଟ ଖଣ୍ଡିଏ

Digitized by srujanika@gmail.com

ଭଳିଆ ବିଛଣାରେ ଶୋଇ ପଡ଼ିଲେ । ପରଦିନ ସେ ଗତ ରାତିର କଥା ଏକାବେଳକେ ଅମୂଳଚୂଳ ଭୁଲିଗଲେ, କହିଲେ ଚଳେ । କିନ୍ତୁ ମନୁଷ୍ୟ ଯାହା ଭାବେ, ତାହା ସହିତ ଭଗବାନଙ୍କ ଗଢ଼ା କର୍ମଚାଲିବାର କୌଣସି ସାମଞ୍ଜସ୍ୟ ନ ଥାଏ ।

ଦୁଷ୍ଟମୁଖର ଅଶ୍ଳିଷ୍ଟ ପ୍ରଚାରକୁ କେହି ବାଧା ଦେଇ ପାରିଲେ ନାହିଁ; ଏପରି କି ଜନାଥନ ବାବୁଙ୍କର ସମସ୍ତ ଚତୁରତା ମଧ୍ୟ ତା ନିକଟରେ ପରାଭବ ସ୍ୱୀକାର କଲା । ପ୍ରାୟ ଏକ ସପ୍ତାହ ପରେ ଦିନେ ସ୍କୁଲର ତୃତୀୟ ଘଣ୍ଟା ପରେ ଯେତେବେଳେ ଜନାଥନ ବାବୁ ଶିକ୍ଷକମାନଙ୍କ ଘରେ ବସି ଜନୈକ ଛାତ୍ରର ଦୁଷ୍ଟବୁଦ୍ଧି ସମ୍ବନ୍ଧରେ ବକ୍ତୃତା ଦେଉଥିଲେ, ସେତେବେଳେ ସ୍କୁଲର ପରିଚାଳକ ମହାଶୟ ତାଙ୍କୁ ଘରର ଗୋଟାଏ କଣକୁ ଡାକିନେଇ କହିଲେ—

“ଦେଖନ୍ତୁ ଜନାଥନ ବାବୁ ! ଆପଣଙ୍କୁ ଗୋଟାଏ ଅପ୍ରିୟକଥା ଅନିଚ୍ଛାସତ୍ତ୍ୱେ ଶୁଣାଇବି, ମୋତେ କ୍ଷମା କରିବେ; କାରଣ, ମୋର କର୍ତ୍ତବ୍ୟ ହେଉଛି—ଆପଣଙ୍କୁ ଏ ବିଷୟ ଜଣାଇବା । କଥାଟା ହେଉଛି ଏଇ ଯେ, ସହରରେ ଗୋଟାଏ ଜନରବ ଉଠିଛି ଯେ, ଆପଣ କୁଆଡ଼େ ଏହି ସ୍ତ୍ରୀ ଲୋକଟି ସଙ୍ଗରେ—ଅର୍ଥାତ୍ ଆପଣଙ୍କ ସୁନ୍ଦରୀ ରାନ୍ଧୁଣୀଟି ସଙ୍ଗରେ ଟିକିଏ ବେଶୀ ଭାବରେ ଘନିଷ୍ଠ ରହିଛନ୍ତି । ଏଥିରେ ଅବଶ୍ୟ ମୋର ଆପତ୍ତି କରିବାର କିଛି ନାହିଁ, କାରଣ, ଏହା ହେଲା ଆପଣଙ୍କର ଖୋଦ୍ ପ୍ରାଇଭେଟ୍ କଥା । ଆପଣ ଯାହା ଇଚ୍ଛା ତା କରନ୍ତୁ ନା କାହିଁକି, ଏହା ଯେପରି ବାହାରେ କାହା ନିକଟରେ ପ୍ରକାଶ ନ କରନ୍ତି । ମୋର ଏହା ଅନୁରୋଧ । ମୋତେ କ୍ଷମା କରିବେ, ଆପଣଙ୍କୁ ଆଉ ଗୋଟାଏ କଥା ଜଣାଇ ରଖିବା ଉଚିତ ମନେ କରୁଛି, ଆପଣ କଦାପି ଭୁଲି ଯିବେ ନାହିଁ ଯେ, ଆପଣ ସ୍କୁଲର ଶିକ୍ଷକ ।”

Digitized by srujanika@gmail.com

ଜନାଥନ ବାବୁ ଉତ୍ତରରେ ଶବ୍ଦେ ହେଲେ କଥା କହି ପାରିଲେ ନାଇ । ସେ ଲଜ୍ଜାରେ ତଳ ପଡ଼ିଗଲେ । ଦୁର୍ନାମର ବୋଝଟା ଆଜି ନନ୍ଦାର ତଳା ଅଲଙ୍କାରରୁ ମାଗି ହୋଇ ସେ ବୁଲୁଥିଲେ ବୋଲି ଜନତାର ଦୃଷ୍ଟି ପଡ଼ୁଥିଲା ତାଙ୍କ ଉପରେ । ସାରା ରାସ୍ତାରେ ତାଙ୍କର ବିଷୟ ଆଜିକାଲି ଆଲୋଚିତ ହେଉଥିଲା । ଘରେ ମଧ୍ୟ ନୂତନ ଏକ ବିପଦ ଫାଶ ପାତି ତାଙ୍କୁ ଅପେକ୍ଷା କରି ବସିଥିଲା ।

ଆହାର କରିବା ସମୟରେ ସ୍ତ୍ରୀ କହିଲେ—"ଆଜି କଣ୍ଟା ଖାଇ ପାରୁ ନାହଁ କାହିଁକି ମ ? କଅଣ ଏତେ ଭାବୁଛ କହିଲ ଦେଖି ? ଯାହା ତୁମେ ଭାବୁଛ, ମୁଁ ସେ କଥା ଜାଣେ । ଡାଳିମୁଣୀ ଲତିକା କଥା ଭାବୁଥିବ ତ ? ହାରାମ୍‌ଜାଦ ! ଆଜି ତୁମ କାର୍ତ୍ତି କଥା ମଧ୍ୟ ସମସ୍ତେ ମୋତେ କହୁଛନ୍ତି । ମିଶିପି ମଣିଷଙ୍କର କଅଣ ଟିକିଏ ହେଲେ ଲାଜ ସରମ ନାଇ ଲୋ ମା ?"

ଏତିକି କହିସାରି ସେ ବୁଢ଼ା ଜନାଥନଙ୍କ ଗଣ୍ଡରେ ସଜୋରରେ ଚପେଟାଘାତ କଲେ ।

ଜନାଥନ ବାବୁ ଖାଇବା ଘରୁ ଉଠିଗଲେ, କମି ଦମି କୋଟ ଟେ ହଟାପି ନ ପିନ୍ଧି ସେ ସିଧା ଦାନିଏଲ ବାବୁଙ୍କ ଘର ଆଡ଼କୁ ଚାଲିଲେ । ଦାନିଏଲ ବାବୁ ମଧ୍ୟ ସେହି ସମୟରେ ସୌଭାଗ୍ୟ କିମ୍ବା ଦୁର୍ଭାଗ୍ୟବଶତଃ ଘରେ ଉପସ୍ଥିତ ଥିଲେ ।

ଦାନିଏଲ ବାବୁଙ୍କୁ ସମ୍ମୁଖରେ ଦେଖି ସେ ରୁକ୍ଷ କଣ୍ଠରେ କହିବାକୁ ଆରମ୍ଭ କଲେ, "ରାସ୍କେଲ୍ ! ସମଗ୍ର ଜଗତ ସମ୍ମୁଖରେ ମୋ ଦେହରେ ଇମିତିକା କାଦୁଅ ଛିଟା ଲେପିବାର କି ଦରକାର ଥିଲା ? କାହିଁକି ତୁମେ ମୋର ଇମିତି ନିନ୍ଦା କରି ବୁଲୁଛ ?"

"କଅଣ ନିନ୍ଦା କଲି, ଶୁଣେଁ । ନିନ୍ଦା ? କଅଣ ତୁମେ କହୁଛ ହେ !"

Digitized by srujanika@gmail.com

"ହଁ, ହଁ, ମୁଁ ଠିକ୍ କହୁଛି । କିଏ ସମସ୍ତଙ୍କ ଆଗରେ କହୁଚି, ମୁଁ ଲତିକାକୁ ଧରି ଚୁମ୍ବନ ଦେଇଥିଲି ?··· ତୁମେ ତ; ତୁମ ଛଡ଼ା କିଏ ଆଉ ଏପରି କରନ୍ତା ? ତୁମେ ଅସ୍ୱୀକାର କରୁଚ ! ମୋତେ ଖୁଣି କରି କହୁଚ କଥଣ ନା, ମୋ ଦେହରେ ଅଳଙ୍କାର ଉଙ୍କି ଦେଖାଲ ହେଉଛି ?"

ଆଖି ଦୁଇଟିକୁ କପାଳ ପର୍ଯ୍ୟନ୍ତ ଟେକି ଥରି ଥରି କାନ୍ଦ କାନ୍ଦ ସ୍ୱରରେ ଦାନିଏଲ ବାବୁ କହିଲେ, "ଭଗବାନଙ୍କ ନାମରେ ହଲପ କରି ମୁଁ କହୁଛି ମୁଁ ଏକଥା କାହାକୁ କେବେ କହି ନାହିଁ ! ଯଦି କହିଥିବି, ମୋ ଆଖି ଫୁଟିଯିବ, ମୁଁ ଅନ୍ଧ ହୋଇଯିବି । ମୋ ଘର-ଦୁଆର ସବୁ ଭସ୍ମ ହୋଇଯିବ, ମୁଁ ତୁମ ସମ୍ବନ୍ଧରେ ଗୋଟାଏ କଥା ମଧ୍ୟ ଏ ପର୍ଯ୍ୟନ୍ତ କାହାକୁ କହି ନାହିଁ ! ତୁମେ ବିଶ୍ୱାସ କର ।"

ଦାନିଏଲଙ୍କ କଥା କିନ୍ତୁ ଆଉ ଅବିଶ୍ୱାସ କରାଯାଇ ନ ପାରେ । ସେ ଯେ କୌଣସି କଥା କାହା ପାଖରେ ପ୍ରକାଶ କରି ନାହାନ୍ତି, ଏହା ଠିକ୍ ।

ଅନ୍ୟାନ୍ୟ ବନ୍ଧୁମାନଙ୍କ କଥା ସ୍ମରଣ କରି ଜନାର୍ଦ୍ଦନ ବାବୁ ମନେ ମନେ ଭାବିବାକୁ ଲାଗିଲେ, "କିନ୍ତୁ କାହା ମୁହଁରୁ ଏ କଥା ବାହାରିଲା ? ସେ ଲୋକଟି କିଏ ?"

୩୯ଶ ଭାଗ—ଫାଲ୍‌ଗୁନ—୧୩୪୩, ୧୧ଶ ସଂଖ୍ୟା ଉତ୍କଳ ସାହିତ୍ୟରେ ପ୍ରଥମେ ପ୍ରକାଶିତ ।

Digitized by srujanika@gmail.com

ବିଭ୍ରାଟ

ବଡ଼ ଭୋର । କଳା ମଶ୍ ମଶ୍ ଅନ୍ଧାର ଦହରେ କୁହୁଡ଼ି ମିଶି ଅଳ୍ପ ଅଳ୍ପ ଓସାରିଆ ଦିଶୁଛି । ଜାଜପୁର ବଡ଼ ବଜାରରେ ଲୋକ ଚଳାଚଳ ସେତେବେଳେ ହୋଇ ନାହିଁ । ମୋଟର ଷ୍ଟାଣ୍ଡ ପାଖ ଲଗାଲଗି ଦୁଇ ହୋଟେଲର କବାଟ ପଟା ବନ୍ଦ ସବୁ ପଡ଼ିଛି । ଟିଣଛପର ହୋଟେଲର ଘରର ମଟକା ଉପରେ ବସି ତୋମିଙ୍କ ମିଆଁର ଗଞ୍ଜାଟା ଚୁଲ ଝାଡ଼ି ଡାକ ପାରୁଛି, "ଚ-କ୍-କ-ଧ-ର ର-ଅ-ଖ-ଅ ।" ମୁଣ୍ଡରେ ଗୋଟାଏ କମ୍ଫଟାର ଗୁଡ଼ାଇ ହାତେ ଲମ୍ବ ଖଣ୍ଡେ ନିମ୍ବ ଦାନ୍ତକାଠି ଧରି ଲୋକ-ଜନ୍ମ ହାତୀ ସହୁଭର ଖ, ଖ, ଶବ୍ଦ କରି କରି ଛେପୁଛନ୍ତି । ଅଳ୍ପ ଦୂରରେ ମ୍ୟୁନିସିପାଲିଟି ଗାଡ଼ି କରକରୁ-ଘ୍ରଡ଼ିଣି ରାସ୍ତା ଉପରେ ଘଡ଼ ଘଡ଼ ଶବ୍ଦ କରି କୁଆଡ଼େ ଚାଲିଛି ଭାରି ଜୋରରେ । ମଣି ସାହୁ ଙ୍କ ଦୋକାନ ସାମନାରେ ଦୁଇଟା ମାଟିଆ ଚାଲ ଥଣ୍ଡା ହଣାହଣି ହଉଚନ୍ତି । ପେଙ୍ଗୀ କୁତୀଟା ଏକା ରାହାରେ ଅନାଇ ରହୁଛି ସେଇଆଡ଼କୁ ।

ଏହି ସମୟରେ ଦାରୋଗା ଗୋବର୍ଦ୍ଧନ ବାବୁ ଫାର୍ଣ୍ଡି ଉଦାରଣ କାମ ସାରି ସେହି ବାଟେ ଥାନାକୁ ଲେଉଟୁଥିଲେ; ସାଥିରେ ଜମାଦାର ଖୋଦା ବକସ୍ । ଜମାଦାର ସାହେବଙ୍କ ହାତରେ ଖଣ୍ଡେ ପାଞ୍ଚହାତିଆ ଅଞ୍ଚୁ । ବୋଧହୁଏ କୌଣସି ବେପାରୀ ଗାଡ଼ିରୁ ବାହାର ପଢ଼ି ରାସ୍ତା ଅବରୋଧ କରିଥିବା ଅପରାଧରେ ଧୃତ ହୋଇ ଅଞ୍ଚୁଟା ଥାନାକୁ ନୀତ ହେଉଥିଲା ।

ଦାରୋଗା ବାବୁ ଚକମ୍ପରେ ପହଞ୍ଚିଛନ୍ତି କି ନାହିଁ, ମଣି ସାହୁ ଙ୍କ ଦୋକାନଆଡ଼େ ଭାରି ଗୋଳମାଳ ଶୁଣାଗଲା ।

Digitized by srujanika@gmail.com

"ଛାଡ଼ ନା, ଛାଡ଼ ନା ତାକୁ ମୁଁ କହୁଛି । ଅଲକ୍ଷଣୀ କୁତ୍ତା ! ମୋତେ ପୁଣି କାମୁଡ଼ିବ !! ହୋବ୍ ଦେଖ !!! କାମୁଡ଼ିବା ଆଜିକାଲି ଆଇନରେ ମନା—ଏ କଥା ମନେ ଅଛୁଟି କ ?

ଜଣେ ମହାଜନ କାଠ ଗୋଦାମ ପାଖରେ ଗୋଟାଏ କୁତ୍ତା କେଉଁ କେଉଁ ହୋଇ ତିନି ଗୋଡ଼ରେ ଡେଉଁଥିଲା । ତାର ପଛ ଟାଙ୍କୁ ଗୋଟାକୁ ନାଲି ଗାମୁଛା ପିନ୍ଧିଥିବା ଜଣେ ଲୋକ ଗୁରୁଣ୍ଡି ପଡ଼ି ଜାବୁଡ଼ି ଧରିଥିଲା । କୁକୁରଟି ଦ୍ୱିଗୁଣ ଝଙ୍କମରେ କେଉଁ କେଉଁ ହେଉଥିଲା । ଦାନ୍ତକାଠିଟାକୁ ପାଟିରେ କାମୁଡ଼ି ହାତୀ ମହଉର ପିଣ୍ଡା ଉପରେ ପଡ଼ିଥିବା ଗୋଟାଏ କସ୍ମିନୀ ବାକ୍ସ ଉପରେ ଛିଡ଼ା ହୋଇ କଥା କଣ ଦେଖିବାରେ ଲଗିଲେ ।

ଜମାଦାର କହିଲା—"ବଡ଼ ଗଣ୍ଡଗୋଳ ଲାଗି ଗଲାଣି ହଜୁର ।"

ଜଣେ ମହାଜନର କାଠଗୋଲାକୁ ଡାହାଣପଟେ ରଖି ଦାରୋଗା ବାବୁ ଯାଇ ମଣି ସାହୁର ଘି ଦୋକାନରେ ପହଞ୍ଚିଲେ । ଦେଖିଲେ, ନାଲି ଗାମୁଛା ପିନ୍ଧା ଜଣେ ଲୋକ ଡାହାଣ ହାତର ଗୋଟିଏ ଆଙ୍ଗୁଠି ଟେକି ଉପସ୍ଥିତ ସମସ୍ତଙ୍କି ଦେଖାଉଛି । ଲୋକଟିକୁ ଦେଖିବା ମାତ୍ରେ ଦାରୋଗା ବାବୁ ଚିହ୍ନିଲେ—ସେ ଉପର ସାହିର ମୂଳି ପଧାନ, ଭୋଳି ପଧାନ ପୁଅ, ନକୁଳି ପଧାନ ନାତି ।

ଅପରାଧୀ କୁକୁର ବଗୃସ୍ତ ମୂଳିଆ ଗୋଡ଼ ସନ୍ଧିରେ ପଶି ଥର୍ ଥର୍ ହୋଇ ଥରୁଥିଲା ।

"କଥା କଣ ? ଇମିତି ଷଣ୍ଢ ପରି ବୋବାଳି ଛାଡ଼ୁଛୁ କାହିଁକି ରେ ? ରକ୍ତ ବାହାରିଲା ଫେର୍ କେଉଁଠୁ ?" ଦାରୋଗା ବାବୁ ଗର୍ଜନ କଲେ ।

Digitized by srujanika@gmail.com

ଦଣ୍ଡବତ ହୋଇ ମୂଳିଆ କହୁଲା—"ମୁଁ ଏହୁ ବାଟେ ଯାଉଥିଲି ହଜୁର । କାହାର କିଛି କରି ନାହିଁ ଧର୍ମାବତାର । ଗରିବ ଲୋକ—ମୂଲ ଲାଗି ଖାଏ । କାହା କଥାରୁ ପୋଡେ କଣ ମିଳିବ ସାଆନ୍ତେ ? ବାଟରେ ମହଁସାହୀ ଇଣରା ଲୋକଟେ ସାଥିରେ ଭେଟ ହେଲା । ଏବେ ଫୁଲବି କୋଇଲାର ଦର କଣ ହୋଇଛି, ସେଇ କଥା ପଗୃରୁଥିଲି । ଏତିକି ବେଳେ ଏହୁ ନିଅଁଶୀ କୁତାଟା ଧୂମକେତୁ ପରି ମୋ ଅଡ଼କୁ ଭେଁ ଭେଁ ହୋଇ ଦୌଡ଼ି ଆସି ମୋ ଡାହାଣି ଅଙ୍ଗୁଠିଟାକୁ ଗୋଟେ କାମୁଡ଼ି ଦେଇ ପଳାଇଗଲା । ଗରିବ ଲୋକ, ମୂଳିଆ ମୁଣ୍ଡ, ଏହୁ ଅଙ୍ଗୁଠିଟି ମୋର ସବୁ । ଡାକ୍ତରଖାନାକୁ ଗଲେ ଡାକ୍ତରମାନେ କଣ ମୋ ଅଙ୍ଗୁଠିର ଅଧ ବାକୀ ରଖିବେ ହଜୁର ? ଦେବେ ମୂଳରୁ କାଟିଦେଇ । ମୁଁ ମରିଯିବି ସାଆନ୍ତେ—ମୁଁ ମରିଯିବି ! ଆପଣ ତ ଅଛନ୍ତି ମା ବାପ ! କହନ୍ତୁ ତ ହଜୁର ଆଜିକାଲି ଅଇନରେ ଇମିତି କାମୁଡ଼ିବା ବିଧି ଅଛି ନା ? ବାଟରେ ଘାଟରେ ଇମିତି କାମୁଡ଼ିଲେ ଏ ସହରରେ ଆଉ ମଣିଷ ରହିବେଟି କି ହଜୁର ? ଧନ ଗୋଟାକରେ ପରା ଛାତି ନବାଟ ପଡ଼ିଯିବ ! ! ନା, ମୁଁ ନାଲିଶ କରିବି ହଜୁର । କୁକୁର ଯାହାର, ମୁଁ ତାଠୁ କ୍ଷତିପୂରଣ ଆଦାୟ କରିବି । ଏହାଠୁ କୁକୁର ଟେପିକି ମଜାଟା ମୁଁ ନିକାଳି ଦେବି ଏଥର ।"

ଭୂଷି ଦୁଇଟାକୁ କୁଞ୍ଚେଇ ଦାରୋଗା ବାବୁ କହୁଲେ—"ହୁଁ, କାହାର କୁକୁର ଏଇଟା ବେ ? ଇମିତି ମଣିଷଖିଆ କୁକୁର ବାଟରେ ଘାଟରେ ଛାଡ଼ିଦେବାର ମାନେଟା କଣ ? ସହରରେ ଯେ ଯାଞ୍ଚ ଆଇନ ଅଛି, ଏ କଥାକୁ ହୋସ୍ ନାହିଁ କୋଉଠେ ବାପଧନ । ମୁଁ ସହଜରେ ଛାଡ଼ୁ ନାହିଁ ବାବା ! କୁକୁର ଖଲେଇ ହବ ଏଠି ଦେଖି ଛାଡ଼ିଦେବ

—ନା ? ଚୋରମାନା ହେଲେ ଯାଇ ଅକ୍କଲ୍ ହବ । ଖୋଦା ବକସ୍, ଦେଖ୍ ତ, ତାହାର ଲୁଗା ଏଠା ?

ଦର୍ଶକମାନଙ୍କ ଭିତରୁ ଜଣେ କହିଲା—"ମେକେଷ୍ଟର ସାହେବଙ୍କର ମେଲ ପର ଲଗୁଚ ବାବୁ ।"

"ଏଁ, ମେକେଷ୍ଟ୍ରେଚ୍ ସାହେବଙ୍କର ? ହୁଁ । ଇଏ, ଏ—ଠିକ୍ ଏ ଲୁଣ୍ଠି ଯାଅ ସବୁ । ଇମିତ ମୋ ଘରପଟେ ଭିଡ଼ କର ଜମିଛ କାହିଁକି ? ଓଃ, ଦମ୍ ବନ୍ଦ ହୋଇଗଲା ବାବୁ । ମାଜିଷ୍ଟ୍ରେଟ୍ ସାହେବଙ୍କର ? ହୁଁ । ଅଚ୍ଛା ବାବୁ, ଏଇ ତ ମୂଷା ଲୁଅଟେ ପର କୁକୁର ବଳଟେ—ଅଜ ଚୁ'ଠା ତ ଡାଳଗଛ ଘର ସାଢ଼େ ପାଞ୍ଚହାତର ଚେଣ୍ଡିଆ ହୋଇଚ୍ ? ତୋ ଅଙ୍ଗୁଠିକୁ ଇଅ ମୁହଁ ଅଗ ପାଇଲା କିମିତ ? ନିଶ୍ଚୟ ହାତୁଡ଼ିରେ ଛେଚି ଅଙ୍ଗୁଠି ଫଟାଇଚୁ ।

ମୁଁ ଜାଣେ, ତମର ଫେଞ୍ଚକାମି ସବୁ । ମୋ ସାଙ୍ଗେ ଚାଲାକି—ନା ? ହୁଁ ।"

ଶନେଇ ମଳାଙ୍କ ଦୋକାନ ପିଠି'ଭ ଥିଲା, କହିଲା—"ସେଇଟା ଗୋଟାଏ କାଣ୍ଡଜ୍ଞାନ ଶୂନ୍ୟ ଲୋକ ହଜୁର । କୁକୁର ମୁହଁରେ ଖଣ୍ଡ ଗୋଡ଼ି ମରା ଦେଖିଥିଲା, ଦେଇଣ କିମିତ ଗୋଟେ ଅଚ୍ଛାକର ଜାବ ।"

"ମିଛ କଥା କହ ନାଇ ମ ଶନେଇ । ଚୁଲ୍ଲା ନରକରେ ପଡ଼ିବୁ । ଦେଖିଚୁ ତୁ ମୁଁ ତାକୁ ବାଡ଼ି ଖୁଆଉଥିଲି ? ହଜୁରଙ୍କର ଜ୍ଞାନଗୋଚର ଅଛୁ—ହଜୁରର ସେଇଟା କଥା ପରତେ ଯାଉଚନ୍ତି ନା । ମୁଁ ନିଶ୍ଚୟ ଷଡପୂରଣ ଅସୁଲ କରିବି, ଥାଇନାରେ ଅଛୁ । ମୋ କକେଇପୁଅ ଭାଇ ରେଜିଷ୍ଟର ଅଫିସର ପିଅଦା । ହେଁ, ହେଁ, ମୁଁ ସହଜରେ ଛାଡ଼ିବା ଲୋକ ନୁହଁ, ଏଁ ।"

"ଚୁପ୍ । ପୁଣି ଏତେ ପାଟିରେ କଥା କହିବୁ ତ ତୁଡ଼ାରେ ଶୁଆଇଦେବି ହାରାମଜାଦାକୁ ।"

Digitized by srujanika@gmail.com

ଦାରୋଗା ବାବୁଙ୍କ ହୁକୁମର ଢୋଡ଼ ଦେଖି ମୂଳିଆ ଝରେଇ ଚୂନ ପଡ଼ିଗଲା ।

ନବଷ୍ଟଶଉଣ୍ଡରେ କୁକୁରଟିକୁ ପରୀକ୍ଷା କରି ସାରି ଜମାଦାର ଖୋଦା ବକସ୍ କହିଲା—"ନାହିଁ ହଜୁର, ଏଇଟା ମାଜଷ୍ଟର ସାହେବଙ୍କ କୁତା ନୁହଁ । ସାହେବଙ୍କର ସବୁ ବିଲାତି କୁକୁର; ଏଇଟା ଗୋଟା ଦେଶୀ କୁତା ।"

ଦାରୋଗା ବାବୁ କହିଲେ—"ମୁଁ ତ ସେଇକଥା କହୁଚ ହେ । ଇଏ ନା ଗୋଟାଏ କଥା ? ଏଇଟା ପୁଣି ଗୋଟାଏ କୁକୁର ? ଗୋଟାଏ ଅଇଁଠାଖାଇ ଝୁଲ କୁତା—ଗୋଡ଼ରେ ଗୋଟାଏ ହେଲେ ଲୁମ ନାଇ । ଲଙ୍ଗୁଡ଼ଟା ବଙ୍କା !! କଲିକତା ସହରରେ ଇମିତକା ଗୋଟାଏ କୁତା ଦେଖିଥିଲେ ତାକୁ ଠେଙ୍ଗାରେ ପିଟି ପିଟି ଏତେବେଳକୁ ମାରି ପକାଉନ୍ତିଣି । ଏଠିକା ଲୋକଗୁଡ଼ାଙ୍କର କଣ ଟିକଏ ଅଇନ ଜ୍ଞାନ ନାଇ ? ଏଇ ଯେ ଝରେଇ ମୂଳିଆ ପଧାନକୁ ଇଲାଟେଗ କାମୁଡ଼ି ଦେଲା ନା—କଣ କହୁଚ ହେ ସାକୁଏ, ଆହା-ହା !! ନାଃ, ଏ ରକମ ପଣିଡ଼ଶିଆ କୁତାର ମାଲିକକୁ ଜୋରିମାନା ନ କଲେ ମୋ ନା ଗୋବର୍ଦ୍ଧନ ରାବୁ ଦାରୋଗା ନୁହଁ ।"

ଜମାଦାର ଖୋଦା ବକସ୍ ମନକୁ ମନ କୁଣ୍ଡା ହୋଇ ଭାବୁଥିଲା —"ମେନଜଷ୍ଟର ସାହେବଙ୍କର ହେଲେ ହୋଇ ପାରେ । ଠିକ୍ ଏହି ଭଳିଆ ଗୋଟାଏ କୁକୁର ତାଙ୍କ କୋଠିରେ ଦେଖିଲା ପରି ମନେ ପଡ଼ୁଛି ।"

ଏହି ସମୟରେ ଦାନ୍ତ କାଠିଟାକୁ କାଖରେ ଜାକ ହାତୀମହାଉତ ଆସି ପହଞ୍ଚିଲା । ଝଟେ ଦୂରରୁ କହିଲା, "ଜାତେ ମେଜେଷ୍ଟରର ସାହେବ କୁତା । ମୁଁ ନଜ ଆଖିରେ କାଲି ସଞ୍ଜବୁଡ଼େ ଦେଖି ଅସିଛି । ସାହେବ ମୋ ପାଖରୁ ବ୍ରେଜ୍ ଜାଲେଣି ଧାଠ

Digitized by srujanika@gmail.com

କିଣନ୍ତି କି ନା—ଏତେ ଦୋକାନୀ ଥାଉ ଥାଉ ହଜୁରଙ୍କର ସେମାଠି ପସନ୍ଦ ।"

"ହୁଁ, ଘୁଷୁରିଆ କହୁଛି । ପୁଣି ସମସ୍ତେ ଖୁନ୍ଦାଖୁନ୍ଦି ହୋଇ ଠିଆ ହେଲେ !! ହୁଁ । ଇଏ-ଏ ଜମାଦାର !! ତୁମେ କୁକୁରଟାକୁ କନ୍ଧୁଆ କରି ସାହେବଙ୍କ କୋଠିକୁ ନେଇଯାଅ । ମୋର ସଲାମ ଦେଇ କହିବ ଯେ, ମୁଁ ଯାକୁ ରାସ୍ତାରେ ଦେଖି ଧରିଛି । ଏପରି ଦାମୀ କୁତାକୁ ବାଟରେ ଘାଟରେ ଛାଡ଼ିଦେବା ଠିକ୍ ନୁହେଁ । ଏଟା ଯେଉଁ ଗ୍ରେର ଜାଗା !! ଏଇ ମୂଳିଆ ପରି ସବୁ ବଦମାସ ଲୋକ ଯଦି ଏକଜୁଟ ହୋଇ ଯାକୁ ବାଡ଼ି ଖୁଆଇବାକୁ ଆରମ୍ଭ କରିବେ ତ, ତା ହେଲେ ଇମିତି ଦାମୀ କୁତାଟା କଣ ଆଉ ବଞ୍ଚିବ ? ଏଇ ହାରାମଜାଦା !! ହାତ ଉଲକୁ କରି କହୁଛି, ସେଖାନା କରୁଛି !! ନିଜେ ଭୁଲ କରି ପୁଣି ଭଲଲୋକ ଦେଖାଉଛି !! ହଁ, ବକ୍ଲେଶଟା ବେକରୁ ଗଲା କୁଆଡ଼େ ? ଖୋଲି ନେଇଚୁ ନା ? ପକ୍କା ବଦମାସ ଏଇ ମୂଳି ପଧାନ । ଏକ ନମ୍ବର ଜୁଆଚୋର, ଗାଲୁଆ ଇଏ । ଏଇତ ମାଜିଷ୍ଟ୍ରେଟ୍ ସାହେବଙ୍କ ଖାନ୍‌ସାମା ଆସି ପହଞ୍ଚିଲାଣି, ଅଚ୍ଛା ମିଆଁ ସାହେବ, ଏଇଟି ହଜୁରଙ୍କର କୁକୁର ନା ? ବଣ୍ କୁକୁରଟିଏ ତ !!"

ସେ କୁତାକୁ ନଇଁପଡ଼ି ଆଉଁସିବାକୁ ଲାଗିଲେ । "ବାଇଆ ହେଲେ ବାବୁ ! ଇମିତିକା କୁକୁର ହଜୁରଙ୍କ ପରି ହାକିମ ପୋଷନ୍ତି ନା ? ଗ୍ରମଃ ।"

ଦାରୋଗା ବାବୁ କହିଲେ—"ଛା—ଛା—ଛା ମୁଁ ଆଗରୁ ଜାଣେ । କିନ୍ତୁ ଏଇ ହାତୀ ବଦମାସ୍ କହୁଛି—"

ହାତୀ ମହାଭୀର ଦାନ୍ତକାଠି ଖଣ୍ଡିକ ଫୋପାଡ଼ି ଦେଇ ଖଣ୍ଡେ ଦୂର ଘୁଞ୍ଚି ଠିଆହେଲା ।

Digitized by srujanika@gmail.com

"ନେଇ ଯା ଧର ପେଙ୍ଗୀ କୁତ୍ତାଟାକୁ—ଲୋକଟାକୁ କାମୁଡ଼ି କରି ଅଧମରା କରି ଦେଲାଣି ହେ । ଆଜ ଏଇ ପେଙ୍ଗୀ କୁତ୍ତାକୁ ପିଟି ପିଟି ତା ରସ ନିକାଲି ଦେବ, ବଦ୍ମାଶ । ହେଁ, ଶୁଣି ନାହିଁ ମୋତେ ? ଲେ ଚଲେ ଖୋଦା ବକସ୍ ।" ଦାରୋଗା ବାବୁ ହୁକୁମ ଦେଲେ ।

ଖାନ୍‌ସମା କହିଲା—"କୁକୁର ହଜୁରଙ୍କର ନୁହେଁ । ହଜୁରଙ୍କର ଶଳା ଏବେ ଆସିଛନ୍ତି ତାଙ୍କର ।"

ହଜୁରଙ୍କର ଶଳା ଆସିଛନ୍ତି ନା ? ବେଶ୍ ତ, ମୋତେ ତା ହେଲେ ଏତେବେଳଯାଏ ସେ କଥା କହୁ ନାହିଁ କାହିଁ ? ବୁଲିବାକୁ ଆସିଛନ୍ତି ବୋଧେ ! ! ବେଶ୍ ବେଶ, ଭଲ କଥା । ଏଠିକା ସବନଷ୍ଟା ବାଡ଼ ହୁତକାରକ । ହଜୁରଙ୍କର ଶଳାଙ୍କ କୁକୁର ? ତା ଏତେବେଳ ଯାଏ କହୁ ନାହିଁ ? ମୁଁ ପ୍ରଥମରୁ ବୁଝିଥିଲି, ଏଇଟି ବଡ଼ ଭଲ ଜାତର କୁକୁର ହେବ । ମସ୍ୟାସଫ୍ଟ୍ ହେବ ବୋଧହୁଏ । କି ଖାସା ମୁହଁ ଖଣ୍ଡେ ପାଇଛି । ଗଢ଼ଣଟି ଦେଖୁଚ ନା ହାତୀ ମହମ୍ମଦର ! ଲୁମ ଗୁଡ଼ିକ ତ ରେଶମ । ଯା, ଯା, ନେଇ ଯା ମିଆଁ ସାହେବ ! ବଦ୍ମାସ୍, ପାଜି ମ୍ଲେଚ୍ଛଗୁଡ଼ାକ ! ! ହଜୁରଙ୍କ ଶଳାଙ୍କର କୁତ୍ତା—ତାକୁ ଯାଉଚନ୍ତି ବାଡ଼ି ଖୁଆଇବାକୁ ! ଅକଲ୍ ଶିଖିବ କଣ ଆଜ ମଲାବେଳକୁ ? ଆରେ ବୋକା—ଏ ହେଉଛୁ ମାଜିଷ୍ଟ୍ରେଟ୍ ସାହେବଙ୍କ ଶଳାଙ୍କ କୁକୁର, ଦଶଟଙ୍କା ଓଜନର ହାଡ଼ୀଯାକା ଚୁରୁଟ ଟାଣିଲା ଜନ୍ତୁ ଏ । ମଲ, ଇମିତ ଅଛୁଚି କାହିଁକି ମ ? ଦୁଷ୍ଟ !! ଗଗୁଚି ମୋ ଉପରେ ? କୋହିଲେ ଭୁଲିରେ ଇମିତ କଥା ଦାଖନ୍ତା ଦାହିଁକି ? ନେ—ନେ—ନେଇ ଯା । ମୁଁ ଆଉ ସଖାକୁଟାରେ ଛୁଇଁବ ନାହିଁ ଖ୍ୟାକୁ । ହର—ହର ! ଏ ଖୋଦା ବକସ୍ ! ତୁ ଯା—ହଜୁରଙ୍କୁ ସଲାମ ଦେଇ କହିବୁ ଦାରୋଗା ବାବୁ ପଠାଇ ଦେଇଚନ୍ତି ।"

Digitized by srujanika@gmail.com

ଖୋଦା ବକସ୍ ଓ ଖାନସମା ଦୁହେଁ କୁକୁରକୁ ଘେନି ଚାଲିଗଲେ । ଦର୍ଶକବୃନ୍ଦ ମୂଳିଆ ଆଡ଼କୁ ଅନାଇ ଖାଲି ହୁରୁଡ଼ି ମାରିଲେ ।

ମୂଳିଆର ନାକଯାଏ ହାତମୁଠା ଉଠାଇ ଦାନ୍ତ ନିକୁଟି ଦାରୋଗା ବାବୁ କହିଲେ—"ଏକା ବିଧାକେ ନାକଦନ୍ତି ଫଟାଇ ଦେବି । ପାଜି ଗାଲୁଆ !! ଅଙ୍ଗୁଳିକି କାମୁଡ଼ି ଦେଲୁ ? ଭଲ କଲୁ, ବେଶ୍ କଲୁ । କାମୁଡ଼ିବ—ନାହିଁ ? ହଜୁରଙ୍କ ଶଳାଙ୍କର କୁକୁର ଛାଡ଼ିଦେବ ? ତୋ ନାକଟାକୁ କାମୁଡ଼ି ଛିଣ୍ଡାଇ ନେଇ ପଳାଇଥାନ୍ତା କି ମୋ ମନବୋଧ ହୋଇଥାନ୍ତା । ବଡ଼ ଖୁଆଇ ଥିଲୁ !! ୟାଁ !!!

ଜୋତା ମଚ ମଚ କରି ଦାରୋଗା ବାବୁ ଥାନାକୁ ବାହାରି ଗଲେ ।

ଶ୍ରାବଣ—୧୩୪୩, ୪ର୍ଥ ସଂଖ୍ୟା, "ସହକାର"ରେ ପ୍ରଥମେ ପ୍ରକାଶିତ ।

Digitized by srujanika@gmail.com

ଫକୀର ସାହେବ

ଦୁନିଆରେ ଯେଉଁ ସବୁ ବଡ଼ ବଡ଼ କାଣ୍ଡ ଘଟେ, ତାହା ସାଧାରଣତଃ ସାମାନ୍ୟ କାରଣରୁ ଆରମ୍ଭ ହୋଇଥାଏ; ଠିକ୍ ଯେପରି ଛୋଟ ଛୋଟ ତୁଚ୍ଛ ଘଟଣାସବୁ ଘଟିଥାଏ । ଉଦାହରଣ ସ୍ୱରୂପ ଦେଖନ୍ତୁ, ଜାମି ହେମ୍ବଲ୍ଟଙ୍କର ପିସ୍ତଲର ଗୋଟାଏ ଗୁଳିରେ ଫରାସୀବିପ୍ଳବ ଭଳିଆ ଗୋଟାଏ ଖଣ୍ଡ-ପ୍ରଳୟର ସୂତ୍ରପାତ ହୋଇଗଲା । କିନ୍ତୁ ସାଧାରଣତଃ ପିସ୍ତଲ ମାରିବା ଦ୍ୱାରା ପୁଲିଶ-କୋର୍ଟ ପର୍ଯ୍ୟନ୍ତ ଯିବାକୁ ପଡ଼ିଥାଏ କି ନାଇଁ, ସନ୍ଦେହ ।

ହଁ, ଯେଉଁ କାହାଣୀ ମୁଁ ବର୍ଣ୍ଣନା କରିବାକୁ ଯାଉଛି, ତାହା ମଧ୍ୟ ଅତିଶୟ ତୁଚ୍ଛ ଭାବରେ ଆରମ୍ଭ ହୋଇଥିଲା; କିନ୍ତୁ ଘଟଣା-ଚକ୍ରରେ ପରିଣତି ହୋଇ ଉଠିଲା ଅତ୍ୟନ୍ତ ଗୁରୁତର ।

ଗୋଟିଏ ଛୋଟ ସହରର ଜନବହୁଳ ରାସ୍ତାରେ ଦିନେ ଭୋର ପାଞ୍ଚଟା ସମୟରେ ଜଣେ ଲୋକକୁ ବଡ଼ଏ ହଳଦିଆ ରଙ୍ଗର ବିଜ୍ଞାପନ ଧରି ଯାଉଥିବାର ଦେଖାଗଲା ।

ମିଉନିସିପାଲ ଥିଏଟର୍ ପାଖରେ ପହଞ୍ଚି ଲୋକଟି ଗୋଟାଏ କାନ୍ଥରେ ଭଲ କରି ଅଠାବୋଳା ଖଣ୍ଡେ ହଳଦିଆ ରଙ୍ଗର ପ୍ରାଚୀର-ପତ୍ର ଲଗାଇ ଦେଲା । ପାଖ ଘରଗୁଡ଼ାକରେ ମଧ୍ୟ ସେ ଖଣ୍ଡେ ଖଣ୍ଡେ ବିଜ୍ଞାପନ ମାରିବାକୁ ଛାଡ଼ିଲା ନାଇଁ ।

ଦେଖୁ ଦେଖୁ ପ୍ରତ୍ୟେକ ରାସ୍ତାର ଛକମୁଣ୍ଡରେ ସେ ଅଠା ଲଗାଇ ବିଜ୍ଞାପନ ମାରି ଦେଇଗଲା । ଏପରି କି ଭଙ୍ଗା ପାଚେରି, ବତୀଖୁମ୍ବ, ଆଉ ରାସ୍ତାକଡ଼ର ଗଛଗୁଡ଼ାକ ମଧ୍ୟ ବାଦ୍ ପଡ଼ିଲେ ନାଇଁ ।

ସକାଳ ସେତେବେଳକୁ ଆଠଟା ହେବ—ରାସ୍ତାର ପିଲାଗୁଡ଼ାକ ଲୋକଟିର କାର୍ଯ୍ୟକଳାପ ପ୍ରତି ଅତ୍ୟନ୍ତ ଆକୃଷ୍ଟ ହେଲେ । ସେ

Digitized by srujanika@gmail.com

ଯେତେବେଳେ ରାସ୍ତାରେ ବୁଲି ବୁଲି ନିଜ କାର୍ଯ୍ୟରେ ବ୍ୟସ୍ତ ଥିଲା ସେତେବେଳେ ତା ପଛରେ ଭୁଣ୍ଡ ହୋଇଥିଲେ ବଜାର ସାହର ଟୋକା । କେହି କେହି ବଗୁଲିଆ ଟୋକା ତାକୁ ଉପଦେଶ ଦେଉଥିଲେ; ଅନ୍ୟ କେହି କେହି ତାକୁ ଥଟ୍ଟା କରି ହସୁଥିଲେ; ଆଉ ଦଳେ ଅତ୍ୟନ୍ତ ଉଚ୍ଚସ୍ୱରରେ ହାଲ୍ଲା କରୁଥିଲେ ।

ସନ୍ଧ୍ୟାବେଳକୁ ପାଇଟି ତାର ଶେଷ ହେଲା । ଯଦିଓ କେତେକ ଚଗଲା ଟୋକା ସେହି ବିଜ୍ଞାପନର କାଗଜ ଛୁଣ୍ଡାଇ ସେଥିରେ ସିଗାରେଟ ବନାଇଥିଲେ ଏବଂ ଆଉ ଦଳେ କ୍ଷୁଦ୍ର କାୟୁ ସଇତାନ ସେହି ଘୋଷଣା-ଲିପିକୁ ଶର କମୁଡକମାକାର କରି ପକାଇ ଥିଲେ, ତଥାପି ସହରବାସୀମାନଙ୍କର ସେଥିରୁ ସମସ୍ତ ଉପସ୍ଥିତ ବୁଝିବା ପାଇଁ ଆଉ କିଛି ବାକି ନ ଥିଲା ।

"ଆଜି ଗୁରୁବାର; ଜୁନ୍ ୨୦ ତାରିଖ ଦିନ ମିଉନିସ୍‌ପାଲ ପଡ଼ିଆ ଥିଏଟର-ମଣ୍ଡପରେ ହିମାଳୟରୁ ଆଗତ ଏକ ଜଗଦ୍‌ବିଖ୍ୟାତ ଫକୀର ଗୋଟିଏ ତାମସା ଦେଖାଇବେ । ରହସ୍ୟମୟ ଭୌତିକ ଶକ୍ତି ସାହାଯ୍ୟରେ ସେ ତାଙ୍କର ପରିଣୀତା ସ୍ତ୍ରୀ ଜଲଦାଙ୍କର ଜାଉ ଶାଣିତ ଅସ୍ତ୍ରଦ୍ୱାରା ବଧ କରିବେ । ନିଜ ଦେହରେ ତାଂଫଣ ଫୋଡ଼ି ରକ୍ତ ମୋକ୍ଷଣ କରିବେ, ଶେଷ ଶର ଅନ୍ତର୍ଦ୍ଧାନ ହୋଇ ଯିବେ । ବୈଜ୍ଞାନିକ, ଡାକ୍ତର ଓ ଦର୍ଶକମାନଙ୍କ ଭିତରୁ ଯେଉଁମାନେ ଉପସ୍ଥିତ ଥିବେ, ସେମାନଙ୍କ ଆଗରେ ସେ ନିଜର ବାଁ ଆଖି ଉପାଡ଼ି ଆଣି ଟେବୁଲ ଉପରେ ରଖିବେ ।

"ବିଶେଷ ଦ୍ରଷ୍ଟବ୍ୟ—ଏହି ଅଭିନୟ ନିମିତ୍ତ ପୁଲିସ ଅନୁମତି ଦେଇଅଛନ୍ତି । ଫକୀର ସାହେବ ଯାହା ଇଚ୍ଛା ତାହା କରିବାପାଇଁ ଅନୁମତି ପାଇଛନ୍ତି ।

ଟିକେଟର ମୂଲ୍ୟ ବୃଦ୍ଧି ହୋଇ ନାହିଁ ।"

Digitized by srujanika@gmail.com

ସହରକୁ ସହ ଲୋକମାନଙ୍କର କୌତୂହଳ ବୃଦ୍ଧି ପାଇବାକୁ ଲାଗିଲା । "ପେଟ ଶିର ଅନ୍ତନାଡ଼ି ବାହାର କରିବେ"—ଏହି କଥା ସବୁ ଠାରୁ ବେଶୀ କୌତୂହଳ ସୃଷ୍ଟି କଲା । କାହାର ପେଟ, ନିଜର ତ ? ପୁଲିଶ ଏହି ଧରଣର ନୃଶଂସ ଅଭିନୟର ଅନୁଷ୍ଠାନ ନିମିତ୍ତ ଅନୁମତି ଦେଲା କିମିତି ? ଆଶ୍ଚର୍ଯ୍ୟ ! ଲୋକଟା ନିଶ୍ଚୟ ଗୁଣିଗାରୁଡ଼ି କିଛି ଜାଣେ । ପୁଲିଶ ସାହେବଙ୍କୁ ନିଶ୍ଚୟ ଜଡ଼ କରି ପାରିଥିବ ହେଉଚି ।

ଟିକଟ କିଣିବା ପାଇଁ ହାଲହୁଲ ପଡ଼ିଗଲା । ଟିକଟ ଘରେ ସୋରିଷ ପକାଇବାକୁ ଆଉ ଜାଗା ରହିଲା ନାହିଁ ।

ଦଧିବାମନ ଜଣେ ଶିକ୍ଷିତ ଯୁବକ । ବ୍ୟବସାୟ କ୍ଷେତ୍ରରେ ବେଶ୍ ଅବସ୍ଥାସମ୍ପନ୍ନ ଲୋକ । ତା ଉପରେ ସେ ନିଜର ସାମାଜିକ ପ୍ରତିଷ୍ଠା ବଜାୟ ରଖିବା ଲାଗି ସର୍ବଦା ଥିଏଟର ଦେଖିବାକୁ ଯାଏ । ସେ ଏହି ବିଜ୍ଞାପନ ଦେଖି ଅତ୍ୟନ୍ତ ଆକୃଷ୍ଟ ହୋଇପଡ଼ିଲା । ସେ ସଙ୍ଗେ ସଙ୍ଗେ ଗୋଟାଏ ବକ୍ସ୍ ରିଜର୍ଭ୍ କରି ପକାଇଲା ନିଜପାଇଁ । ତା ପରେ ବାକ୍ସେ ଚକୋଲେଟ କିଣି ଆଣି ରଖିଲା ଆଉ ତାର ହୀରାର ମୁଦିଟା ପିନ୍ଧିଲା । ସବୁବେଳେ ସେ ଏଇ ମୁଦିଟାକୁ ପିନ୍ଧିବାର ଦେଖାଯାଏ ନାହିଁ । କାରଣ ହୀରାଟା ଅସଲ୍ କି ନକଲ୍, ଏ ବିଷୟରେ ତାର ସନ୍ଦେହ ଥିଲା ।

ସେଥିପାଇଁ ସେଟାକୁ ସବୁବେଳେ ଆଙ୍ଗୁଠି ଅପେକ୍ଷା ସୁଟକେଶରେ ରଖିବା ସେ ସଙ୍ଗତ ମନେ କରୁଥିଲା । ଜଣେ ଦକ୍ଷିଣୀ ବଣିଆ ତାକୁ କହୁଥିଲା, ଏହା ଜାଣିହୁଏ ନା ଭେଲ୍, ତାହା ଗୋଟାଏ କଥା କଲେ ଜଣା ପଡ଼ିଯିବ । "ଅଜ୍ଞା, ଏଇଟାକୁ ତେଲରେ ବୁଡ଼େଇ ରଖିବେ । ଯଦି ପଥରଟା ଅସଲ ହୀରା ହୋଇଥାଏ, ତା ହେଲେ ସଙ୍ଗେ ସଙ୍ଗେ ନଷ୍ଟ ହୋଇଯିବ; ଏହାର ଦାମ ଦୁଇ ପଇସା ବି

Digitized by srujanika@gmail.com

ହେବ ନାହିଁ । ଆଜି ଯଦି ନକଲି ହୋଇଥାଏ ତ କଷ୍ଟ ହେବ ନାହିଁ ।

ଦଧିବାମନ ମନଟା ଦବିଗଲା । ସେ ସ୍ଥିର କରି ନେଲା— କେତେବେଳେ ସେ ଏଇ ପରୀକ୍ଷା କରିବ ନାହିଁ । ସନ୍ଧ୍ୟା ଆଠଟା ନ ବାଜୁଣୁ ଥିଏଟର ଘରେ ଲୋକାରଣ୍ୟ; ଅନେକ ତ ଛଅଟା ବେଳୁ ଆସି ଫାଟକ ପାଖରେ ହାଜର ହୋଇଥିଲେ । କେତେବେଳେ ପର୍ଦ୍ଦା ଉଠିବ, ସମସ୍ତେ ବ୍ୟାକୁଳ ଭାବରେ ଅପେକ୍ଷା କରୁଛନ୍ତି ।

"ଆରେ ବାବୁ, ଜଲଦି ଆରମ୍ଭ କର ନା ! ଆହେ, ଯେଉଁମାନେ ଦର୍ଶକ, ସେମାନେ ତ ସମସ୍ତେ ଆସି ଏଠି ହାଜର ହେଲେଣି । ଅହେ, ଡ୍ରପସିନ୍ ଉଠାଅ ।"

ସଦସ୍ଥ ଲୋକଙ୍କ ଗୋଳରେ ଦଧିବାମନ ପର୍ଦ୍ଦା ଉଠିବାର ଠିକ୍ ଅଧଘଣ୍ଟା ଆଗରୁ ଆସି ଥିଏଟର ମଣ୍ଡପରେ ହାଜର ହେଲା । ବକ୍ସରେ ବସି ସେ ଚକୋଲେଟ ଖାଇବାକୁ ଲାଗିଲା ।

ସେ ଯେତେଥର ପାଟିକୁ ହାତ ଉଠାଉଥିଲା, ଦର୍ଶକମାନେ ତାର ହୀରାଟାକୁ ଦେଖିବାକୁ ସେତେଥର ସୁଯୋଗ ପାଉଥିଲେ ।

ପର୍ଦ୍ଦା ଉଠିଲା, ଅଭିନୟ ମଞ୍ଚର ଠିକ୍ ମଝିରେ ଗୋଟାଏ ଛୋଟ ଟେବୁଲ, ତା ଉପରେ ଗୋଟାଏ ବାକ୍ସ । ଟେବୁଲ ଉପରେ ଯନ୍ତ୍ର କେତେ ହେବ ତକ୍କ, ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ହାରମୋନିଅମ ବାଦକ ଛକଡ଼ ପ୍ରଧାନ କନ୍ଦୁଣି ଦୁଇଟାକୁ ଖୁବ୍ ଜୋରରେ ବଗାଡୁଥିଲା, ସତେ କି ଯେପରି ତାକୁ ଇଲେକ ବଜାଇବାକୁ ହେବ, ମେହୁପର ଭଙ୍ଗୀରେ ।

ଅବଶେଷରେ ଫକୀର ସାହେବଙ୍କର ଆବିର୍ଭାବ ହେଲା । ଶୀର୍ଣ୍ଣ କାୟା, ଦେହର ରଙ୍ଗ ହଳଦିଆ; ଗୋଟାଏ ସବୁଜ ଆଲଖାଲା ତାଙ୍କ ଦେହରେ । ପାଦ-ପ୍ରଦୀପଗୁଡ଼ାକର ଖୁବ୍ ନିକଟକୁ ଆସି ସମସ୍ତଙ୍କୁ

Digitized by srujanika@gmail.com

ଅଭିବାଦନ କରି ସେ କହିଲେ—"ଦର୍ଶକମାନଙ୍କ ଭିତରେ ଯଦି କୌଣସି ଚିକିତ୍ସକ ଥାଆନ୍ତି, ମୁଁ ତାଙ୍କୁ ଷ୍ଟେଜ୍ ଉପରକୁ ଆସିବା ପାଇଁ ଅନୁନୟ କରୁଛି ।"

ଦର୍ଶକମଣ୍ଡଳୀଙ୍କର ଆଉ ବିସ୍ମୟର ଅବଧି ରହିଲା ନାହିଁ । ସମସ୍ତେ ବେଶି ଆଶ୍ଚର୍ଯ୍ୟ ହେଲେ ଏଥିପାଇଁ ଯେ ଫକୀର ସାହେବ ହିମାଳୟ ଅଞ୍ଚଳର ତିବ୍ବତୀ—ଭାଷାରେ କଥା ନ କହି ପରିଷ୍କାର ଖାଣ୍ଟି ଇଂରାଜୀ ଭାଷାରେ କଥାଗୁଡ଼ିକ କହିଲେ ।

ଦୁଇ ଜଣ ଡାକ୍ତର ଟିକିଏ ସଙ୍କୋଚରେ ଉଠି ଉଠି ମଞ୍ଚ ଉପରକୁ ଗଲେ । ଜଣେ ସରକାରୀ ଡାକ୍ତର, ମୁଣ୍ଡରେ ତାଙ୍କର ବଡ଼ ବଡ଼ ବାଳ; ଆଉ ଜଣେ ସାଧାରଣ ଚିକିତ୍ସକ, ମୁଣ୍ଡଟା ତାଙ୍କର ଚନ୍ଦା ।

ଦର୍ଶକମାନେ ଏହା ଦେଖି ଅତ୍ୟନ୍ତ ବିଚଳିତ ହୋଇ ପଡ଼ିଲେ । ଫକୀର ସେମାନଙ୍କ ଭିତରୁ ସାତ ଆଠ ଜଣଙ୍କୁ ବାଛି ବାଛି ଡାକି ଆଣି ଟେବୁଲ ପାଖରେ ପଡ଼ିଥିବା ଚୌକି ଉପରେ ବସାଇଲେ ।

ତା ପରେ ସେ ଆଲଖାଲ୍ଲା ଖୋଲି ଦେଇ ହ୍ୟାପ୍ ପ୍ୟାଣ୍ଟ ପରିହିତ ବେଶରେ ଆସି ହାଜର ହେଲେ । ପାଦ ପ୍ରଦୀପ ପର୍ଯ୍ୟନ୍ତ ଆସି ସେ ନତ ହୋଇ ସଭିଙ୍କି ଅଭିବାଦନ ଜଣାଇଲେ ।

ଦର୍ଶକମାନେ କରତାଳି ଦେଲେ ।

ତା ପରେ ହାରମୋନିୟମ ବାଦକ ଛୋକରା ଆଡ଼କୁ ଅନାଇ କହିଲେ—"ସଙ୍ଗୀତ ଆରମ୍ଭ ହେଉ ।"

ଛୋକରା ସଳଖ ହୋଇ ବସି ହାରମୋନିୟମଟାକୁ ଭେଁ ଭେଁ କରି ଗୋଟାଏ ରାଗିଣୀ ଛାଡ଼ିଦେଲା—

"ପତିତ ପାବନ ଜୟ ନାରାୟଣ
ଜୟ ଗୋପାଳ ମୁରାରି··· ।
ହେ ହରି··· ।"

Digitized by srujanika@gmail.com

ଦର୍ଶକମାନେ ମୁଗ୍ଧ ହୋଇଗଲେ ।

ଫକୀର ତାଙ୍କର ବାକ୍ସ ଖୋଲିଲେ । ତା ପରେ ମାଇକିନିଆ-ମାନଙ୍କ ବେଣୀ କଣ୍ଟା ପରି ଗୋଟାଏ ବଡ଼ ପିନ୍ କଣ୍ଟା ଧରି ନିଜ ସ୍ତ୍ରୀ ନିକଟକୁ ଗଲେ ଏବଂ କହିଲେ—

"ଜଲ୍‌ଦା ! ଆପଣ ଦୟା କରି ଆପଣଙ୍କ ଜିଭ୍ ବାହାର କରନ୍ତୁ ।"

ଅନୁଗତ ଜନଙ୍କ ପରି ଜଲ୍‌ଦା ଆଁ କରି ଫକୀରଙ୍କ ଆଡ଼କୁ ଜିଭ୍ ବଢ଼ାଇ ଦେଲେ ।

ଫକୀର ଚିତ୍କାର କରି କହିଲେ—"ଏକ-ଦୁଇ-ତିନ୍ ।" ସଙ୍ଗେ ସଙ୍ଗେ ଡାକ୍ତରଙ୍କ ଆଡ଼କୁ ଚାହିଁଲେ ।

ଡାକ୍ତର ଦୁଇଜଣ ଆସନ ଛାଡ଼ି ଉଠି ଯାଇ ହତଭାଗିନୀକୁ ପରୀକ୍ଷା କଲେ । ସରକାରୀ ଡାକ୍ତର ଜଣଙ୍କ ବେଣୀ କୁନ୍ଥୁ କୁନ୍ଥୁଆ; ସେ ଜିଭ୍ ତଳଟାକୁ ମଧ୍ୟ ପରୀକ୍ଷା କରି ଦେଖିଲେ—ରକ୍ତ ବାହାରୁନି କି ନାଇ । ତା ପରେ ଉଭୟେ ହତବୁଦ୍ଧି ହୋଇ "ସ୍ୱସ୍ଥାନଂ ଗଚ୍ଛ" କଲେ ।

ଫକୀର ସ୍ତ୍ରୀର ହାତ ଧରି ଦର୍ଶକମାନଙ୍କ ନିକଟକୁ ମଞ୍ଚ ଉପରୁ ଓହ୍ଲାଇ ଗଲେ । ତାଙ୍କର ସ୍ତ୍ରୀ ଦର୍ଶକ ଗୃହର ପ୍ରତ୍ୟେକ ଧାଡ଼ି ଭିତରେ ବିଚରଣ କରିବାକୁ ଲାଗିଲେ । ତାଙ୍କ ଜିଭରେ ଏତେ ବଡ଼ ଡାଂଫଣିଟା ଭୁଷି ଯାଇଥିଲା । ସେ—ଯେତିକି ପାଖକୁ ଯାଉଥିଲେ, ଦର୍ଶକମାନେ ମୁହଁ ଅନ୍ୟ ଦିଗକୁ ବୁଲାଇ ଦେଉଥିଲେ । ସେମାନଙ୍କ ଭିତରୁ ଅଧିକାଂଶ ଲୋକ ଏ ଦୃଶ୍ୟ ସହ୍ୟ କରି ପାରୁ ନ ଥିଲେ । ଦଧିବାମନ ଦୁଇ ହାତରେ ଆଖି ଦୁଇଟା କଚିମିଚିଆ କରି ଭୁଜ ଆର୍ତ୍ତସ୍ୱରରେ କହିଲା—"ହୋଇଛି, ହୋଇଛି, ଯଥେଷ୍ଟ ହୋଇଛି, ସେତିକି ଥାଉ ।"

Digitized by srujanika@gmail.com

ଅନ୍ୟ ଜଣେ କିଏ ଚିତ୍କାର କରି ଉଠିଲା—"ଖୁବ୍ ହୋଇଛି—ଆଉ ନୁହେଁ ।" କିନ୍ତୁ ନ୍ୟାୟନିଷ୍ଠ ଫକୀର ନିବୃତ୍ତ ହେବାର ଲୋକ ନୁହନ୍ତି । ସେ ସ୍ତ୍ରୀକୁ ନେଇ ଯେଉଁ ଧାଡ଼ିରେ ଭଦ୍ରମହିଳାମାନେ ବସି ତାମସା ଦେଖୁଥିଲେ, ସେଠିକି ଗଲେ । ଜଣେ ମହିଳା ତ ଏ ସବୁ ଦେଖି ମୂର୍ଚ୍ଛିତ ହୋଇ ପଡ଼ିଥିଲେ । ଆଉ ଜଣଙ୍କର ଦେହ ମୁଣ୍ଡ ଇମିତି ଝାଇଁ ମାରି ଯାଉଥିଲା ଯେ, ସେ ଆଉ ବସିପାରୁ ନ ଥିଲେ; ତାଙ୍କୁ ଦୁଇ ଜଣ ଧରି ଚଳେଇ ଚଳେଇ ଥିଏଟର ଘରୁ ନେଇ ଯିବାକୁ ହେଲା ।

ଏହିପରି ଭାବରେ ସମଗ୍ର ଦର୍ଶକ-ଗୃହ ଭିତରେ ବୁଲି ସାରି ଫକୀର ମଞ୍ଚ ଉପରକୁ ଫେରିଗଲେ ଆଉ କଣ୍ଟାଟାକୁ କାଢ଼ିନେଲେ । ସମସ୍ତେ ସ୍ୱସ୍ତିରେ ନିଶ୍ୱାସ ମାରିଲେ ।

ଫକୀର ବାକ୍ସ ଭିତରୁ ଆଉ ଗୋଟାଏ ଲମ୍ବାକଣ୍ଟା ବାହାର କଲେ; ଏହା ପ୍ରଥମ କଣ୍ଟା ଅପେକ୍ଷା ବେଶୀ ଲମ୍ବା ଆଉ ବେଶୀ ମୋଟା ଥିଲା ।

ହାରମୋନିୟମ ବାଦକ ସଙ୍ଗେ ସଙ୍ଗେ "ହେ କଂସ-ନିସୂଦନ ଗୋପୀବଲ୍ଲଭ" ଗୀତଟା ଆରମ୍ଭ କରିଦେଲା ।

ଫକୀର କଣ୍ଟାଟାକୁ ବାଁ ଗାଲରେ ଫୋଡ଼ି ଡାହାଣ ଗାଲରେ ବାହାର କରିଦେଲେ । କଣ୍ଟାର ମୁନିଆ ପାଖଟା ତାଙ୍କର ଦକ୍ଷିଣ ଗାଲର ହାଡ଼ ତଳେ ବାହାରି ପଡ଼ିଲା । ଡାକ୍ତରମାନେ ସବିସ୍ମୟରେ ଘଟଣାର ସତ୍ୟତା ପରୀକ୍ଷା କରି ସାରିବା ପରେ ଫକୀର ପୁଣି ଦର୍ଶକମାନଙ୍କ ପାଖକୁ ଯିବାପାଇଁ ମଞ୍ଚ ଉପରୁ ଓହ୍ଲାଇଲେ ।

ଦର୍ଶବାମନ ଚିତ୍କାର କରି ଉଠିଲା—"ଥାଉ, ଥାଉ—ଅନେକ ହୋଇଛି; ଆଉ ଆସିବା ଦରକାର ନାହିଁ । ଆମେ ସବୁ ଏଇଠୁ ଦେଖି ପାରୁଛୁ ।" ତା ଦେହଟା ଇମିତି ଶୀତେଇ ଉଠୁଥିଲା ଯେ, ସେ ଚକୋଲେଟ ଗୁଡ଼ାକୁ ପ୍ରାଣପଣେ ଚୋବାଇବାକୁ ଆରମ୍ଭ କରିଦେଲା ।

Digitized by srujanika@gmail.com

ଦର୍ଶକମାନେ ଚିତ୍କାର କରିବାକୁ ଲାଗିଲେ—"ଫକୀର ସାହେବ — ଖୁବ୍ ହୋଇଛି—ଖୁବ୍ ହୋଇଛି; ମଶାଣି ଚଣ୍ଡିଙ୍କ ବରଦରୁ ଆପଣ ଖୁବ୍ ବାହାଦୁରି କାମ ଦେଖାଉଛନ୍ତି—ସେତିକି ଥାଉ ।"

କିନ୍ତୁ ସାହସୀ ଫକୀର ଦର୍ଶକମାନଙ୍କ ପିଠ୍ ନିକଟକୁ ଆସି ସମସ୍ତଙ୍କୁ ନିଜର ବାଁ ଗାଲ ଏବଂ ଡାହାଣ ଗାଲ ଦେଖାଇବାକୁ ଲାଗିଲେ ।

ଦର୍ଶକମାନେ ଚିତ୍କାର କରିବାକୁ ଲାଗିଲେ—ଖୁବ୍ ହୋଇଛି, ଖୁବ୍ ହୋଇଛି; ଆପଣଙ୍କ କଥା ଆମେ ମାନି ନେଉଛୁଁ । ଆମେ ଆପଣଙ୍କୁ ବିଶ୍ୱାସ କରୁଛୁ ।

ସ୍ତ୍ରୀମାନଙ୍କ ଅବସ୍ଥା କହିଲେ ନ ସରେ । ଏପରି ନିଷ୍ଠୁର ଦୃଶ୍ୟ ଦେଖି ଜଣେ ଦୁଇଜଣ ଭୟରେ ବାନ୍ତି କରି ପକାଇଲେଣି । ଜଣେ କୁଳି ତା ସ୍ତ୍ରୀକୁ ଦୁଇହାତରେ ଟେକି ଦରଜା ଆଡ଼କୁ ଦୌଡ଼ିଲା । ସଙ୍ଗେ ସଙ୍ଗେ ନିକଟସ୍ଥ ଆଉ ଦୁଇଜଣ ବାଳିକା ମଧ୍ୟ ଉଠି ଚାଲିଗଲେ । ସେମାନଙ୍କ ପରେ ଜଣେ ବୁଢ଼ା ଭୟରେ ପାଣ୍ଡୁର ସନ୍ତାନ ଦୁହିଙ୍କୁ ଧରି ଥରି ଥରି ବାହାରକୁ ଚାଲିଗଲା । ଫକୀର ତଥାପି ଦର୍ଶକ ମଣ୍ଡଳୀ ଭିତରେ ବୁଲୁଛନ୍ତି । ଯାଉ ଯାଉ ବୁଢ଼ାର ହାତରୁ ତାଙ୍କର ସାଙ୍ଗରେ ଧକ୍କା ଲାଗିଲା । ବୁଢ଼ା ତ ପ୍ରାଣ ଭୟରେ ଅସ୍ଥିର ! ! ସେ ପଛକୁ ବୁଲି ପଡ଼ୁ ପଡ଼ୁ ଅଙ୍କ ସାରରେ ଜଣେ ତରୁଣୀର ପାଦଟାକୁ କୁଦି ମକଚି ପକାଇଲା । ତରୁଣୀ ଜଣକ ଭୟ ଓ ଯନ୍ତ୍ରଣାରେ ଚିତ୍କାର କରି ଉଠିଲେ । ତା ପରେ ଉଭୟେ ସବେଗ ଥିଏଟର ଘର ଛାଡ଼ି ଦରଜା ଆଡ଼କୁ ଦୌଡ଼ିଲେ ।

କିନ୍ତୁ ଦଧିବାମନ ମଞ୍ଚ ଉପରେ ଆରାମରେ ବସିଥିଲା । ରୁମାଲରେ କାନ ଦୁଇଟାକୁ ବନ୍ଦ କରି ଦର୍ଶକମାନଙ୍କ ଆଡ଼କୁ ପିଠି କରି ବସି ସାହାସର ସହିତ ବସି ରହିଥିଲା । ବେଳେ ବେଳେ ସେ

Digitized by srujanika@gmail.com

ଅଟେଇ କରି ଫକୀରଙ୍କ ଆଡ଼କୁ ଟିକିଏ ଅନାଇ ଥିଲା । କିନ୍ତୁ ତା' ପରେ ଶୀତରେ ଜଡ଼ି ପୁଣି ଆଖି ଦୁଇଟାକୁ ସଙ୍କୋଚରେ ତଳକୁ ପୋତି ଦେଇ ବାକ୍ସ କୋଣରେ ଆଶ୍ରୟ ନେଇଥିଲା । ଅସ୍ଫୁଟ ସ୍ୱରରେ ତା ମୁହଁରୁ ବାହାରି ପଡ଼ୁଥିଲା—"ଖୁବ୍ ହୋଇଚି ! ଖୁବ୍ ହୋଇଚି !! ଅସହ୍ୟ ! !"

ଏହି ସମୟରେ ଛକଉ ହାରମୋନିୟମରେ "ହେ ମହାମାୟା ଚଣ୍ଡୀ ଚାମୁଣ୍ଡା ଖପର—ଶୂଳଧାରିଣୀ !" ବଜାଇଲା ।

ଫକୀର ପୁଣି ମଞ୍ଚ ଉପରକୁ ଫେରିଗଲେ । ଶ୍ରୋତା ଏବଂ ଦର୍ଶକ-ମାନଙ୍କର ଚାଞ୍ଚଲ୍ୟ ବନ୍ଦ ହେଲା । ସମସ୍ତେ ଶାନ୍ତ ଭାବରେ ଅପେକ୍ଷା କରୁଥିଲେ, ଏହାପରେ କଣ ହେବ ? ତାମସାର ଶେଷ ପର୍ଯ୍ୟନ୍ତ ରହିବା ପାଇଁ ଯେଉଁମାନଙ୍କ ମନର ବଳ ନ ଥିଲା, ସେମାନେ ଜଣ ଜଣ ହୋଇ ବାହାର ଦରଜା ପାଖରେ ଦେଖାଗଲେ । ଫକୀର ଅଣ୍ଟରୁ ତିନୋଟି ପିନ୍ କଣ୍ଟା ବାହାର କଲେ । ମୁହଁରେ ଗୋଟିଏ କଣ୍ଟା ବନ୍ଧା ହୋଇ ଥିଲା; ସେଇଟାକୁ ବାହାର ନ କରି ଅଣ୍ଟରୁ ଗୋଟାଏ କଣ୍ଟା ମୁହଁ ଭିତରେ ପୂରାଇ ଦେଲେ । ବାକି ଦୁଇଟାକୁ କହୁଣୀ ଭିତରେ ଏ ପାଖୁ ସେ ପାଖ ଯାଏ ଭୁଷାଇ ଦେଲେ ।

ତାଙ୍କର ଡାହାଣ କହୁଣିରୁ ରକ୍ତ ଛିଟିକି ପଡ଼ିଲା । "ଇଏତ କୁହୁକ ନୁହଁ—କାଉଁରି ହାଡ଼ ବି ନୁହଁ—ଏହା ଯେ ରକ୍ତ !! ତାଜା ରକ୍ତ !!" ସନ୍ତୋଷ ଡାକ୍ତର ସାନନ୍ଦେ ଘୋଷଣା କଲେ ।

ଡାକ୍ତର ବାବୁଙ୍କ ଉତ୍ସାହ ଦେଖି ହାରମୋନିୟମ-ବାଦକ ଉତ୍ସାହିତ ହୋଇ ବଜାଇଲା—"ଜୟ ମା ବାଶୁଳି, ଜୟ ହାଡ଼ଭାଙ୍ଗି ଜୟ ମା ମଙ୍ଗଳା ଶୋଣିତପାୟୀ" ଏଥିମଧ୍ୟରେ ଦୁଇଜଣ ଲୋକ ଭୟରେ ବର୍ଣ୍ଣା ଗୋଟିଏ ବାଳଦାକୁ ଦୁଇହାତ ଧରି ବାହାରକୁ ନେଇଗଲେ ଓ ତା ମୁଣ୍ଡରେ ବରଫ ଦେବାକୁ ଲାଗିଲେ । ଦରଜା

Digitized by srujanika@gmail.com

ପାଖରେ ଥାନାର ଯେଉଁ ଚୌକିଦାରଟା ଏପର୍ଯ୍ୟନ୍ତ ପହରା ଦେଉଥିଲା, ସେ ମଧ୍ୟ ଛୁଟିବାରେ ଲାଗିବାକୁ ଆରମ୍ଭ କଲା, ତା ପରେ ହଠାତ୍ କୁଆଡ଼େ ଅନ୍ତର୍ହିତ ହୋଇଗଲା । ଦର୍ଶକମାନଙ୍କ ସଂଖ୍ୟା କ୍ରମେ କମି ଯିବାକୁ ଲାଗିଲା ।

ଦଧିବାମନ ଯାହା ଟିକଏ ଟିକଏ କଡ଼େଇ କରି ଫକୀରଙ୍କ ଆଡ଼କୁ ଚାହୁଁଥିଲା, ଆଉ ଚାହିଁଲା ନାହିଁ । ଭୟରେ ସର୍ବାଙ୍ଗ ତାର ବରଡ଼ା ପତର ପରି ଥରୁଥିଲା । ସେ ଆଖି ଦୁଇଟାକୁ ବନ୍ଦକରି ବସିଥିଲା, ନିଶ୍ୱାସ ବାହାରୁ ନ ଥିଲା ।

ଗୋଟିଏ ଅଦ୍ଭୁତ ଭୟରେ ସେ—ସେତେବେଳେ ମୁହ୍ୟମାନ । ନିଜ ମନକୁ ମନ ସେ ବିଲ୍‌ବିଲେଇ କହୁଥିଲା—"ଏ ଥର ଯାଉଛି ଚାଲିଯିବ, ଆଉ ବସି ରହିବା ସମ୍ଭବପର ହେବ ନାହିଁ ।" କିନ୍ତୁ ଉଠିବାପାଇଁ ତାର ଗୋଡ଼ ଚଳୁ ନ ଥିଲା; ଧଡ଼ଟା ତାର ଏକରକମ ଭାଲ୍ ମାରି ଯାଇଥିଲା । ମୁଣ୍ଡର ବାଳ ଗୁଡ଼ାକ ତାର ଠିଆ ହୋଇ ପଡ଼ୁଥିଲା ।।

ଭୟାର୍ତ୍ତ ଅଶରୀରସ୍ୱର ଭିତରେ ଫକୀର ପୁଣି ବୁଲିବାକୁ ଆରମ୍ଭ କଲେ । ସମସ୍ତେ ତାଙ୍କୁ ମଞ୍ଚ ଉପରକୁ ଫେରିଯିବା ଲାଗି ଅନୁନୟ କରିବାକୁ ଲାଗିଲେ । ଦଧିବାମନ ଅନିଚ୍ଛା ସତ୍ତ୍ୱେ ଫକୀରଙ୍କ ଆଡ଼କୁ ଅନାଇ ଦେଖିଲା, ଫକୀର ସେଇ କଣ୍ଟାଗୁଡ଼ାକୁ ହାତରେ ହଲାଇ ହଲାଇ କହୁଛନ୍ତି—"ଭଦ୍ର ମହୋଦୟା ଏବଂ ମହୋଦୟଗଣ, ଏହାପରେ ମୁଁ ମୋର ଆଖିର ପୁଅ ଉପାଡ଼ି ପକାଇ ସେଇ ଗାଡ଼ ଭିତରେ ସୋଲ ଟିପି ପୂରାଇ ଦେବି । ଆପଣମାନେ ଧୈର୍ଯ୍ୟର ସହିତ ଟିକଏ ଅପେକ୍ଷା କଲେ, ଦେଖି ପାରିବେ—।"

ସେ ମଞ୍ଚ ଉପରକୁ ଉଠିଯାଇ ବାକ୍ସ ଖୋଲିଲେ; କିନ୍ତୁ ସୋଲଟିପି ବାହାର କରିବା ପର୍ଯ୍ୟନ୍ତ କେହି ଅପେକ୍ଷା କଲେ ନାହିଁ ।

Digitized by srujanika@gmail.com

ଦର୍ଶକଙ୍କ ଭିତରୁ କେତେକ ଛନ୍ଦଭଙ୍ଗ ଦେବାକୁ ଲାଗିଲେ । ଶବ୍ଦହାର କରି କରି ସମସ୍ତେ ନିର୍ଗମ ଦ୍ୱାର ଆଡ଼କୁ ଛୁଟିଲେ; କିଏ ବା ପାଗଳଙ୍କ ପରି ରାସ୍ତାରେ ଦୌଡ଼ିବାକୁ ଲାଗିଲା; କିଏ ବା ନିଜକୁ ସମ୍ଭାଳି ନେଇ ଛକ ପାଖରେ ବସିପଡ଼ିଲା ।

ସମସ୍ତଙ୍କ ମୁହଁରେ ବିସ୍ମୟ-କୋଳାହଳ—"ଏହା ପରେ କଣ କରିବ ? ବୋଧହୁଏ ଇଏ ଭିତରେ ଆଖିଟାକୁ ଉପାଡ଼ି ପକାଇ-ବଣି । ଉପାଡ଼ିବ ବା ନାହିଁ ? ଫେରି ଯିବା ନା କଣ ?" କିଏ କହୁଚି ।

ଜଣେ ସାହସୀ ଛାତ୍ର ପୁଣି ଦରଜା ଭିତରକୁ ପଶିଯାଇ ଟିକିଏ ଉଙ୍କିମାରି ଫକୀରକୁ ଦେଖିବାକୁ ଲାଗିଲା । ଛକଡ଼ି ସେତେବେଳକୁ ଗାଉଥିଲା—"ହେ ଚନ୍ଦ୍ରଚୂଡ଼ ଭୂତନାଥ କୈଲାସବାସୀ ଶମ୍ଭୋ !"

ଜନତା ଛାତ୍ରର ପଛଆଡ଼େ ଗୁଞ୍ଜନ କରିବାକୁ ଲାଗିଲେ ।

"କଣ ! କଣ କରୁଛି ସେ ବର୍ତ୍ତମାନ...... ? କହନା ବାବୁ !!"

ନିଜର ଶ୍ରେଷ୍ଠତା ଏବଂ ସାହସିକତାର ଅଭିମାନରେ ଛାତ୍ର ଜଣକ କହିଲା—"ମୋତେ ପଛରୁ ଏମିତି ଧକ୍କା ମାରନା ହେ ! ମୋର ମନେ ହେଉଛି, ସେ ଯେପରି ଇଲଟେ ଆଖି ଦୁଇଟା ଉପାଡ଼ିବ !"

କୌତୂହଳୀ ଜନତା କହି ଉଠିଲା "ସର୍ବନାଶ !! ଆରେ ଦରଜାଟା ବନ୍ଦ କର !" କିନ୍ତୁ ଦୁଇ ତିନି ମିନିଟ ପରେ ସେମାନେ ପୁଣି ପ୍ରଶ୍ନ ଉପରେ ପ୍ରଶ୍ନ ପଚାରିବାକୁ ଲାଗିଲେ—

"ଦେଖ ନା, ଭାଇ, ବର୍ତ୍ତମାନ ସେ କଣ କରୁଛି । ଆରେ ବୋକା, ଭିତରକୁ ଯାଉ ନା, କଣ ଖାଇ ପକାଉଛି ସେ ତମକୁ ? ଆଃ, ଡରୁଛ, ନା କଣ ? ଦରଜା ପାଖରେ ଟିକିଏ ଉଙ୍କି ମାରି କରି

Digitized by srujanika@gmail.com

ତାକୁ ବନ୍ଦ କରିବାକୁ କହନା !! ତର ଗୋଟାଏ ଭଣ ମ ? ମାଃ ଛିଃ !! × × ×”

ଦଧିବାମନ ସେତେବେଳଯାଏ ମଧ୍ୟ ସିମିତ ବକ୍ସକୋଣରେ ମୁହଁ ଲୁଚାଇ ପାଗଳଙ୍କ ଭଳିଆ ମନକୁ ମନ ଗପୁଥିଲା—

“ଛି, ଛାଇ, ଛି, ତମ ପରିକା ଲୋକଙ୍କର ଏ ସବୁ କାଣ୍ଡ ଦେଖିବା ଠିକ ହୋଇନ; ସେଥିପାଇଁ ଆହୁରି ଶିକ୍ଷିତସ୍ୱଭାବ ଲୋଡ଼ା । ତୋ ବ୍ରାଦ ତ ଖରାପ, କଣ କରିବୁ ବସ୍ତ୍ର ? ହେ ମଜା ଗୁହ୍ମୁଁତ ଟିକଏ ଗନ୍ଦମ ମଦ ଖାଅ ନା !! ଅଃ, ଆତ୍ମଦମଠା କ ଜ୍ୟାଦେସ୍ଥ !!

ଏହୁପରି ଭାବରେ ଦଧିବାମନ ପାଗଳ ହୋଇଗଲା ।

ବୈଶାଖ—୧୩୪୭, ୧ମ ସଂଖ୍ୟା, ସହକାରରେ ପ୍ରକାଶିତ ।

Digitized by srujanika@gmail.com

ଟମି

କବି ମୁଁ ମୋଟେ ନୁହେଁ । ତେବେ ଟମିଟାକୁ ଦେଖିଲେ ମୋ ମନ ଭିତରେ ଅନେକ କଥା ଖେଳିଯାଏ । ଆହା ବିଚରା ଜୀବ !! ଆଦର, ସ୍ନେହ କାହାକୁ କହନ୍ତି, ସେ ବୋଧହୁଏ ତାର କ୍ଷୁଦ୍ର ଜୀବନରେ କେବେ ହେଲେ ଜାଣି ନାଇଁ । ଖାଲି ଦୁଃଖ, କଷ୍ଟ, ଗୋଇଠାମାଡ଼ ଭିତରେ ସେ ଏ ପର୍ଯ୍ୟନ୍ତ ବଢ଼ି ଆସିଛି । ଏହାପରେ ବୋଧହୁଏ ତାର କ୍ଷୁଦ୍ର, ଅସମ୍ପୂର୍ଣ୍ଣ ଜୀବନଟି ଦିନେ ଶେଷ ହୋଇଯିବ ।

ଆମ ଘରେ ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଟମିକୁ ହୁର୍, ହୁର୍, ମାର ମାର କହନ୍ତି । ଏପରିକି ବୁଢ଼ା ଧୁଙ୍ଗିଆଟାର ମଧ୍ୟ ଟମିକୁ ଦୁଇଓଳି ଅଣ୍ଟାଙ୍କର ପାହାରେ ନ ପିଟିଲେ ମନ ବୋଧ ହୁଏ ନାଇଁ । ଟମିକୁ ଅକାରଣରେ ପିଟିବାଟା ଆମ ଘରେ ସମସ୍ତଙ୍କର ଗୋଟାଏ ବଡ଼ ଆମୋଦର ବିଷୟ । ସମସ୍ତେ କିଛି ନା କିଛି ସେଥିରେ ଆନନ୍ଦ ଅନୁଭବ କରନ୍ତି । ସେ ଦିନ—ଯେତେବେଳେ ଟମି ଖାଇବାକୁ ନ ପାଇ ଭୋକ ବିକଳରେ ଆମ ରୋଷେଇ ଘର ଦୁଆର ମୁହଁ ପାଖରେ ଯାଇ ପହଞ୍ଚିଲା—ବୁଢ଼ା ଧୁଙ୍ଗିଆ ଗୋଟାଏ ବଡ଼ ଜଳନ୍ତା ନିଆଁ ଫାଳିଆ—ଧରି ତାର ସାନ ମୁଣ୍ଡଟିରେ ନିସୁକି ପାହାରେ ପକାଇଲା, ଟମିର ତାଳୁ ପୋଡ଼ିଗଲା । ମାଡ଼ ବାଜି ତାର ମୁଣ୍ଡ ମଧ୍ୟ ଫାଟିଗଲା । ଧାର ଧାର ଲହୁ ତା ଫଟା ମୁଣ୍ଡରୁ ବୋହି ଆସି ରୋଷେଇ ଘରର ଧଳା ଚଟାଣଟାକୁ ଲାଲ କରି ଦେଇଗଲା ।

କେହି ହେଲେ ବିଚରା ଜୀବଟି ପ୍ରତି ସହାନୁଭୂତି ଦେଖାଇଲେ ନାଇଁ । ସାଆନ୍ତ ମା ସେଦିନ ବଡ଼ ଏକାଦଶୀ ବୋଲି ତୁଳସୀ ଚଉରା ମୂଳେ ବସି ମାଳି ଜପୁଥିଲେ । ଟମିର ଚିତ୍କାର ଶୁଣି ଦଉଡ଼ି ଆସି

Digitized by srujanika@gmail.com

ପୂଝାରୀକୁ ଗୋଟାଏ ଲମ୍ବା ଆଶୀର୍ବାଦ କରି କହିଲେ—"ଅଚ୍ଛା କରିଚୁ, ବାପ—ବୁଢ଼ାଟିଏ ହୋଇ ଥା । ଅଲକ୍ଷଣୀ କୁତୀଟା କଣ ଆଜି ଉପରେଇ ଉଠେଇ ଦଉଚି କି ? ଦୁଇଥର ଯାକ ମୋର ପୂଜା ଭୋଗ ସାରି କରି ଦେଲଣି ।"

ଝିମି ବିଚାରୀ ମାଡ଼ ଜୋରରେ ପଳାଇ ନ ପାରି ସେଇଠି ପଡ଼ି ଧକଉଥାଏ । ସାଆନ୍ତ ମାଙ୍କର ହୋବ ଖାଇ ପୂଝାରୀ ପୁଣି ଆସି ତାର ଫଟା ମୁଣ୍ଡଟାରେ ନିଜର ମୋଟ ଗୋଦର ଗୋଡ଼ରେ ଦୁଇ ଗୋଇଠା ଲଗାଇଲା । ସେ ବିଚାରୀ ସେଇଠି ସେମିତି ପଡ଼ିଥାଏ । ଖାଲି ଜୁଳୁ ଜୁଳୁ କରି ଇଆ ମୁହଁକୁ, ତା ମୁହଁକୁ ଅନାଉଥାଏ । ସେଇ ଚାହାଣୀ ଭିତରେ ସେ ଯେମିତି ଅନେକ କଥା କହିଯିବାକୁ ଚାହୁଁଥିଲା— ।

ଝିମିଟି ସମସ୍ତଙ୍କର ଚକ୍ଷୁଶୂଳ । ସେ ଯିମିତି ଗୋଟାଏ ଅତିରିକ୍ତ ପଦାର୍ଥ, ତାର ଜୀବନ ନାହିଁ—ଅନୁଭୂତି ନାହିଁ । ଖାଲି ଉଚ୍ଛିଷ୍ଟ ପଦାର୍ଥ ପରି ସେ ସମସ୍ତଙ୍କର ଆବର୍ଜନା ଭାବରେ ପଡ଼ି ରହିଥାଏ । କେହି ତାକୁ କେବେହେଲେ ଲୋଡ଼େ ନାହିଁ—ଡାକେ ନାହିଁ । ଜୋର କରି ତଡ଼ିଦେଲେ ମଧ୍ୟ ସେ ଯାଏ ନାହିଁ । ସେ ନିଜ ମନକୁ ଆସିଲା—ନିଜ ମନକୁ ମଧ୍ୟ ଯାଉଥାଏ । ସମସ୍ତଙ୍କର ମାଡ଼ ଗୋଇଠା ସେ ସବୁଦିନେ ସେହିପରି ସହି ଯାଉଥାଏ । କି ଗୋଟାଏ ମାୟାମମତାରେ କେଜାଣି ସେ ଆମ ଘରଟିରେ ବାନ୍ଧି ହେଲା ପରି ପଡ଼ି ରହିଥାଏ ।

ଆମ ଘରେ ଆଉ ଗୋଟିଏ ମଧ୍ୟ ପୋଷା ଜନ୍ତୁ ଥାଏ । ସେ ହଉଚି ସାରିଆ—ଶୁଆଟିଏ । ତାକୁ ସମସ୍ତେ ଆଦର କରନ୍ତି । ନୂଆ ବୋହୂ ନିଜ ଏକାକୁ ଉଠି ତାକୁ ରାମ ନାମ ବୋଲାନ୍ତି । ମୋର ସାନ ଭଉଣୀ ହାର ନିଜ ତାକୁ ନିଜ ହାତରେ ଦୁଧଭାତ, ନଡ଼ିଆରସ ଖୋଇଦିଏ । ଏପରିକି ବୁଢ଼ା ପୂଝାରୀଟା ମଧ୍ୟ ଦିନେକେ ସାରିଆକୁ

Digitized by srujanika@gmail.com

ଦୁଇଥର ଦେଖି ଆସେ—ତାକୁ ଲୁଚେଇ ଲୁଚେଇ ସବୁ ବୋଷ ଖାଇବାକୁ ଦଏ । ସାଉଆଟି ବଡ଼ ଗେଲବସର । ସେ ସମସ୍ତଙ୍କର ଆଦର ସ୍ନେହ ପାଇ ଭଲେ ଗୋଡ଼ ଦେଉ ନ ଥାଏ । ସେ ଝିମିକୁ ଦେଖିଲେ ପର ଫୁଲାଇ ଥଣ୍ଟ ବଙ୍କାଇ ଦ୍ୱାରର ଶିକ୍ଷା ମୁତାବକ ଧାଡ଼ିକରି କହେ "ଅଇଁଠା ଖାଇ କୁତୀ—ଅପରଛମା କୁତୀ-କ-ର୍-ର୍ କ-ତ-ର୍ ।" ଝିମି ବରୁସି ସେ କଥାରୁ କିଛି ହେଲେ ବୁଝି ପାରେ ନାହିଁ । ତେବେ ସାଉଆ ଯେ ତାକୁ ଥଟ୍ଟା କରୁଚି—ଏଇଟା ବୋଧହୁଏ ସେ କିଛି କିଛି ଜାଣିପାରେ । କାହିଁକି ନା, ସେ ସାଉଆ ଆଡ଼କୁ ଚାହିଁ ଘଉଁଏ ବେଳଯାଏ ଛିଡ଼ା ହୁଏ । ରାଗରେ ଭଲେ ଲାଞ୍ଜ ପିଟେ । ଆଉ ତାର ଶୁଖିଲା ଓଠଟାକୁ ଥରକୁଥର ଜିଭ ଚାଟୁଥାଏ । ତା ପରେ ସେ ଚୁପ୍ ହୋଇ ସାଉଆର ପଞ୍ଜୁରି ତଳେ କିଛି ନ ଜାଣିଲା ପରି ଶୋଇ ରହେ । ସାଉଆ ଥଣ୍ଟ ଝାଡ଼ି ଦୁଧଭାତ ଖାଇଲାବେଳେ ଯାହା ତଳେ ପଡ଼ିଯାଏ ସେଇତକ ଆନନ୍ଦରେ ଖାଇଦଏ । ଏହିପରି ଏହି ଅସହାୟ ଅଭିଶପ୍ତ ଜୀବନଟିର ଦିନ କଟି ଯାଉଥାଏ ।

ଝିମିକୁ ଯେ ସମସ୍ତେ ଭଲ ପାଆନ୍ତି ନାଇ ଏଥିପାଇଁ ଝିମିର ମଧ କିଛି ଦୋଷ ଅଛି । ସେ ଦେଖିବାକୁ ବଡ଼ କୁତ୍ସିତ । ବିପଣ୍ଡ କାଳିଆ ଦେହଟାଏ । ମୁଣ୍ଡଟା କମିତ ବିଲୁଜପରି ଉପର ଆଡ଼କୁ ଯାଇଚି; ବେଙ୍ଗଟା ଚକଣ ଥୋମଣିଟା ମୁହଁ ଭିତରୁ ସଫା ବାହାରି ଆସିଲା ପରି ଜଣା ଯାଉଥାଏ । ଖାଇବାକୁ ନ ପାଇ ଝିମିର ଦେହଯାକ ଖାଲ ହାଡ଼ଶିରା ଫୁଟି ଦିଶୁଥାଏ । ଆଉ ନାନା ରକମର ଘା, ଯାହା ମଧ ତାର ମଇଳା ପେଟ, ପିଠି ଉପରେ ମାଡ଼ି ଯାଇଥାଏ । ଝିମି ଦେହରୁ ସବୁବେଳେ ଟିକ୍କ, ଡାଆଁଶ, ଉକୁଣିଆ ପୋକ ଖସି ପଡ଼ୁଥାନ୍ତି । ମଣିଷ ନ ସବୁବେଳେ ମଣିଷ । ସେ ତ ଆଉ କିଛି ସାଧୁମହାପୁରୁଷ ହୋଇ ନାହିଁ । ସେଥିପାଇଁ ଝିମି ଯେ—ସମସ୍ତଙ୍କର

Digitized by srujanika@gmail.com

ଘୃଣା ଆଉ ଅନାଦରର ପାତ୍ର ହବ, ଏଥିରେ ଆଶ୍ଚର୍ଯ୍ୟର ବିଷୟ ବା କଣ ଅଛି ?

ଏଇ ପଡ଼ଶାଘର ଡାକ୍ତର ବାବୁଙ୍କର ସାନ କୁକୁର ଭୁଲୁଆ; କି ସୁନ୍ଦର ପରିଷ୍କାର ଚେହେରାଟି ତାର । ଧଳା ଧଳା ଲୁମଗୁଡ଼ିକ ରେଶମୀ ସୂତା ପରି ଚକ୍ ଚକ୍ ଦିଶୁଥାଏ । ସବୁ ଅଣ୍ଟାଟି ଭାଗି ହେଲା ପରି । ଆଉ ତାର ବଡ଼ ବଡ଼ କଳା କଳା ଆଖି ଦୁଇଟିର ଦୃଷ୍ଟି ସୁଦୂର ପ୍ରସାରିତ । ଆଉ ଟମି ? ଇସ୍—

ଏହା ଛଡ଼ା ଟମିର ଆଉରି ଗୋଟାଏ ମଧ୍ୟ ବଡ଼ ଦୋଷ ଅଛି । ସେଇଟା ତାର ଅତ୍ୟନ୍ତ ଶାନ୍ତ ପ୍ରକୃତି, ସେ କାହାରିକୁ କିଛି କହେ ନାହିଁ । ଘରେ ଯେତେଡ଼ ଅଚିହ୍ନା ଲୋକଟାଏ ପଶିଗଲେ ପୁଣି ସେ ତାକୁ କାମୁଡ଼ି ଗୋଡ଼ାଏ ନାହିଁ । ଓଲଟି ଯାଇ ତା ଗୋଡ଼ ସନ୍ଧରେ ମୁହଁ ଲୁଚାଇ ଗୁଡ଼େଇ ତୁଡ଼େଇ ହୁଏ । ସତେକି ସେ—ଯିମିତି ତାର କେଉଁଦିନର ଚିହ୍ନା ଖାଉନ୍ଦ । ରାତି ଅଧରେ ଯଦି ଚୋର ପଶେ, ତେବେ ଟମି ପ୍ରଥମେ ଥରେ ଦୁଇଥର ଖୁବ ଜୋରରେ ଭୁକିଦିଏ । ମାତ୍ର ଚୋର ଯଦି ଚାଲାକ ହୋଇଥାଏ, ତେବେ ସେ ଟମି ଆଗରେ ଦୁଇ ମୁଠା ଚୁଡ଼ାଲଡ଼ୁ ଫିଙ୍ଗିଦେଲେ ଟମି ଚୁପ୍ ହୋଇ ସେଗୁଡ଼ିକର ସଦ୍ବ୍ୟବହାର କରିବାରେ ଲାଗିଯାଏ । ଯେତେ ଅଚିହ୍ନା ମଣିଷଟାଏ ହୋଇଥାଉ ପଛକେ ଟମି ଦେହରେ ଥରେ କଅଁଳ କରି ହାତ ବୁଲାଇ ଦେଲେ ଟମି ଗୋଟିକ ଯାକ ତାର ହୋଇଯାଏ । ସେ ତାକୁ କାମୁଡ଼ିବା ଦୂରେ ଥାଉ, ବରଂ ଯାଇ ତା ଦେହରେ ଘସେଇ ଲଦେଇ ହୁଏ । ଏଥିପାଇଁ ଘରେ ସମସ୍ତଙ୍କର ତା ଉପରେ ରାଗ । ଶାନ୍ତ ହେବାଟା ଯେପରି ତାର ଗୋଟାଏ ମସ୍ତ ଦୋଷ । ତାର କ୍ଷମା ନାହିଁ ! ସେଥିପାଇ ମଣିଷର ଯେଉଁଟା ଭଲ ଗୁଣ ବୋଲି ବିବେଚିତ ହୁଏ, ପଶୁମାନଙ୍କର ସେ ଗୁଣଟା ଗୋଟାଏ ବଡ଼ ଦୋଷ ଭିତରେ ଧରାଯାଏ । ଟମି ଯଦି

Digitized by srujanika@gmail.com

ଅନ୍ୟ କୁକୁରମାନଙ୍କ ପରି ରାଗୀ ହୋଇଥାନ୍ତା, ମଣିଷ ଦେଖିଲେ କାମୁଡ଼ି ଗୋଡ଼ାଉଥାନ୍ତା, ରାତି ଦିନ 'ଭୁ୍ୟାଉ', 'ଭୁ୍ୟାଉ', କରି ଭୁକୁଥାନ୍ତା, ତାହେଲେ ବୋଧହୁଏ ତାର ଗୁଣର ଦାମ ଆହୁରି ଅନେକ ପରିମାଣରେ ବଢ଼ି ଯାଆନ୍ତାଣି । ତାକୁ ଖାଇବା, ପିଇବା ଅଭାବରେ ହାଡ଼ କଙ୍କାଳରୂପ ହେବାକୁ ବୋଧହୁଏ ହୋଇ ନ ଥାନ୍ତା । ମାତ୍ର ଅବୁଝା କୁକୁରଟା ମଣିଷର ଏତେ କୂଟନୀତି ଭିତରେ ପଶି ପାରେ ନାହିଁ । ସେ ସବୁଦିନେ ସେହିପରି ଶାନ୍ତ ରହିବାକୁ ଭଲ ପାଏ । ଏଇଟା ତାର ବୁଦ୍ଧିର ଦୋଷ କି ପ୍ରକୃତିର ଦୋଷ ଠଉରାଇବା ବଡ଼ କଠିନ । କାରଣ ସେ ଶୁଣିଛି—ହୋଇଥିଲେ କେଉଁଦିନୁ ନିଜର ପ୍ରକୃତି ବଦଳାଇ ସମସ୍ତଙ୍କର ଆଦର ମମତାଟିକ ଆଦାୟ କରି ନିଅନ୍ତାଣି; ଟମିର ଏପରି ଶାନ୍ତ ହେବାର ଆହୁରି ଗୋଟାଏ ମଧ୍ୟ କାରଣ ଅଛି । ଚବିଶ ଘଣ୍ଟା ଗୋଇଠା ମାଡ଼ ଖାଇ ଖାଇ ସେ ବା ଶାନ୍ତ ନ ହୋଇ ରହିଥାନ୍ତା କିପରି ? ଏତେ ଆଘାତ, ଉପାସ ଭିତରେ ନିଜର ତେଜଟିକୁ ବଞ୍ଚାଏ ରଖିବା କଣ ସହଜ କଥା ? ପ୍ରତିଦିନ ଉପାସ, ଭୋକ, ବାଧା, ଗୋଇଠାରେ ସହି ସହି ଟମି କାଠ ପଥର ପରି ଜଡ଼, ଅଚଳ ହୋଇ ଯାଇଛି । ପାଟିକରି ଥରେ ଭୁକିବା ପାଇଁ ମଧ୍ୟ ତାର ସାହସ ନାହିଁ । ରାଗିବା ପାଇଁ ମଧ୍ୟ ତା ଦେହରେ ବଳ ନାହିଁ—ଇଚ୍ଛା ମଧ୍ୟ ନାହିଁ ।

ତା ପରେ ଆଦର, ସ୍ନେହ କାହାକୁ କହନ୍ତି, ଟମି ତାର ପିଲାଟି ଦିନରୁ ମଧ୍ୟ ଜାଣି ନାହିଁ । ସେଥିପାଇଁ କେହି ଯଦି ଟିକିଏ କଅଁଳ କରି ତା ଦେହରେ ହାତ ବୁଲାଇ ଦିଏ, କି ଟାକରା ଫୁଟାଇଦିଏ, କି ମୁଢ଼ି ଭୁଜା ଗଣ୍ଡାଏ ବୁଣିଦିଏ, ତେବେ ସେ ଯେଡ଼େ ସ୍ୱୈର, ଉଚ୍ଛ୍ୱାସିତ, ଅଶାନ୍ତ ଲୋକ ହୋଇଥାଉ ପଛକେ ଟମି ଗୋଟିକପାଦ ତା ଆଡ଼କୁ ଚଳିପଡ଼େ । ମଣିଷର ଏ କଅଁଳ ସ୍ୱଭାବଟା ତାକୁ ନୂଆ

Digitized by srujanika@gmail.com

ଘର ଲାଗେ । ଦୁନିଆରେ ଯେ ମଣିଷ ତାକୁ ଆଦର କରିପାରେ, ଖାଇବାକୁ ଦେଇପାରେ, ତା ଦେହରେ ହାତ ବୁଲାଇ ଦେଇପାରେ, ସେଇଟା ସେ ସେଦିନ ଯେମିତ ନୂଆ କରି ଅନୁଭବ କରେ । ତା ଜୀବନରେ ସେଇତକ ଯେ ଚରମ ଉପଭୋଗ ! ସେହି ସୁନ୍ଦର ମୂହୂର୍ତ୍ତଟି ତାର ଜଡ଼ ଜୀବନରେ ଚେତନାର ବିଦ୍ୟୁତ୍ ଖେଳାଇଦିଏ । ସେ ସବୁ ଭୁଲିଯାଇ ସେହି ଲୋକଟିର ବଦାନ୍ୟତାର ଗୁଲାମ ହୋଇ-ଯାଏ । ସେଥିପାଇଁ ଅଜଣା ଅଚିହ୍ନା ଲୋକେ ଘରେ ପଶିଲେ ଟମିର ସେମାନଙ୍କୁ କାମୁଡ଼ି ଗୋଡ଼ାଇବା ଦୂରେ ଥାଉ, ବରଂ ସେ ଯାଇ ସେମାନଙ୍କ ଗୋଡ଼ ହାତ ଚାଟି ଦିଏ । କୁଁ କୁଁ ହୋଇ ସେମାନଙ୍କ ଗୋଡ଼ ସନ୍ଧରେ ପଶିଯାଏ । ଏହିପରି ଟମିର ପ୍ରକୃତି । ଏହି ପ୍ରକୃତି ଯୋଗୁଁ ଟମି ଉପରେ ଆମଘରେ ସମସ୍ତେ ବିରକ୍ତ । ମାତ୍ର ଟମି ସବୁଦିନେ ସେହି ଟମି ।

ଭାଇଙ୍କର ଟମିଟାକୁ ଘରୁ ତଡ଼ି ଦେବାଲାଗି ବହୁଦିନରୁ ଇଚ୍ଛା । ସେ ଦୁଇ ତିନଥର ମଧ୍ୟ ପୁଝାରୀକୁ ସେ କଥା କହି ସାରିଲେଣି । ପୁଝାରୀ ମଧ୍ୟ ହୁକୁମ ତାମିଲ୍ କରିବାରେ କେବେ ତ୍ରୁଟି କରି ନାହିଁ । ମାତ୍ର ଟମି ବିଚାରୀକୁ ଯେତେ ମାଡ଼ପିଟ କଲେ ମଧ୍ୟ ସେ ଯାଏ ନାହିଁ । ଦୁଇ ଚାରି ଖଣ୍ଡ ବାଉଁଶ ଠେଙ୍ଗା ପଛକେ ତା ପିଠିରେ ବାଜି ଭାଙ୍ଗିଯିବ, ଟମି ଆମ ଘର ଗୁଡ଼ି ଆଉ କୋଉଠିକି ଯିବ ନାଇ । ଟମି ଯେତେ ଓଲ୍ଡ୍ ହେଲେ ବି କଣ ହେବ, ଭାଇ ଯେ ତାକୁ ଆଦୌ ଭଲ ପାଆନ୍ତି ନାହିଁ, ଏଇଟା ବୋଧହୁଏ ସେ ମନେ ମନେ ବୁଝିପାରେ ! ସେଥିଲାଗି ସେ ବାଟଘରେ ଭାଇଙ୍କ ଚଟିଶବ୍ଦ ଶୁଣିବା ମାତ୍ରେ ଏକା ଦମକେ ଦଉଡ଼ି ପଳାଇଯାଏ । ଭାଇ ସାଢ଼େ ଦଶଟାରେ କଚେରୀକୁ ଗଲାପରେ ସେ ଯାଇ ଆମ ଘରକୁ ଲେଉଟେ । ଅଇଁଠା କଣ୍ଟା ଯାହା ଯେଉଁଠି ପାଏ, ଖାଇଦେଇ ପୁଣି ଭାଇଙ୍କ ଫେରିବାବେଳ ହେଲାକୁ

Digitized by srujanika@gmail.com

ଘର ଘୁଞ୍ଚ କୁଆଡ଼େ ପଳାଇଯାଏ । ଭାଇଙ୍କର ଘରେ ରହିବା ସମସ୍ୟାଟା ତାର ଯେପରି ମୁଖସ୍ଥ ହୋଇଗଲାଣି ।

ଏଇ କଥାଟାକୁ ନେଇ ସେଦିନ ଭାଉଜବୋଉ ଆଉ ଭାଇଙ୍କ ଭିତରେ ଗୋଟାଏ ବଡ଼ ଧରଣର କଳି ଘଟି ଯାଇଛି । ଘଟଣାର ସୂତ୍ରପାତ ହେଲା—ବୁଲୁର ପଢ଼ାପଢ଼ି ନେଇ । ବୁଲୁ ଭାଇଙ୍କ ପାଖରେ ଜମା ପଢ଼ିବାକୁ ଚାହେଁ ନାହିଁ । ଭାଇ ବଡ଼ ରାଗୀ । ଟିକିଏ କଣା ଭୁଲ ହୋଇଗଲେ ହଠାତ୍ ଦୋ-କନା ଚାପୁଡ଼ାଟାଏ ବସାଇ ଦେବେ ।

ସେଥିପାଇଁ ବୁଲୁ ପଢ଼ାବେଳ ହେଲାରୁ ଭାଉଜବୋଉଙ୍କ ପାଖରେ ଯାଇ ଲୁଚେ । ଭାଇ ବିରକ୍ତ ହୋଇ ତାକୁ ଟଣାଓଟରା କରନ୍ତି । ଭାଉଜବୋଉ ବୁଲୁର ପକ୍ଷ ନେଇ ବହୁତ ଓକାଲତି କରନ୍ତି । ସେଦିନ ଭାଇ କାହିଁକି ବୁଲୁକୁ ଗୋଟାଏ ଚଟକଣା ମାରିଦେଲେ । ବୁଲୁ ଭେଁ ଭେଁ କାନ୍ଦି ଉଠିଲା । ଭାଉଜବୋଉଙ୍କୁ ଦେଖେ କିଏ ? ସେ ବୁଲୁକୁ ପଢ଼ା ସ୍ଥାନରୁ ଟାଣି ଆଣି ଭାଇଙ୍କୁ କଡ଼ା କଡ଼ା ଶୁଣାଇ ଦେଲେ ।

"ତୁମ ହାତରେ ସାମାନ୍ୟ କୁକୁରଟାଏ ତ ଘର ଘୁଞ୍ଚ ପଳାଇ ଯାଉଛି । ଇଏ ତ ସହଜେ ପିଲାଟାଏ—ମଲା'ଯା, ଦେଖିନି ଆଉ ସାତ ଜନମରେ ଇମିତ ଶାଠପଢ଼ା—"

ଭାଇ ବଡ଼ ଅପ୍ରସ୍ତୁତ ହୋଇପଡ଼ିଲେ । ଭାଉଜବୋଉଙ୍କର ଦୟାଟା ଯେ ସେଦିନଠୁଁ ଟମି ପ୍ରତି ଟିକିଏ ବୃଦ୍ଧି ପାଇଲା ତା ମଧ୍ୟ ନୁହେଁ । ଟମି କପାଳ ସବୁଦିନେ ଏକା ।

ଘର ଭିତରେ ଏକା ହାରଧିଁ ଟିକିଏ ଟମିକୁ ଭଲ ପାଉଥିଲା । ମାଡ ବେଲ ଭୁଆ ଜନ୍ମ ହେଲା ଦିନଠୁଁ ସେ ଆଉ ଟମିକୁ ପାଖ ପୂରାଉ ନାହିଁ । ଗୁହାଳକୁ ଗଲାବେଳେ ମଧ୍ୟ ବେଲକୁ ହାତରେ ଯାକି ସଙ୍ଗରେ ନେଇଯାଏ ।

Digitized by srujanika@gmail.com

ଶୋଇଲାବେଳେ ବେଲକୁ କୋଡ଼ରେ ପୂରାଇ ଶୁଏ । ତା ପରେ ହାତର ପୋଡ଼ପିଠା ଖଣ୍ଡିକ ଟମି ତଳୁ ଗୋଟାଇ ଖାଇଦେଲା ଦିନଠୁ ସେ ବି ଟମି ଉପରେ ଖଡ୍ଗହସ୍ତ । ଇମିତି ଟମି ସମସ୍ତଙ୍କର ଗାଳି ମାଡ଼ର ବୋଝ ବହି ଏକା ପଡ଼ିଥାଏ । ଘରଯାକର ସଞ୍ଚିତ କ୍ରୋଧ ତାକୁ ଏକାକମା ନତମସ୍ତକରେ ବହନ କରିବାକୁ ହୁଏ । ସେ ଦିନେ ହେଲେ ଆପତ୍ତି କରେ ନାହିଁ । ବିଦ୍ରୋହ କରେ ନାହିଁ । ଅସନ୍ତୋଷର ଭାବ ମଧ୍ୟ କୌଣସି ଭାବ-ଭଙ୍ଗିରେ ପ୍ରକାଶ କରେ ନାହିଁ ।

ସବୁ ସେ ଚୁପ୍ କରି ସହେ । ଖାଲି ଅଇଁଠା କଣ୍ଟା ଗଣ୍ଡାକୁ ଆଶ୍ରୟ କରି ଟମି ଆମ ଘରେ ପଡ଼ି ରହିଥାଏ । ପୁଷ୍ଟାରର ଠେଙ୍ଗା, ସାଆନ୍ତମା'ଙ୍କ ଝାଡ଼ୁଣି ଫୋପଡ଼ା, ଭାଇଙ୍କ ଚଟି ମାଡ଼ ସବୁ ସେ ହଜମ କରେ । କାହିଁକି ଯେ କରେ ମୁଁ କିଛି ବୁଝି ପାରେ ନାହିଁ । ଖାଲି ଗୋଟାଏ ଗଭୀର ଦୀର୍ଘଶ୍ୱାସ ପକାଇ ମୁଁ ମନେ ମନେ କହେ—"ହାୟରେ ଅଭିଶପ୍ତ ଜୀବ ।"

ସେଦିନ ସ୍କୁଲରୁ ଫେରି ଘରେ ପଶୁଁ ପଶୁଁ ଶୁଣିଲି—ସାଆନ୍ତମା ବ୍ୟଥିତସ୍ୱରରେ କହୁଚନ୍ତି—"ଏ ହାରି, ମାଆଟା ଯିବ, ଯା—ମ, ଟମିକୁ ଉଷୁମ କରି ଔଷଧ ଟୋପିଏ ଦେଇ ଆ—ମ । ବିଚାରି ଆଜି ସକାଳୁ କିଛି ଖାଇନାହିଁ । ଆହା ! ତଣ୍ଟି ତ ଶୁଖିଯିବଣି । ଏ ପୁଷ୍ଟାସ୍ତ, ତୁମେ ଟିକିଏ ଯାଆ—ମ ।"

କଥାଟା କଣ କିଛି ବୁଝି ପାରିଲି ନାହିଁ । ମନେ ମନେ ବଡ଼ ବିସ୍ମିତ ହେଲି । ଭାବିଲି ଆଜି ଟମି ପ୍ରତି ସାଆନ୍ତମାଙ୍କର ଏପରି ଆକସ୍ମିକ ଆଦରର କାରଣ କଣ ?

ମୋତେ ଦେଖି ହାରି ମୋ ପାଖକୁ ଦଉଡ଼ି ଆସି ମୋ ହାତଟାକୁ ଧରି କହିଲା—"ନଣ୍ଡା ଭାଇ, ଦଉଡ଼ ଆସ, ଟମିକୁ

Digitized by srujanika@gmail.com

ଦେଖିବ ଆସ ।" ହାର ମୋ ହାତଟାକୁ ଟାଣି ଟାଣି ମୋତେ ନେଇ ଆମ ଖଳାବାଡ଼ିରେ ହାଜର କଲା । ସେଠାରେ ଯାହା ଦେଖିଲି, ମୁଁ ଆଦୌ ବିଶ୍ୱାସ କରି ପାରିଲି ନାହିଁ । ଅବଶ୍ୟ ଉପନ୍ୟାସ ପରି ସବୁ ଘଟଣାଟା ମୋତେ ଖାଲି ସ୍ୱପ୍ନପରି ମାଲୁମ ହେଉଥାଏ ।

ଯାଇ ଦେଖିଲି, ଖଣ୍ଡେ ସପାଅଖା ଉପରେ ଟମି ଗୋଡ଼ ହାତ ଲମ୍ବାଇ ଆରାମରେ ଶୋଇଛି । ତାର ବଡ଼ ବଡ଼ ଆଖି ଦିଓଟି ଅଳ୍ପ ଅଳ୍ପ ମୁଦି ହୋଇଛି । ଆଉ ତା ଚାରିପାଖରେ ଚୈରେଟି ଛୁଆ ତାକୁ ଘେରି ଶୋଇଛନ୍ତି । ଭାଉଜବୋହୂ ଆଉ ପୁଷ୍ପାସି ଦୁହେଁଯାକ ଦୁଇବାଟି ଦୁଧ ତା ମୁହଁ ପାଖରେ ଧରିଛନ୍ତି । ପୁଷ୍ପାସି ଟମି ମୁଣ୍ଡଟିକୁ ଆଉଁସି ତାକୁ 'ଖା—ଖା' ବୋଲି କହୁଛି ।

ଆନନ୍ଦ ଓ ଆଶ୍ୱସ୍ତିରେ ମୋ ବୁକୁ ଭିତରଟା ନାଚି ଉଠିଲା । ଯେଉଁମାନେ ଏ ଅସହାୟ ଅନାଦୃତ ଜୀବଟିର ଆଜି ଏତେ ଆଦରର କାରଣ, ସେହିମାନଙ୍କ ଆଡ଼କୁ ମୁଗ୍ଧ ଏବଂ ବିସ୍ମିତ ଦୃଷ୍ଟିରେ ମୁଁ ଖାଲି ଚାହିଁ ରହିଲି । *

---

* ଯୁଗବାଣୀରେ ପ୍ରଥମେ ପ୍ରକାଶିତ ।

Digitized by srujanika@gmail.com

ଗ୍ରୀଷ୍ମାବାସ

"ତମକୁ ମୁଁ ଭଲ ପାଏ । ତୁମେ ମୋର ଜୀବନ—ମୋର ଜୀବନର ସୁଖ ଦୁଃଖ—ମୋର ସର୍ବସ୍ୱ । ମୋର ସମସ୍ତ ମନପ୍ରାଣ ଦେଇ ମୁଁ ଯାହା ବୁଝିଛି, ତାହା କହିଲି । ମୋର ଏହି ବାଗୁଲତା କ୍ଷମା କରିବ । ମୁଁ ଆଜି କୌଣସିମତେ ନିଜକୁ ସମ୍ଭାଳି ରଖି ପାରିଲି ନାହିଁ ...... ।

"ମୁଁ ତମ ନିକଟରୁ ପ୍ରେମର ପ୍ରତିଦାନ ଚାହେଁ ନାହିଁ, ଖାଲି ଟିକିଏ ସହାନୁଭୂତି—ଟିକିଏ ସହାନୁଭୂତି ଆଜି ସନ୍ଧ୍ୟାବେଳେ ଠିକ୍ ଅଠଟା ସମୟରେ ତୁମେ ସେହି ପୁରୁଣା କୁଞ୍ଜବନ ନିକଟକୁ ଆସିବ ... । ମୋର ନାମ ଜଣାଇବା ବିଶେଷ ପ୍ରୟୋଜନ ମନେ କରୁ ନାହିଁ, କିନ୍ତୁ ତା ବୋଲି ମୋ ନାଁ ନ ଦେଖି ମୋତେ ଅବହେଳା କରିବ ନାହିଁ । ମୁଁ ଯୁବତୀ, ସୁନ୍ଦରୀ, ଏହାଠାରୁ ତୁମେ ବେଶୀ ଆଉ କଣ ଲୋଡ଼ ?"

ଗଣପତି ବିବାହିତ; ତେବେ ବୟସ ଏଇଲେଗ କମ୍ । ସେ ଯୁବକ, ପ୍ରୌଢ଼ତ୍ୱରେ ଗୋଡ଼ ଦିଏ ନ ଦିଏ । ନିଜର ଗ୍ରୀଷ୍ମାବାସରେ ସେ ଅଳସୁଆମି କରି ଦିନ କଟାଇ ଦେଉଛି । ଗଣପତି ଅକସ୍ମାତ୍ ଦିନେ ଉପରୋକ୍ତ ଚିଠି ଖଣ୍ଡିକ ପାଇଲା । ଚିଠି ଖଣ୍ଡିକ ପଢ଼ି ଭ୍ରୂ କୁଞ୍ଚିତ କରି ଭାବିବାକୁ ଲାଗିଲା—"କି ଅସଭ୍ୟ ! ! ମୁଁ ବିବାହିତ; କେଉଁ ସାହସରେ ସେ ମୋ ନିକଟକୁ ଏଭଳି ଚିଠି ଲେଖିଲା ?" କିଏ ଲେଖିଲା ?

ଗଣପତି ବାରମ୍ବାର ଚିଠି ଖଣ୍ଡିକ ପଢ଼ିଲା । ଅନିଚ୍ଛାସତ୍ତ୍ୱେ ମଧ୍ୟ ପଢ଼ିଲା । ସେ ଭାରି ବିରକ୍ତ ବୋଧ କଲା । ମୁଖ ବିକୃତ କରି ସେ ଚିଠି ଖଣ୍ଡିକୁ ଉଦ୍ଦେଶ୍ୟ କରି ନିଜ ମନକୁ ନିଜେ କହିବାକୁ ଲାଗିଲା—

Digitized by srujanika@gmail.com

"ତମକୁ ଭଲ ପାଏ ।" ଆହା-ହା ! କ ପୀରତରେ !! ବେଶ୍ ପିଲା ଖେଳ ପାଇଛ—ନା । ମୋର ଆଜ ତମ ସଙ୍ଗ ଦେଖା ନ କଲେ ଚଳୁଛ । ଗଲ୍ ତ ଇଲ୍ଷଗ ଦେଖା କରିବାକୁ !! ମୁଁ ଏସବୁ ବହୁତ ରୋମାନ୍ସ କରଛ । ହୁଁ, ନିଶ୍ଚୟ ସ୍ତ୍ରୀ ଲୋକଟା ଖରାପ ! ସ୍ତ୍ରୀ ଲୋକ ଗୁଡ଼ାଙ୍କର ଆଜକାଲ୍ ହେଲ କଣ । ମୋ ପରି ବିବାହିତ ଭଦ୍ରଲୋକ କଡକୁ ପୁଣି ଏମିତକା ଚିଠିଲେଖା ! ! ନାଃ, ଅଜକାଲ୍ ସ୍ତ୍ରୀ ଲୋକ ଗୁଡ଼ାକଃ ଏକାବେଳକେ ନରକର ପାଖାପାଖି ସ୍ଥାନକୁ ଗୁଲି-ଗଲେଣି ।"

ଆଠ ବର୍ଷର ବିବାହିତ ଜୀବନ ମଧ୍ୟରେ ଗଣପତ ସମ୍ପୂର୍ଣ୍ଣ ରୂପେ ନିଜ ଜୀବନକୁ ସମସ୍ତ ପ୍ରକାର ଆବେଗ, ଉତ୍ତେଜନା ପୋଛି ଦେଇ ପାରିଛ । ସ୍ତ୍ରୀମାନଙ୍କ ସହିତ ନିହାତି ସାମାଜିକ ଧନ୍ୟବାଦର ଚିଠି ଛଡ଼ା ଆଉ କୌଣସି ରକମର ଚିଠି ଆଦାନ ପ୍ରଦାନ ସେ ଅଜକାଲ୍ କରେ ନା । ଆଜକାର ଏହି ଚିଠି ଖଣ୍ଡିକ ଗଣପତକୁ ଅତ୍ୟନ୍ତ ଚଞ୍ଚଳ କରି ପକାଇଲା ।

ଚିଠି ଖଣ୍ଡିକ ପାଇବାର ଘଣ୍ଟାକ ପରେ ଗଣପତ ଖଟ ଉପରେ ବସି ପୁଣି ନୂଆ କରି ନୂଆ ଦଗରୁ ବିଷୟଟାକୁ ଭାବିବାକୁ ଚେଷ୍ଟା କଲା । ଭାବିଲା—"ନାଃ, ମୁଁ ଯିବ ନାଇ, ଏହା ଠିକ୍ । ମୁଁ କଣ ଗୋଟାଏ ଯେ—ସେ ଲୋକ ? ବୋକା ନୁହେଁ ଯେ, ମୁଁ ଏ ଫାନ୍ଦରେ ପଡ଼ିବ ? ଆରେ ରାମଃ, ମୋ ଭଳି ଚରିତ୍ରବାନ୍ ଯୁବକ ପକ୍ଷରେ ଏହା କଦାପି ସମ୍ଭବ ନୁହଁ । କନ୍ତୁ ··· କନ୍ତୁ ଚିଠିଟା ଲେଖିଲା କିଏ, ଏହା ଜାଣିବା ଦରକାର । ଏହା ଠିକ୍ ଯେ, ଜଣେ ସ୍ତ୍ରୀଲୋକ ଏହା ଲେଖିଛ । ବାସ୍ତବିକ ଚିଠିଟା· ସେ ପ୍ରାଣର ଆବେଗରେ ଲେଖିଛ ! ଜାନପଟା ଯେ ଏକାବେଳକେ ପିଲ୍ଲ—ପିଲ୍ଲକା ପିଲା ଖେଳ ନୁହଁ, ଏହା ବୁଝା ଯାଉଛ । ବୋଧହୁଏ ଭଦ୍ରମହିଳା ଜଣକ

Digitized by srujanika@gmail.com

ବଧବା । ବଧବା ସ୍ତ୍ରୀମାନେ ହିଁ ମଝିରେ ମଝିରେ ଇମିତକା ଦୁନ୍ଦର କରିଥାନ୍ତି । ବାସ୍ତବିକ୍ ... ଆଚ୍ଛା ... କଏ ଶଠେଷା ଲେଖିଲା ? ଯିଏ ଲେଖୁନା, ମୋର ସେଥିରେ ଯାଏ ଆସେ କେତେ ? ହେଁ, ହେଁ, ମୁଁ ବାବା ସହଜ ମଣିଷ ନୁହେଁ ।”

ଗଣପତ କୌଣସିମତେ ଗୋଟାଏ ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ପାରିଲା ନାଇ । ତା ଘରେ ତା ସ୍ତ୍ରୀ ଛଡ଼ା ଅନ୍ୟ କୌଣସି ନାରୀ-ଜାତୀୟ ପ୍ରାଣୀ ନାଇ । ଶେଷ ଅଚ୍ଛା ହଇରାଣରେ ପଡ଼ିଲା ।

ଗଣପତ ପୁଣି ନୂଆ କରି ନ ଭାବି ରହି ପାରିଲା ନାଇ । ‘ତମକୁ ଭଲ ପାଏ ।’ କି ଆଶ୍ଚର୍ଯ୍ୟ ମହିଳା ! ପ୍ରେମରେ ପଡ଼ିଲେ କେମିତି ? ଅଦ୍ଭୁତ ପ୍ରାଣୀ ତ ! ଜଣା ନାଇ, ଶୁଣା ନାଇ, ଦେଖା ନାଇ, ମୋର ଚେହେରାଟା ଯେ କିପରି, ତା ବି ଦେଖି ନାହାଁ ପାରିନା । ତାପରେ ମୋର ପ୍ରେମରେ ପଡ଼ିଲେ ! ଠିକ୍ ଗୋବର ଗଣେଶ ତ ! ଅଥଚ କଣ ନା—ତମ ପ୍ରେମରେ ମୁଁ ପାଗଳାମି ! ତମକୁ ଭଲ ପାଏ ! ଆଉ ବାବୁ ପ୍ରେମରେ ପଡ଼ିଲ କେମିତି ? ଭଦ୍ରମହିଳା ନିଶ୍ଚୟ ସାଂଘାତିକ ପ୍ରେମିକା; ନଇଲେ ନ ଦେଖି ନ ଶୁଣି ପ୍ରେମରେ ପଡ଼ୁଛନ୍ତି ? କମ୍ବା ହୁଏତ ଥରେ ଦୁଇ ଥର ହଠାତ୍ ରାସ୍ତାରେ ଦେଖି ମଧ ପାରିଥାନ୍ତି । ... କିନ୍ତୁ ଦେଖୁ ଦେଖୁ ପ୍ରେମ ...... ।

ଗଣପତ ମନକୁ ଗୋଟାଏ କଥା ହଠାତ୍ ଚିନ୍ତାସୂତ୍ର ମଧ୍ୟରେ ଆଘାତ କଲା । ଦେଢେ ଦିନ ତଳେ ଯେତେବେଳେ ତା ଘର ସାମନାରେ ସେ ପଦଚାରଣ କରୁଥିଲା, ସେତେବେଳେ ଜଣେ ସ୍ତ୍ରୀ ଲୋକକୁ ସେ କେତେଥର ଦେଖିବାକୁ ପାଇଥିଲା । ସ୍ତ୍ରୀ ଲୋକଟି ଯେ ସୁନ୍ଦରୀ, ସେଥିରେ କୌଣସି ସନ୍ଦେହ ନାଇ । ଦେହରେ ତାର ବେଶ ପତଳା ରଙ୍ଗର ଗୋଟାଏ ନେଳିଆ ଶାଢ଼ୀ ଥିଲା । ନାକଟି ବେଶ୍

Digitized by srujanika@gmail.com

ସୁନ୍ଦର ! ସୁନ୍ଦର ତ ! ନିଶ୍ଚୟ ସୁନ୍ଦର ! କିଏ କହୁଛି ସୁନ୍ଦର ନୁହେଁ ବୋଲି ? ହେଁ—ହେଁ… ।

ଠିକ୍ ଏଇ ଜାଗାରେ ଗଣପତିର ସ୍ପଷ୍ଟ ମନେ ହେବାକୁ ଲାଗିଲା ଯେ, ସ୍ତ୍ରୀଲୋକଟି ଯେପରି ତା ପାଖରେ କେଉଁଠି ବସିଥିଲା ଥରେ । ଗଣପତି ପୁଣି ଭାବିବାକୁ ଆରମ୍ଭ କଲା—"ସେହି ସ୍ତ୍ରୀଲୋକଟି ନୁହଁ ତ ? ହୋଇପାରେ । ସୁନ୍ଦରୀ ? ହଁ, ସୁନ୍ଦରୀ ତ ନିଶ୍ଚୟ । ଏହି ସୁନ୍ଦରୀ ସ୍ତ୍ରୀଟି ଶେଷକୁ କଣ ମୋ—ପରି ଗୋଟିଏ ଅର୍ଦ୍ଧବୃଦ୍ଧର ପ୍ରେମରେ ପଡ଼ିବ ? ନା, କମିତି କମିତି ଲାଗୁଛି । ବୟସ୍ଟା ଖୁବ୍ ସୁବିଧାଜନକ ବୋଲି ତ ମନେ ହେଉ ନାଇ ।"

ଏପରି ସମୟରେ ଖାଇଲାବେଳେ ଗଣପତି ତାର ସ୍ତ୍ରୀର ମୁହଁକୁ ବୋକାଙ୍କ ଭଳି ଗୃହୁଁ ଭାବିବାକୁ ଲାଗିଲା—"ସେ ଲେଖିଛି, ସେ ଯୁବତୀ ଆଜି ଦେଖିବାକୁ ମଧ୍ୟ ଖୁବ୍ ସୁନ୍ଦରୀ… ତେବେ ବୁଢୀ ନୁହଁ । ଆଜି ଭଲ କରି ଦେଖିବାକୁ ଗଲେ ମୋର ବା କଣ ଏମିତି ବୟସ ହୋଇ ଯାଇଛି ଯେ ! ତା ପରେ ମୋର ଚେହେରାଟା କଣ ସେମିତି ଖରାପ ଯେ ! (ସେ ନିଜର ଗାଲ ଦୁଇଟିରେ ହାତ ବୁଲାଇ ପରୀକ୍ଷା କରିବାକୁ ଲାଗିଲା ।) ମୋ ପ୍ରେମରେ ପଡ଼ିବାଟା ଖୁବ୍ ଅସମ୍ଭବ ନୁହଁ । ମୋର ସ୍ତ୍ରୀ ତ ପୁଣି ମୋତେ ଯଥାର୍ଥ ପ୍ରେମ କରେ । ତା ଛଡ଼ା ପ୍ରେମ ତ ଅନ୍ଧ; ସେ ବୟସ ବା ଚେହେରାର ବିଗୁର କରେ ନା—ଏ ତ ଶାସ୍ତ୍ରକାରମାନଙ୍କର ମତ ।"

ଗଣପତିର ସ୍ତ୍ରୀ ତାକୁ ଏପରି ଚିନ୍ତାମଗ୍ନ ଦେଖି ପଚାରିଲା— "କଣ ଭାବୁଚ କହନି ?"

ଗଣପତି ଯେତେ ଦୂର ପାରେ ଗମ୍ଭୀର ହୋଇ କହିଲା "ଭାବୁନି କିଛି, ମୋ ମୁଣ୍ଡଟା ଆଜି କାହିଁକି ଅଳ୍ପ ଅଳ୍ପ ବଥାଉଛି ମ ।"

Digitized by srujanika@gmail.com

ଗଣପତି ପୁଣି ସବୁ କଥା ନୂତନ କରି ଭାବିବାକୁ ଆରମ୍ଭ କରିଦେଲେ—'ନାଃ, ଏଇ କଥାରେ ମନଯୋଗ ଦେବା ମୂର୍ଖତା ଛଡ଼ା ଆଉ କିଛି ନୁହଁ।' କିନ୍ତୁ ଗଣପତି ଯେତେ ଯୁକ୍ତିତର୍କ ଖର୍ଚ୍ଚ କରି ପ୍ରେମପତ୍ରଟାକୁ ଉଡ଼ାଇ ଦେବାକୁ ଚେଷ୍ଟା କଲେ, ତାହା ସେତେ ତା ମନ ଭିତରେ ଆସନ ମାଡ଼ି ବସି ରହିଲା।

ଖାଇ ସାରି ସେ ବିଛଣାରେ ଆଶ୍ରୟ ନେଲେ। ଚିନ୍ତା ପରେ ଚିନ୍ତା ଆସି ତାଙ୍କୁ ଅସ୍ଥିର କରି ପକାଇଲା। ସେ ଭାବିବାକୁ ଆରମ୍ଭ କଲେ—"କିନ୍ତୁ ସେ ନିଶ୍ଚୟ ମୋ ପାଇଁ ସେଠାରେ ଅପେକ୍ଷା କରିବ। ମୋତେ ନ ଦେଖି ବିଧୁର ମନଟା କିପରି ଛଟପଟ ହୋଇ ଉଠିବ। ବିଧ୍ୱସ୍ତ ନୈରାଶ୍ୟରେ ଏକାବେଳକେ ଶୁଖିଲା ଲତାଟି ପରି ଝାଉଁଳି ପଡ଼ିବ। ନାଃ, ମୁଁ ଅନ୍ତତଃ ପକ୍ଷରେ ଥରେ ଯିବି......।"

ଗଣପତି ଗୋଟାଏ ନୂଆ ଭଙ୍ଗୀରେ ନିଜର ଚଞ୍ଚଳ ମନକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲେ। "ମୋର ଯଦିଓ ଯିବାପାଇଁ ସେତେ ଆଗ୍ରହ ନାଇଁ; କିନ୍ତୁ ତଥାପି ... ତଥାପି ଦୂରରୁ ଦେଖି ଆସିଲେ ଦୋଷ କଣ ହେବ ? ସେ କିପରି, ଥରେ ଦେଖିବାକୁ ହେବ। ଆଉ ତାକୁ ଦେଖିଲେ ନିଶ୍ଚୟ ବେଶ—ଭିଏ ହେବ। ମାନେ ବେଶ ମଜା ହେବ, ନିର୍ଦ୍ଦୋଷ ଆନନ୍ଦ ଆପତ୍ତିଜନକ ନୁହଁ। ଏପରି ଗୋଟାଏ ପ୍ରତ୍ୟକ୍ଷ ମଜାର ଘଟଣା କେତେ ଜଣଙ୍କ ଭାଗ୍ୟରେ ସଚରାଚର ଘଟେ ? ତାପରେ ଇଏ...।"

ଗଣପତି ଆଜ ବିଛଣାରେ ଶୋଇ ପାରିଲେ ନାଇଁ। ଲମ୍ଫ ଦେଇ ଉଠି ପୋଷାକ ପିନ୍ଧିବାକୁ ଗଲେ। ଗଣପତିର ସ୍ତ୍ରୀ ଭିଲ ସାର୍ଟ ଓ ଟାଇ ପିନ୍ଧିବାର ଦେଖି ପ୍ରଶ୍ନ କଲେ—"ବଡ଼ ଜାକ୍‌ଜମକରେ ବେଶ ହଉଚ କିଆଁ ? କଣ ହେଲା କି ?" ଗଣପତି ଟିକିଏ ଇତସ୍ତତଃ

Digitized by srujanika@gmail.com

ହୋଇ ଜବାବ ଦେଲା—"ଇଏ—ଇଏ—ଟିକିଏ ବୁଲି ଆସେ। ମୁଣ୍ଡଟା ବଥାଉଛି କି ନା ? ଘରେ ଭଲ ଲାଗୁନି। ଟିକିଏ—ଇଏ କରି ଆସିଲେ ଭଲ ଲାଗିବ।" ପୋଷାକ ପିନ୍ଧାଟା ମନ୍ଦ ହେଲା ନାହିଁ। ଘରେ ସେ ଆଠଟା ପର୍ଯ୍ୟନ୍ତ ଅପେକ୍ଷା କଲା; ତା ପରେ ବାହାରିଲା। ଗଣପତିର ସମ୍ମୁଖରେ ଅନେକ ତରୁଣତରୁଣୀ ଉଚ୍ଛ୍ୱଳ ମଦଫେଣା ପରି ଯୌବନମଦରେ ମତ୍ତ ହୋଇ ହସି ହସି ଚାଲିଗଲେ। ଗଣପତି ଯେପରି ସ୍ୱପ୍ନ ଦେଖୁଛି ! କେତେ ଦୁଇ ଜଣଙ୍କ ସଙ୍ଗେ ଆଖି ମିଳିଯିବା ସଙ୍ଗେ ସଙ୍ଗେ ଗଣପତି ଛାତିଟା ଧୁକ୍ ଧୁକ୍ ହୋଇ ଥରିବାକୁ ଲାଗିଲା।

ଗଣପତି ଏଥର ସ୍ୱତନ୍ତ୍ର ସାହସ ସଞ୍ଚୟ କରି ଭାବିଲା— "ଏମାନଙ୍କ ଭିତରୁ କେଉଁ ଜଣକ ? ଆଃ, ମିଛଟାରେ ଭୟ ପାଉଛି କାହିଁ ? ମୁଁ କେଡ଼େ ବୋକା ହେ ! ଏସବୁ ଘଟଣାରେ ସାହସ ଲୋଡ଼ା। ମା ଭୈଃ !"

ଗଣପତିର ଛାତିଟା ଅଧିକ ବେଶି ଧୁକ୍ ଧୁକ୍ ହେବାକୁ ଲାଗିଲା। ଗଣପତି ଯେପରି ନିତାନ୍ତ ଅନିଚ୍ଛା ସତ୍ତ୍ୱେ ସେଇ କୁଞ୍ଜ କଥାଇ ଭାବିବାକୁ ଲାଗିଲା—

"ଗୋଟିଏ ସୁନ୍ଦରୀ ଯୁବତୀ ନେଳିଆ ଶାଢ଼ୀ ପିନ୍ଧି ତା ସାମନାରେ ଛିଡ଼ା ହୋଇଛି—ସେ ଅପଲକ ଦୃଷ୍ଟିରେ ଦେଖିଲା; ଆଉ ତା ପ୍ରେମରେ ମୁଗ୍ଧ ହେଲା। ତାର ଦେହ ପ୍ରେମାବେଶରେ କମ୍ପିବାକୁ ଲାଗିଲା। ଭୀରୁଙ୍କ ପରି ସେ—ତରୁଣୀ କତିକୁ ଆଗେଇ ଗଲା। ତା'ପରେ—ତା'ପରେ ଅକସ୍ମାତ୍ ତାର ବ୍ୟଗ୍ର ବାହୁ ପାଶରେ ......।" ନାଃ, ଗଣପତି ଏ ପାପ ଚିନ୍ତା ଦୂର କରିବ; ସେ ଏ ଦୁର୍ବଳତା ଦମନ କରିବ।

Digitized by srujanika@gmail.com

ମୁଁ ଭରୁଣ ଭାଣ୍ଟିକ ଯେ ! ମୁଁ ଇଚ୍ଛାକଲେ ମୋର ବିବାହ-ବନ୍ଧନ ଛିନ୍ନ କରି ଯାହାକୁ ଇଚ୍ଛା ତାକୁ ବିବାହ କରିପାରେ ? ମୁଁ ତ ଲେଖିଦେଇ ନାହିଁ ଯେ, ମୁଁ ସାରା ଜୀବନ ଜଣକ ପାଖରେ ରହିବି ? ମୁଁ ତ ଆଠବର୍ଷ କାଳ ପରିପୂର୍ଣ୍ଣ ଭାବରେ ମୋ ସ୍ତ୍ରୀ ପାଖରେ ଆତ୍ମସମର୍ପଣ କରିଛି । ଦିନକ ପାଇଁ ମଧ୍ୟ ଅବିଶ୍ୱାସୀ ହୋଇ ନାହିଁ । ସେଇଆ କଣ ତା ପକ୍ଷରେ ଯଥେଷ୍ଟ ନୁହଁ ? ଏଥର ମୁଁ......।"

ଗଣପତିର ଦେହଟା ଥରୁଥିଲା; ତାକୁ ଜୋର ସହିତ ନିଶ୍ୱାସ ନେବାକୁ ପଡ଼ୁଥିଲା ।

ଗଣପତି ବେପରୁଆରେ କୁଞ୍ଜ ଆଡ଼କୁ ଆଗେଇଗଲା । କୁଞ୍ଜର ଚତୁର୍ଦିଗରେ କାଇଁଣୀ ଲତା ଆଉ ଆଉ ଲଟା ଆଲିଙ୍ଗନ କରି ରହିଚନ୍ତି । ବଗାଟାଏ ମୃଦୁ ମନ୍ଦ ଓଦା ଗନ୍ଧ ଭାସି ଆସୁଥିଲା ।

କୁଞ୍ଜ ପାଖଟା ନିଦରେଳା—କେହି ନାହିଁ । କିନ୍ତୁ ନିକଟକୁ ଯାଇ ମନୁଷ୍ୟର ଛାୟା ସଦୃଶ କଣ ଗୋଟାଏ ଦେଖିପାରି ଗଣପତି ଠିଆ ହୋଇପଡ଼ିଲା । ଖାଲି ଛାୟା ନୁହଁ—କାୟା ମଧ୍ୟ ଗଣପତି ଅଭିନବେଶ ସହକାରେ ଚାହିଁ ଦେଖିଲା—ଏ ତାର ଶାଳକ ଶିଳୁ । ମନଟା ତାର ବିରକ୍ତିରେ ବିକୃତ ଓ ତିକ୍ତ ହୋଇ ଉଠିଲା ।

ସେ କହିଲା—"ଓଃ, ଶିଳୁ !!" ଶିଳୁ ଉତ୍ତର ଦେଲା—"ହଁ, ମୁଁ ।"

ଦୁଇ ମିନିଟ୍ ପର୍ଯ୍ୟନ୍ତ ଦୁଇପକ୍ଷ ଚୁପ୍‌ଚାପ୍ । କାହା ମୁହଁରେ 'ହଁ', ନାହିଁ କି 'ଚୁଁ' ନାହିଁ । ସତେ ଯେପରି ଦୁଇଜଣ ଦୁଇଜଣର ଅପରିଚିତ ବାଟ ମଝିରେ ହଠାତ୍ ଦେଖା !! ଏଥର ଶିଳୁ ଆରମ୍ଭ କଲା—"ଦେଖ ଗଣଭାଇ, ଯଦି କିଛି ମନେ ନ କର, ତମକୁ ଗୋଟାଏ ଅନୁରୋଧ କରିବି । ମୁଁ ଗୋଟାଏ ଗୁରୁତର ବିଷୟ ଆଲୋଚନା କରୁଛି; ମୋର ନିତାନ୍ତ ଏକା ରହିବା ପ୍ରୟୋଜନ । କଣ କହୁଚ ?"

Digitized by srujanika@gmail.com

ଗଣପତ ଉତ୍ତର ଦେଲ—"ମୋତେ କହିବା ଅପେକ୍ଷା ତୁମେ ଅନ୍ୟତ୍ର ଗୁଲ୍‌ଯାଅ ନା, ଯେଉଁଠି ବେଶ୍ ନିରୋଳାରେ ଏକା ଚିନ୍ତା କରିବାର ଅବକାଶ ପାଇବ । ତା ଛଡ଼ା ଏ ଜାଗାଟା ଦେଖ୍ ଥଣ୍ଡା । ମୋର ମୁଣ୍ଡଟା ଧରିଚି କି ନା, ମୁଁ ଟିକିଏ ଶୋଇବାକୁ ଚେଷ୍ଟା କରିବ ଏଠାରେ ।"

ଝିଙ୍କୁ ଗଣ ଗଣ କରି ଜବାବ ଦେଲ—"ତମେ ଶୋଇବ ସତ; କିନ୍ତୁ ତମର ଶୋଇବା ଦ୍ୱାରା ମୋ ଚିନ୍ତାରେ ଯଥେଷ୍ଟ ବ୍ୟାଘାତ ଲଗିବ । ମୋର ଚିନ୍ତା ତମ ଶୋଇବା ଅପେକ୍ଷା ଯଥେଷ୍ଟ ପ୍ରୟୋଜନୀୟ ।

ଧୁଣି କିଛି ସମୟ ନିମିତ୍ତ ଦୁଇପକ୍ଷ ଚୁପ୍‌ଚାପ୍ । ଗଣପତି ତାର କଳ୍ପନା ଚିନ୍ତାରାଶି ଖୋଲି ଦେଇଚି । ସେ ଅନବରତ କାନପାତି ତାହାର ପଦ ଶବ୍ଦ ଶୁଣି ପାରୁଥିଲ । ହଠାତ୍ ପାଗଲଙ୍କ ପରି ତେଇଁ ଉଠି ଗଣପତ କହିଲ—"ଦେଖ ଝିଙ୍କୁ, ତମକୁ ମୁଁ ଅନୁରୋଧ କରୁଚି, ତମେ ମୋଠାରୁ ବୟସରେ ଜ୍ୟେଷ୍ଠ; ମୋ କଥା ଶୁଣ—ମୋ ଅବସ୍ଥାଟା ଟିକିଏ ବିବେଚନା କର । ମୋ ଦେହ ଖରାପ; ମୋର ଟିକିଏ ଶୋଇବା ନିତାନ୍ତ ଦରକାର । ତୁମେ ଦୟାକରି ଟିକିଏ ଅନ୍ୟ ଯାଗାକୁ ଯା । ସୁନା ଭାଇଟା ପରି ! !"

"ତମର ଏ ବଡ଼ ଅନ୍ୟାୟ ଜଲମ ! ତୁମେ ଏଠି ରହିବ; ଆଉ ମୁଁ ଯିବ, କାହିଁକି ? ମୁଁ ଅନ୍ତତଃ ମୋର ଯେ ଗୋଟାଏ ବ୍ୟକ୍ତିତ୍ୱ ଅଛି, ତାହା ପ୍ରମାଣ କରିବା ନିମିତ୍ତ ଏଠାରେ ରହିବ ।"

ଝିଙ୍କୁ, ତମେ ମୋ ଠାରୁ ଜ୍ୟେଷ୍ଠ; ମୋର ଅନୁରୋଧ ରଖ । ସ୍ୱୀକାର କରୁଚି, ମୁଁ ଟିକିଏ ସ୍ୱାର୍ଥପର—ଖାଲି ନିଜ କଥାଟା ଭଲକରି ବୁଝେଁ; ତଥାପି ଜୀବନରେ ତମ ପାଖରେ ଖାଲି ଏଇ ଗୋଟିଏ

Digitized by srujanika@gmail.com

ଅନୁରୋଧ କରୁଚି, ମୋଟେ ଏଇ ଧନକ ପାଇଁ ତମର ସହାନୁଭୂତି ପ୍ରାର୍ଥନା କରୁଚି ।"

ଶିଜୁ ଖୁବ୍ ଜୋରରେ ମୁଣ୍ଡ ହଲାଇ ଜଣାଇ ଦେଲା ଯେ, ସେ ଏଠୁ ଉଠିବ ନାଇ ।

ଗଣପତି ଭାବିଲା—"ଉଃ, ଶିଜୁ କି ଜିଦ୍‌ଖୋର । ତାର କି ବଦ୍ ପ୍ରକୃତି !! ନାଃ, କଉଁଲବଲେ କୌଶଳେ ଯାକୁ ଏଠାରୁ ନ ଉଠାଇଲେ ସବୁ ମାଟି ହେବ ।"

ତା ପରେ ସେ ପୁଣି ଅନୁରୋଧ କଲା, "ଶିଜୁ—ହେ ଶିଜୁ, ମୁଁ ଶେଷଥର ପାଇଁ ତମକୁ ଅନୁରୋଧ କରୁଚି ତୁମେ ଯେ ଭଦ୍ର, ତମର ଯେ ରୁଚି ଅଛି, ତୁମେ ଯେ ବୁଦ୍ଧିମାନ, ଏହି ସୁଯୋଗରେ ତାର ପରିଚୟ ଦିଅ ଶିଜୁ !"

ଶିଜୁ ଟିକିଏ ବିରକ୍ତ ଭାବ ଦେଖାଇ ମୁନିଷଟାକୁ ବଙ୍କାଇ କହିଲା—"ଦେଖ, ତମର ଏହି ଅଦ୍ଭୁତ ଖିଆଲର କାରଣ ମୁଁ ଆଦୌ ବୁଝିପାରୁନି ନାଇ । ମୁଁ ଯିବିନାଇ—ଯିବିନାଇ—ଯିବିନାଇ—କଦାପି ଏଠାରୁ ଯିବିନାଇ । ଏହା ତିନିଥର ସତ୍ୟ ।"

ଠିକ୍ ସେହି ମୁହୂର୍ତ୍ତରେ ଗୋଟିଏ ସୁନ୍ଦର ମୁଖ ପେଯାର ସେହି କୁଞ୍ଜ ଅନ୍ତରାଳରେ ଉଙ୍କି ମାରି ପୁଣି ଚକିତରେ ଅନ୍ତର୍ଦ୍ଧାନ ହୋଇଗଲା । ଦୁଇଜଣ ତାହା ଦେଖି ପାରିଲେ ଆଉ ଦୁଇଜଣଯାକହିଁ ସମାନ ଭାବରେ ସେ ଦୃଶ୍ୟ ଦେଖି ଉତ୍ତେଜିତ ହୋଇ ଉଠିଲେ ।

ଗଣପତି ଭାବିଲା—"ଯୁବତୀଟି ଗୁଲିଗଲା; ଏହି ଇତର ଶିଜୁକୁ ଏଠାରେ ଦେଖି ଯୁବତୀଟି ଗୁଲିଗଲା । ସବୁ ଭଣ୍ଡୁର !"

କିଛିକ୍ଷଣ ପରେ ଗଣପତି ଟୋପିଟାକୁ ଉଠାଇ ନେଇ ଉତ୍ତର ଦେଲା—"ତୁମେ ଜଣେ ଇତର ସ୍କୋଟଲେଣ୍ଡ । ବୁଦ୍ଧି ବୋଲି କୌଣସି ବସ୍ତୁ ତମ ମସ୍ତିଷ୍କରେ ନାଇ ।"

Digitized by srujanika@gmail.com

ଶିଜୁ ଗଣ ଗଣ ହୋଇ ଜବାବ ଦେଲା—"ଶୁଣି ଖୁସୀ ହେଲି—ଧନ୍ୟବାଦ । ଆଉ ତୁମେ ମଧ୍ୟ ଶୁଣିଯାଅ ଗଣପତି ବାବୁ, ଆଜି ତୁମେ ତମର ଜଦ୍‌ ବଜାୟ ରଖିବା ପାଇଁ ଯେଉଁ ଇତରଶ୍ରେଣୀର ମନୋବୃତ୍ତି ଦେଖାଇଲ, ତାହାକୁ କୌଣସିମତେ କ୍ଷମା କରାଯାଇ ପାରେ ନାଇ ।"

ଗଣପତି ମୁଣ୍ଡ ସେତେବେଳେ ଗରମ । ରାଗରେ ଜଳ୍‌ ଜଳ୍‌ କରି ବଡ଼ ବଡ଼ ପାହୁଣ୍ଡ ପକାଇ ସେ ଘର ଆଡ଼କୁ ଚାଲି ଆସିଲା ।

ଟେବୁଲ ଉପରେ ମୁଖରୋଚକ ଖାଦ୍ୟ ସାମଗ୍ରୀ ସଜା ହୋଇ-ଥିଲା । ଆଜି ତାକୁ ଏଇ ସମସ୍ତ ଖାଦ୍ୟ କୌଣସି ଆନନ୍ଦ ଦେଇ ପାରିଲା ନାଇ । ଉତ୍ତେଜନାରେ ସେ ଭାବିବାକୁ ଲାଗିଲା—"ଜୀବନରେ ଏଭଳି ସୁଯୋଗ କେତେ ଜଣଙ୍କୁ ମିଳେ ? ଆଜି ମୁଁ କି ସୁନ୍ଦର ସୁବିଧା ହରାଇଲି ! ନିଶ୍ଚୟ ବଡ଼ରୁଷି ଆଘାତ ପାଇଛି, ବରାଦ ଭଲ ନ ଥିଲେ ଏଇ ରକମ ହୁଏ !"

ଖାଇ ବସିଲାବେଳେ ଶିଜୁ ଓ ଗଣପତି କେହି ଥାଳି ଉପରୁ ଆଖି ଟେକିଲେ ନାଇ । ଦୁଇଜଣ ଯାକ ଅତ୍ୟନ୍ତ ଗମ୍ଭୀର, ଚୁପ୍‌ ଚୁପ୍‌, ଗୁମ୍‌ ମାରି ବସିଛନ୍ତି । ଦୁଇଜଣ ଯାକ ଦୁଇ ଜଣର ମନେ ମନେ ପିତୃଶ୍ରାଦ୍ଧ କରିବାରେ ବ୍ୟସ୍ତ ।

ଗଣପତି ଅକସ୍ମାତ୍ ତା ସ୍ତ୍ରୀ ମୁହଁ ଅଡ଼କୁ ଅନାଇଲା । ଚାହାଁବା ମାତ୍ରକେ ବିରକ୍ତିସୂଚକ ସ୍ୱରରେ ପଚାରିଲା—"ଆଜି ଏତେ ହସୁଛ କାହିଁକି ? ବିନା କାରଣରେ ବୋକା ଛଡ଼ା ଅନ୍ୟ କେହି ଏପରି ଭାବରେ ହସେ ନାଇ ।"

ଗଣପତିର ସ୍ତ୍ରୀ ଗଣପତିର ମୁହଁ ଉପରେ ଗୋଟାଏ କଟିନ କୋପର ଦୃଷ୍ଟି ଦେଇ କଲ୍‌ କଲ୍‌ ହୋଇ ହସି ଉଠି କହିଲା—"ଆଜି ସକାଳେ ଯେଉଁ ଛଟି ଖଣ୍ଡିକ ପାଇଲ, ତାକୁ କଣ କଲ ?" ଗଣପତି

Digitized by srujanika@gmail.com

ନିତାନ୍ତ ସୁନା ପୁଅଟିଏ ଭଳି କିଛି ଜାଣେ ନା—ଏଇପରି ମୁଖର ଭାବ କରି କହିଲେ—"ତା ମାନେ ? ମୁଁ ତ ଆଜି ସକାଳେ କିଛି ଖଟିଏଟି ପାଇ ନି । ତମର କଳ୍ପନା ଶକ୍ତି ଖୁବ୍ ପ୍ରଖର ତ ! ତାରିଫ ନ କରି ରହି ପାରିବା ମୁସ୍କିଲ ।"

ଗଣପତିର ସ୍ତ୍ରୀ ଆଉ ହସ ସମ୍ଭାଳି ପାରିଲେ ନାହିଁ । ଠୋ ଠୋ ହୋଇ ହସି ହସି କହିଲେ—"ହୁଁ ମ ହୁଁ, ତମେ ଜାଣିଚ । ମୋତେ ଲୁଗୁଚ—ନା ? ସକାଳେ ତୁମେ ନିଶ୍ଚେ ଖଟି ଖଣ୍ଡେ ପାଇଚ । ମୁଁ ନିଜେ ଯେ ସେ ଖଣ୍ଡିକ ଦେଲିଣି—ତମେ ନ ମାନି ଯିବ ଲୁଚଉଚ ?"

ଗଣପତି ହଠାତ୍ ଲାଲ ପଡ଼ିଗଲେ । ଅନେକ କଷ୍ଟରେ ନିଜକୁ ସମ୍ଭାଳି ନେଇ ଖାଇବା ଥାଳି ଉପରେ ଅସ୍ୱାଭାବିକ ଭାବରେ ନଇଁ ପଡ଼ି କହିଲେ, କି କୁତ୍ସିତ ଅଛି ! ତମର ରୁଚି ଏଡ଼େ ଇତର ବୋଲି ମୋର ଆଗରୁ ଧାରଣା ନ ଥିଲା ।

ଗଣପତିର ସ୍ତ୍ରୀ ଆହୁରି ଥରେ ଗୋଟିଏ ରହସ୍ୟ—ମଧୁର ହସରେ ଘରଦ୍ୱାର ମୁଖରିତ କରି କହିଲେ—"ଆଉ କଣ କରିଥାନ୍ତି କହନି ଦେଖି । ଧନଞ୍ଜୟାଙ୍କ ତ ଘର ଭିତରୁ କୁଆଡ଼କୁ ଟିକିଏ ବାହାରିବ ନାହିଁ । ଘର ଭିତରେ ସବୁଜ ଯାକର ଧୂଳି, ଅଳିଆ ଗଦା ହେଲଣି; ଏଥର ସଫା ନ କଲେ ଚଳିବ ନାହିଁ । ଅଗତ୍ୟା ସେପରି କରିବା ଛଡ଼ା ଆଉ କିଛି ଉପାୟ ଖୋଜି ପାଇଲି ନାହିଁ ।

Digitized by srujanika@gmail.com

ଭମର ସମୟ ଯେପରି କୁଞ୍ଜ ଭିତରେ ଏକୁଟିଆ ଏକୁଟିଆ ନ ଜୁଟେ, ସେଥିପାଇଁ ଶିଜୁକୁ ମଧ୍ୟ ଅଗତ୍ୟା ଠିକ୍—ସେହିପରି ଖଣ୍ଡେ ଚିଠି ଲେଖିଥିଲି । ଜଣ କହୁଚ ହେ ଶିଜୁ; କୁଞ୍ଜ-ଅଭିସାରରେ ଯାଇଥିଲ ନା ?"

ଶିଜୁ ଫିଁ କରି ଫଣା ଟେକିଲା, ଆଉ—ଗଣପତି ଯେତେଦୂର ପାରେ ସଙ୍କୁଚିତ ହୋଇ ଖାଇବା ଥାଳି ପ୍ରତି ଦ'ଗୁଣ ନଜର ଦେଲା ।

ପୌଷ—୧୩୪୩, ୯ମ ସଂଖ୍ୟା "ସହକାରରେ" ପ୍ରକାଶିତ ।

Digitized by srujanika@gmail.com

ବାଦସାହା

ବାଦସାହା ବୃଦ୍ଧ ହୋଇ ଯାଇଥିଲେ...... । କିନ୍ତୁ କାର୍ଯ୍ୟରେ ସେ ଥିଲେ ଯୁବକ ପରି କର୍ମଠ, ଉତ୍ସାହୀ ଏବଂ ସୌଖୀନ । ତାଙ୍କ ଅନ୍ତରର ସ୍ୱଭାବସିଦ୍ଧ ବୃତ୍ତିଗୁଡ଼ିକ ବୟସର ଆଧିକ୍ୟ ଦୃଷ୍ଟିରେ ମଳିନ ଅଥବା ଜୀର୍ଣ୍ଣଶୀର୍ଣ୍ଣ ହୋଇପଡ଼ି ନ ଥିଲା; ବରଂ ପୂର୍ବପରି ସଜୀବ ଆଉ ସବୁଜ ରହିଥିଲା ।

ଅନ୍ତଃପୁରରେ ତାଙ୍କର ଭୋଗବିଳାସର ସଙ୍ଗିନୀ ଥିଲେ ଅଗଣିତ ନାରୀ । ମଣିମୁକ୍ତା ସଂଗ୍ରହ କଲା ପରି ସେ ଦେଶବିଦେଶରୁ ବାଛି ବାଛି କେବଳ ସୁନ୍ଦରୀ ରମଣୀମାନଙ୍କ ଦ୍ୱାରା ରାଜପ୍ରାସାଦର "ହେରେମ" ପୂର୍ଣ୍ଣ କରି ରଖିଥିଲେ । ସେମାନଙ୍କର ଲୀଳାୟିତ ଯୌବନର ସ୍ପଷ୍ଟ ଛନ୍ଦ-ଭଙ୍ଗିମାରେ ସେ ଥିଲେ ମୁଗ୍ଧ; ତାଙ୍କର ରସ-ପିପାସୁ ସୌଖୀନ ହୃଦୟ ରମଣୀଦେହର ଯୌବନ-ମଦିରାରେ ଥିଲା ଅବିରଳ ଅଭିଷିକ୍ତ !! ଅନ୍ତଃପୁରିକାଗଣ ବାଦସାହାଙ୍କୁ ଭଲ ପାଉଥିଲେ ସମସ୍ତ ଯୌବନର ସମ୍ଭାର, ସମାଦରେ ତାଙ୍କର ପଦତଳେ ନିବେଦନ କରି; କାରଣ ସେ ଅକ୍ଷମ, ଶକ୍ତିହୀନ, ଦୁର୍ବଳ, ବୃଦ୍ଧ ନ ଥିଲେ । ସୌନ୍ଦର୍ଯ୍ୟ କୋମଳତାରେ ନ ଥାଏ—ଥାଏ ଶକ୍ତିରେ । ଅବଳା ଚିରଦିନ ସବଳର ଅନୁରାଗିଣୀ ।

କିନ୍ତୁ ସମସ୍ତଙ୍କ ଅପେକ୍ଷା ବାଦସାହାଙ୍କର ପ୍ରିୟା ଥିଲା ଗୋଟିଏ ସୁନ୍ଦରୀ ଅଫଗାନ୍ ବନ୍ଦିନୀ । ସମଗ୍ର ଇନ୍ଦ୍ରପୁରୀର ଉନ୍ମୁଖ ଅଧୀଶ୍ୱରୀ! ସହିତ ସେ ମନେ ମନେ ତାରି ଅନୁରକ୍ତ ଥିଲେ । ସେହି ରୂପସୀ ନାରୀ-ବିତାନରେ ସେହି ସୁନ୍ଦରୀ ତରୁଣୀହିଁ ଥିଲା ବାଦସାହାଙ୍କର ଏକମାତ୍ର ପ୍ରିୟତମା । ସେ ହସୁଥିଲା, ନାଚୁଥିଲା, ସଙ୍ଗେ ସଙ୍ଗେ ବାଦସାହାଙ୍କୁ ମଧ୍ୟ ହସାଉଥିଲା, ନଚାଉ ଥିଲା । ଫୁଲପରି ସେ ଥିଲା

Digitized by srujanika@gmail.com

କୋମଳ, ସୌରଭ ପରି ସେ ଥିଲା ଲଘୁ; ହାଲୁକା ସନ୍ଧ୍ୟାର ଅସ୍ପଷ୍ଟ ନିଃଶ୍ୱାସ ପରି ସେ ଥିଲା ମୂର୍ଚ୍ଛିତ । କମନୀୟ ଫାଲ୍‌ଗୁନ ପରି ସେ ମଧୁର, ଚପଳ; ଛନ୍ଦୋମୟ ସଙ୍ଗୀତର କୋମଳ ଚରଣ ପରି ସେ ନିବିଡ଼, ତରଳ ପୁଣି ଭାବଗମ୍ଭୀର ।

ଦିଗନ୍ତ ପ୍ରସାରିତ ସୁନୀଳ ସମୁଦ୍ର !! କଲୋଚ୍ଛ୍ୱାସରେ ଯୁଗ-ଯୁଗାନ୍ତର ମୌନ ଆବେଗ ପରିସ୍ଫୁଟ କରି ତାହା ଧାବିତ । ସେହି ସୁନୀଳ ସାଗରର ଦିଗନ୍ତ ତଟରେଖାର ଉପକଣ୍ଠରେ ବାଦସାହାଙ୍କର ପ୍ରମୋଦ ଉଦ୍ୟାନ । ଏହି ବଗିଚ୍ଚାର ରାଣୀ ଥିଲା ତାଙ୍କର ପ୍ରିୟତମା ଆଫଗାନ୍ ବନ୍ଦନୀ—ଫିଲ୍‌ବନ୍... । ସଙ୍ଗୀତରେ ଯେ ରଚନା କରୁଥିଲା ସ୍ୱପ୍ନର ନୀଡ଼...ଗୃହିଣୀରେ ସେ ସୃଷ୍ଟି କରୁଥିଲା ନୀରବ ଭାଷାର କଳ-କତାନ ।

ଉପଯୁକ୍ତ ପୁତ୍ର ତାଲେକ୍ ଉପରେ ରାଜ୍ୟଭାର ଏବଂ ସମୁଦାୟ ରାଜକୀୟ ଦାୟିତ୍ୱ ସମର୍ପଣ କରି ବାଦସାହା ସେହି ପ୍ରମୋଦ କୁଞ୍ଜରେ ଥିଲେ ଅଖଣ୍ଡ ଶାନ୍ତିର ଅନାବିଳ ସ୍ୱପ୍ନ-ଛାୟା ମଧ୍ୟରେ ନିଦ୍ରିତ ଶିଶୁ ପରି ନିଶ୍ଚିନ୍ତ...କାର୍ଯ୍ୟମୁକ୍ତ । ସମସ୍ତ ଥିଲା ତାଙ୍କର ଅବସର ପରି ସୁଖ-ବିନୋଦିତ । ପୁତ୍ର ହସ୍ତରେ ଯେ ରାଜ୍ୟଭାର କ୍ଷୁର୍ଣ୍ଣ ନ ହୋଇ ଗୌରବାନ୍ୱିତ ହେବ, ଏ ବିଷୟରେ ସେ ଥିଲେ ନିଶ୍ଚିନ୍ତ, ସଂଶୟହୀନ ।

ତାଲେକ୍ ସକୋଚିତ ବ୍ୟକ୍ତିତ୍ୱରେ ବୀରତ୍ୱରେ କାହାରିଠାରୁ ନ ଥିଲା ନ୍ୟୁନ; ତେଣୁ ଉପଯୁକ୍ତ ପୁତ୍ର ହସ୍ତରେ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଭାର ନ୍ୟସ୍ତ କରି ସେ ନାରୀ ଆଉ ସୁରା ସେବନ ଲିପ୍ତ ଥିଲେ ।

ସେ ଦିନ ଖୁବ୍ ବଡ଼ ଭୋଜି ଦିଆଗଲା । ତାଲେକ୍ ଦେଶ ଜୟ କରି କାବୁଲରୁ ପ୍ରତ୍ୟାବର୍ତ୍ତନ କରିଛି । କାବୁଲ ଖଣ୍ଡର ଏକଛତ୍ର ଅମିରକୁ ପାଦୁକାବାହକ କରି ସେ ଫେରାଇ ଆଣିଛି ନିଜ ଦେଶର

Digitized by srujanika@gmail.com

ଲୁପ୍ତ ହୟୁଣୀ । ଡାଲେକ୍‌କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା କାରଣ ଏହି ପ୍ରୀତି-ଭୋଜନର ସମାରୋହପୂର୍ଣ୍ଣ ଆୟୋଜନ । ବହୁ ଗଣ୍ୟମାନ୍ୟ ସାମନ୍ତ ମିତ୍ରବର୍ଗ ନିମନ୍ତ୍ରିତ ହୋଇ ଆସିଛନ୍ତି ଏହି ଉପଲକ୍ଷରେ ।

ବାଦସାହା ଦଣ୍ଡାୟମାନ ହୋଇ ଉଦ୍ଦୀପ୍ତ କଣ୍ଠରେ କହିଲେ— "ପୁତ୍ରଗର୍ବରେ ମୁଁ ଗର୍ବିତ; ପୁତ୍ରର ଗୌରବରେ ମୁଁ ଗୌରବାନ୍ୱିତ··· । ମୋର ପିତାର ଆକାଙ୍‌କ୍ଷା ଆଜ ଫଳବତୀ ହୋଇଛି । ସର୍ବମୟ ଖୋଦାଙ୍କର ମୋ ଉପରେ ଅଶେଷ ମେହେରବାନି । ମୁଁ ଯେତେବେଳେ ଜୀବନର ଶେଷ ପ୍ରାନ୍ତରେ ଆସି ଗୋଡ଼ ଦେଇଛି, ସେତିକବେଳେ ସେ ମୋର କାର୍ଯ୍ୟପନ୍ଥୁ ଯୌବନକୁ ନୂତନ ଭାବରେ ପୁନର୍ଜୀବନ ଦେଲେ ମୋର ପୁତ୍ର ଭିତରେ । ଆଜ ମୁଁ ସପଷ୍ଟ ଦେଖି ପାରୁଛି, ମୋର ଏହି ବୁଢ଼ା ବୟସରେ ମୋର ସ୍ତିମିତ ଜୀବନ-ପ୍ରଦୀପ ଯେତେବେଳେ ସାମାନ୍ୟ ବାତ୍ୟାଘାତରେ ଲିଭିଯିବ, ମୃତ୍ୟୁକୀଟ ଯେତେବେଳେ ତାର ତୀକ୍ଷ୍ଣ ଦଂଷ୍ଟ୍ରାରେ ମୋର ଜୀବନାବଶେଷଟିକ ଟିକ ଟିକ କରି ଝୁଣ୍ଡାଇ ଖାଇବ, ସେତେବେଳେ ମୁଁ ମୋ ପୁତ୍ର ଭିତରେ ବଞ୍ଚି ରହିବି । ତାର୍ ବାହୁ ଶକ୍ତିଶାଳୀ, ଅନ୍ତର ଦୀପ୍ତ ଆଉ ମନ ସ୍ୱଚ୍ଛ । ମୋର ପିତାଙ୍କର ସମ୍ମାନ ସେ ତଳେ ପକାଇବ ନାଇ; ବରଂ ବହୁ ଊର୍ଦ୍ଧରେ ସେ ତାହାକୁ ପ୍ରତିଷ୍ଠିତ କରିବ କୋଟିଏ ସୂର୍ଯ୍ୟର ପ୍ରଚୁର କିରଣ ସମ୍ଭାରରେ ।

"ଡାଲେକ୍ ! ବୀର ପୁତ୍ର ମୋର; ଆଜର ଏହି ଗୌରବ ଅବସରେ ମୁଁ ତୋତେ କି ପୁରସ୍କାର ଦେଇ ପାରିବି ବାପ ? ତୋତେ ଅଦେୟ ମୋର କିଛି ନାଇ । କହ, ତୁ କଣ ଚାହୁଁ ?"

ସାହଜାଦା ଡାଲେକ୍‌ର ଆଖି ଦୁଇଟି ଉଜ୍ଜ୍ୱଳ ହୋଇ ଉଠିଲା; ଗଭୀର ଅନ୍ଧକାରରେ ନିସ୍ତବ୍ଧ ସାଗରର ବାରିରାଶି ପରି ତାହି

Digitized by srujanika@gmail.com

କୃଷ୍ଣ—ପାର୍ବତ୍ୟ ଶ୍ୟେନର ଅତ୍ୟୁଜ୍ଜ୍ୱଳ ପ୍ରଦୀପ୍ତ ଚକ୍ଷୁପରି ତାହାର ଚକ୍ଷୁର ଆଭା !! କି ହିଂସ୍ର ପୁଣି କି କୁଟ !! ଶକୁନିର ଷଡ଼ଯନ୍ତ୍ର ସେହି ଆଖି ଦୁଇଟା ଭିତରେ ଉପରେ ଧକଧକ ହୋଇ ଜଳି ଉଠୁଥିଲା !!!

ଦୃପ୍ତ କଣ୍ଠରେ ଡାଲେକ୍ କହିଲା—"ସମ୍ରାଟ୍ ! ବାବା !! ମୋତେ ତମର ଅନ୍ତଃପୁରିକା ଅଫଗାନ ବନ୍ଦିମାନଙ୍କୁ ଦାନକରି ସମ୍ମାନିତ କର ।" ବାଦସାହାଙ୍କ ମୁହଁରୁ ସବୁ କାନ୍ତି ନିମିଷକେ ପାଣ୍ଡୁର ହୋଇଗଲା—ସେ କଂପିତ ପଦକୁ ସମ୍ଭାଳି ନବାକ୍ ହୋଇ ଛିଡ଼ା ହୋଇ ରହିଲେ ।

ସଭାସ୍ଥ ସମସ୍ତେ ନୀରବ, ନିସ୍ତବ୍ଧ, ଗମ୍ଭୀର !!! ବିପୁଳ ଶକ୍ତିରେ ନିଜକୁ ସମ୍ଭାଳି ନେଇ କଣ୍ଠ ସ୍ୱରରେ ଅସ୍ୱାଭାବିକ ଶକ୍ତି ସଞ୍ଚୟ କରି ସେ କହିଲେ—"ଦେଲି, ଉତ୍ସବ ଶେଷ ହେଲେ ତୁ ତାଙ୍କୁ ନେଇପାରୁ !"

ସାହାଜାଦା ଡାଲେକ୍ ଗଭୀର ଆନନ୍ଦରେ ଉଦ୍ଦୀପ୍ତ ହୋଇ ଉଠିଲେ । ଅଗ୍ନିଶିଖା ପରି ଉଜ୍ଜ୍ୱଳ ଚକ୍ଷୁ-ତାରକା ବିସ୍ଫାରିତ କରି ସେ କହିଲା—"ଏହାଠାରୁ ମହତ୍ତର ଦାନ ମୋର ଆଶାତୀତ ଥିଲା । ପିତା, ମୁଁ ଜାଣେ ଆଜି ଆପଣ ମୋତେ କଣ ଦେଲେ । ଏ ଦାନ ଯେ କେଡ଼େ ବଡ଼, ଏହା ଯେ କେଡ଼େ ଅଭୂତ ତ୍ୟାଗ, ତାର ମୂଲ୍ୟ ମୁଁ ବୁଝିଛି ପିତା ! ମୁଁ ଆପଣଙ୍କର ଗୋଲାମ, ମୁଁ ଆପଣଙ୍କର ପୁତ୍ର; ମୁଁ ଆପଣଙ୍କ କାର୍ଯ୍ୟରେ ଆଜିଠାରୁ ନିଜକୁ ସମ୍ପୂର୍ଣ୍ଣ ରୂପେ ଢାଳି ଦେବି—ଆପଣଙ୍କ ଦାନର ଉପଯୁକ୍ତ ହେବି ।"

କ୍ଷୀଣ କଣ୍ଠରେ ପିତା କହିଲେ—"ମୋର କିଛି ଲୋଡ଼ା ନାହିଁ ।" ତାଙ୍କର ରାଜମୁକୁଟ ପରିହିତ ଶିରୋଦେଶ କାନ୍ଧଆଡ଼କୁ ଢଳି ପଡ଼ିଲା ।

ପିତା ପୁତ୍ର ପାଖାପାଖି ହୋଇ ଅନ୍ତଃପୁର ଆଡ଼କୁ ନିଃଶବ୍ଦ ଗତିରେ ଅଗ୍ରସର ହେବାକୁ ଲାଗିଲେ ।

Digitized by srujanika@gmail.com

ନିସ୍ତବ୍ଧ ରଜନୀ, ଯେତକ କୃଷ୍ଣବର୍ଣ୍ଣ ସେତକ କୁତ୍ସିତ । ଧରଣୀର କଠିନ ମାଟିର ଊର୍ଦ୍ଧ୍ୱରେ—ଅନେକ ଊର୍ଦ୍ଧ୍ୱରେ ପରିବ୍ୟାପ୍ତ ହୋଇ ରହିଛି ଅନ୍ଧକାର ! ଶବ୍ଦହୀନ, ଗନ୍ଧହୀନ ଅନ୍ଧକାର ! ଅସୀମ ଶୂନ୍ୟତା—ତାହା ମଧ୍ୟ ସ୍ତବ୍ଧ ଏବଂ ଗମ୍ଭୀର । ଆକାଶରେ ତାରା ନାଇ, ନକ୍ଷତ୍ର ନାଇ; ଅଛି କେବଳ କଷ୍ଟିପଥର ପରି ଜମାଟ ଅନ୍ଧାର ।

ସହସା ବୃଦ୍ଧ ବାଦଶାହା କହିଲେ—"କ୍ରମଶଃ ମୋର ଆୟୁ ଶେଷ ହୋଇ ଆସୁଛି; ବକ୍ଷର ସ୍ପନ୍ଦନ ମୋର ଆସ୍ତେ ଆସ୍ତେ ଦୁର୍ବଳ ହୋଇ ପଡୁଛି, ଆଶା ଆଉ ଆନନ୍ଦ ଲିଭି ଯାଉଛି । ଏନ୍ନି ଫୁଲ୍‌ବିନ୍‌ର ନିବିଡ଼ ସ୍ପର୍ଶ, ଗାଢ଼ ଆଲିଙ୍ଗନହିଁ ମୋର ନିଭନ୍ତା ଜୀବନ ଶିଖାକୁ ତେଜି ରଖିଛି । ଏତକ କହୁସାରି ସେ ଅଧିକତର ଆବେଗ-ବ୍ୟାକୁଳିତ କଣ୍ଠରେ କହିଲେ, "ମୋତେ କହନ୍ତୁ ତାଲେବ୍, ସତ କରି କହନ୍ତୁ, ସେ କଣ ସତରେ ତୋର ଦରକାର ? ତୋର ସେ କଣ ପ୍ରୟୋଜନ ? ମୋର ସମସ୍ତ ବେଗମଙ୍କୁ ତୁ ନେ; ସେ ସମସ୍ତଙ୍କୁ ମୁଁ ତୋତେ ଦେଉଛି । ଖାଲି—ଖାଲି ଫିଲ୍‌ବିନ୍‌କୁ ମୋତେ ତୁ ଫେରାଇ ଦେ ।"

ତାଲେବ୍ ନିଃଶବ୍ଦରେ ମୁଣ୍ଡ ଝୁଙ୍କାଇଲା । ଗମ୍ଭୀର ଦୀର୍ଘଶ୍ୱାସ ପରିତ୍ୟାଗ କରି ସମ୍ରାଟ୍ କହିଲେ, "ଆଉ କେତେ ଦିନ ବା ମୁଁ ବଞ୍ଚିବି ? ମୋ ଜୀବନରେ ସେହି ନାରୀଟି ହିଁ ମୋର ଏକମାତ୍ର ଆନନ୍ଦ—ମୋର ଶେଷ ଆନନ୍ଦ, ସେ ପରା ମୋତେ ଭଲ ପାଏ । ତାଲେବ୍ ! ତା ଛଡ଼ା ମୋତେ ଆଉ କିଏ ଏତେ ଭଲ ପାଇବ ? ହିଁ, ମୋତେ—ମୋ ପରି ନୀରସ, ଗତାୟୁ ବୁଢ଼ାକୁ ? କିଏ ? କେହି ନୁହେଁ । ଏଇ ହଜାର ବେଗମଙ୍କ ଭିତରେ ଜଣେ ବି ନୁହେଁ ।"

ସାହାଜାଦା ନୀରବ ।

—"ହାୟ ! କିପରି ମୁଁ ବଞ୍ଚିବି । ତୁ ତାକୁ ବାହୁ ବନ୍ଧନରେ ଆବଦ୍ଧ କରିଛୁ, ଏ ଚିନ୍ତା ଯେ ମୋ ପକ୍ଷରେ ଅସହ୍ୟ ହୋଇ

Digitized by srujanika@gmail.com

ଉଠିବ । କମିତ ମୁଁ ଭାବବ, ସେ ତୋତେ—ଉଃ ! ନା, ନା, ତାଲେକ୍ ମୁଁ ପାଗଳ ହୋଇଯିବ ତାଲେକ୍, ଅଜ ଜଣେ ସାମାନ୍ୟ ନାରୀ ପାଇଁ ଆମେ ପିତାପୁତ୍ରର ସମ୍ପର୍କ ଭୁଲୁଛେ । କେତେ ଆଶ୍ଚର୍ଯ୍ୟ, ଆମେ ଆଜ ପ୍ରତଦ୍ୱନ୍ଦୀ । ମୋର ଦୁର୍ବଳ ଶରୀର କ୍ଷତ ବକ୍ଷତ ହେଲେ ଅତୁର ଭଲ ହୋଇଥାନ୍ତା, ମୋର ସବୁ ରକ୍ତ ଶୁଖି ଯାଇଥିଲେ ବରଂ ସହ୍ୟ ହୋଇଥାନ୍ତା !! କନ୍ତୁ ଏହା ଯେ ଏକାବେଳକେ ଅସହ୍ୟ ! ଧାରଣାତୀତ—ସ୍ୱପ୍ନାତୀତ !"

ସାହାଜାଦା ନୀରବ ।

ସେମାନେ ଅନ୍ତଃପୁର ନିକଟରେ ଆସି ପହଞ୍ଚିଥିଲେ ମଧ୍ୟ କେହି ମୁହଁ ଟେକ ତାହାକୁ ଚାହିଁ ପାରୁ ନ ଥିଲେ—"ପିତା, ମୁଁ ତାକୁ ଅନେକ ଦନରୁ ମନେ ମନେ ଭଲ ପାଇଛ ।" ଶାନ୍ତ କଣ୍ଠରେ ତାଲେକ୍ କହିଲ । —"ମୁଁ ଜାଣେ, ମୁଁ ଜାଣେ । ସେ ତୋତେ ମୋଠୁ ଭଲ ପାଏ ନାଇ ।" ବାଦସାହା କହିଲେ ।

—'ତା କଥା ଭାବିଲେ ମୁଁ ପାଗଳ ହୋଇଯାଏ ।' —"ଆଜ ମୁଁ ତାର ଭିତରେ ବଞ୍ଚିଅଛୁ । ମୋର ଜୀବନ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କର ତାଲେକ୍ ! ତା ପରେ ମୁଁ ମରିଗଲେ ତୁ ରାଜ୍ୟ ସଙ୍ଗେ ସଙ୍ଗେ ତାକୁ ମଧ୍ୟ ପାଇବୁ । ତାଲେକ୍, ମୁଁ ପରା ତୋର ବୁଢ଼ା ବାପା, ତୋର ଦୟା ହୁଏ ନାଇ ? ମୋ କଥା—ନା, ନା, ମୋ ମିନତ ତୁ କଣ ରଖିବୁ ନାଇ ?"

ଉଭୟେ ନୀରବ ।

ତାଲେକ୍ କହିଲା—"ମୁଁ ଅଧୈର୍ଯ୍ୟ ହୋଇ ପଡ଼ିଛ, ବାସ୍ତବକ ନାରୀଜାତ ହିଁ ପୁରୁଷର ସର୍ବନାଶ କରେ । ସେ ଡାହାଣୀ, ସେ ଡାକନୀ । ସୁନ୍ଦରୀ ନାରୀ ଅପର ହୃଦୟରେ ତାକୁ ପାଇବା ପାଇଁ

Digitized by srujanika@gmail.com

ଗୋଟାଏ ବାସନା ଉଦ୍ରେକ କରେ । ଆଉ ତାର ନିସ୍ୱ ସ୍ୱାମୀ ବ୍ୟର୍ଥ ଆକ୍ରୋଶରେ ଜଳପୋଡ଼ି ହୋଇ ମରେ ।"

"ଏହି ବନ୍ଧୁରବୋଧ ଶକ୍ତ ମଣିଷକୁ ଶାନ୍ତି ଦେଇ ପାରେ ନାହିଁ ।" ବାଦସାହା କହିଲେ ।

—"ପିତା, ଆମର ପରସ୍ପର ପ୍ରତି ସହାନୁଭୂତି ଏବଂ ଦୟା ପ୍ରକାଶ କରିବା ସମୀଚୀନ ।"

ବାଦସାହା ମୁଣ୍ଡ ଟେକି ବିଷାଦପୂର୍ଣ୍ଣ ନୟନରେ ପୁଅ ଆଡ଼କୁ ଅନାଇଲେ ।

—"ଯାହା ପାଇଁ ଏତେ ଅଶାନ୍ତି—ଆସନ୍ତୁ ତାକୁ ଆମେ ମାରି ପକାଇବା । ବର୍ତ୍ତମାନ ତାକୁ ଆମ ଭିତରୁ ଅପସାରିତ କରିବାହିଁ ଯୁକ୍ତି-ସଙ୍ଗତ, ଆଉ ସବାପେକ୍ଷା ନିରାପଦ ।" ଗମ୍ଭୀର ହୋଇ ତାଲେକ୍ କହିଲା ।

ପୁଣି ଦୁହେଁ ନୀରବ ।

ବାଦସାହା ଶାନ୍ତ ଓ ସଂଯତ କଣ୍ଠରେ କହିଲେ—"ତୁ କଣ ତାକୁ ମୋ ଅପେକ୍ଷା ବେଶୀ ଭଲ ପାଉ ତାଲେକ୍ ?"

—"ହଁ, ଆପଣଙ୍କୁ ମଧ୍ୟ ମୁଁ ଭଲପାଏ ।"

ପୁଣି ଦୁହେଁ ନୀରବ ।

—"ହଁ, ମୁଁ ମଧ୍ୟ ।" ସବିଷାଦେ ବାଦସାହା କହିଲେ । ଛୋଟ ପିଲାଟିଏ ପରି ଦୁଇ ହାତରେ ମୁହଁ ଘୋଡ଼ାଇ ସେ ଅସହାୟ କାତର ଭାବରେ କହିଲେ—"ନା, ନା, ମୁଁ ତାକୁ ତୋ ହାତରେ ସମର୍ପି ଦେଇ ପାରିବି ନାଇଁ; କୌଣସି ମତେ ପାରିବି ନାଇଁ । ମୋତେ ବହୁତ ବାଧୁଛି ।"

—"ମୁଁ ମଧ୍ୟ ଆଉ ସହ୍ୟ କରି ପାରିବି ନାହିଁ । ତୁଏ ତ

Digitized by srujanika@gmail.com

ମୋତେ ହତ୍ୟା କର; ନୋହିଲେ ମୋତେ ତାକୁ ଦିଅ । ମୋର ଫିଲବିନ୍ ଦରକାର, ଦରକାର, ଦରକାର ।”

ବାଦସାହା ନୀରବ ।

—“ପିତା, ତାକୁ ମାରିପକାଇବା ଉଚିତ ।”

କ୍ଷୀଣକଣ୍ଠରେ ବାଦସାହା କହିଲେ—“ହଁ, ତାର ମରିବା ଉଚିତ । ପିତା ପୁତ୍ର ଉଭୟଙ୍କ ଅନ୍ତରରେ ଯାହାର ରେଖାପାତ ହୋଇଛି, ତାର ମରିବା ହିଁ ଉଚିତ ।

ତା ପରେ ପୁତ୍ରଆଡ଼କୁ ଅନାଇ କହିଲେ—“ଆସ ତାଲେକ୍, ଦ୍ୱନ୍ଦ୍ୱ-ଯୁଦ୍ଧରେ ଏହାର ବିଚାର କରାଯାଉ । ଜଣେ ନାରୀପାଇଁ ପିତା ପୁତ୍ର—ବାଦସାହା ଆଉ ସାହଜାଦା ଲଢ଼େଇ କରିବୁ ।”

ଶାନ୍ତ ସ୍ୱରରେ ତାଲେକ୍ କହିଲା—“ଆପଣ କଣ ପାଗଳ ହେଲେ ବାବା ?”

“ନା, ମୁଁ ପାଗଳ ହୋଇ ଯାଇ ନାଇ ।

—ଗୋଟାଏ ଇତର ସ୍ତ୍ରୀଲୋକ ପାଇଁ ଆମେ କେହି କାହାର ଅଙ୍ଗରେ ଅସ୍ତ୍ରାଘାତ କରି ନ ପାରୁଁ । ହଁ, ଗୋଟାଏ ସାମାନ୍ୟ ସ୍ତ୍ରୀଲୋକ ପାଇଁ— ।” “ନା, ତା ଆମେ ପାରିବା ନାଇ । କାରଣ ପିତାର ଧର୍ମରେ, ରାଜାର ଧର୍ମରେ ତାହା ଅନ୍ୟାୟ । କିନ୍ତୁ ତାକୁ ହତ୍ୟା କରିବା ଯେ ମନୁଷ୍ୟର ଧର୍ମରେ କେତେ ବଡ଼ ଅନ୍ୟାୟ କଥା, ତାହା ଆମେ କେହି ହେଲେ ଏ ପର୍ଯ୍ୟନ୍ତ ଭାବି ଦେଖିନେ । ତାର କାରଣ କଣ ଏଇଆ ନୁହେଁ ଯେ, ସେ ଆମର ବନ୍ଦୀ ?”

—“ସେ ଯାହାହେଉ । ବଞ୍ଚିବା ତାର ସମ୍ଭବ ନୁହିଁ । ସାହାଡ଼ ଉପରୁ ତାକୁ ସମୁଦ୍ରରେ ନିକ୍ଷେପ କରାଯାଉ ।” —“ବେଶ୍, ସେଇଆ ହେବ । ମୁଁ ତାକୁ ପାହାଡ଼ ଉପରୁ ସମୁଦ୍ରରେ ନିକ୍ଷେପ କରିବ ।” ସେ ସମ୍ପୂର୍ଣ୍ଣ ଅନ୍ୟ ମନସ୍କଭାବେ ପୁତ୍ର କଥାର ପ୍ରତିଧ୍ୱନି କଲେ ମାତ୍ର !

Digitized by srujanika@gmail.com

ତାଙ୍କର ଶାନ୍ତ ମୁଖଟି ଆଜ ବିବର୍ଣ୍ଣ; ମୃତ୍ୟୁ ପରି ପାଣ୍ଡୁର, ଶୀତଳ ଏବଂ ଉତାପହୀନ !!

(୨)

ସେମାନେ ଫିଲବନ୍‌ର ଶୋଇବା ଘରେ ପ୍ରବେଶ କଲେ । ଫିଲବନ୍ ମୂଲ୍ୟବାନ କାର୍ପେଟମୋଡ଼ା ବିଛଣାରେ ଶୋଇଥିଲା । ଠିକ୍ ଯେପରି କେଉଁ ଅଜଣା ଦେଶର ଘୁମନ୍ତ ରାଜକୁମାରୀ ସେ ! ନଈଥର ପଦ୍ମ ପରି ସୁନ୍ଦର···ସ୍ୱପ୍ନ ପରି ମଧୁର !!

ଦୁଇଜଣଯାକ ଫିଲବନ୍ ସମ୍ମୁଖରେ ଛିଡ଼ା ହୋଇ ତାର ନିଦ୍ରିତ ଶୋଭା ଉପଭୋଗ କରିବାକୁ ଲାଗିଲେ । ଅନେକ ବେଳଯାଏ ଦୁହେଁ ତନ୍ମୟ ହୋଇ ତାକୁ ଦେଖିଥିଲେ— । ବୃଦ୍ଧର ଚକ୍ଷୁ ଭିତରୁ ଉଚ୍ଛ୍ୱସିତ ଅଶ୍ରୁ ନିଗିଡ଼ି ପଡ଼ିଲା ଏବଂ ଶ୍ୱେତ ଶ୍ମଶ୍ରୁ ପ୍ଲାବିତ କରି ତାହା ଭୂଇଁ ଚୁମ୍ବନ କଲା । ତାଙ୍କର ପୁତ୍ର ଏକ ପାର୍ଶ୍ୱରେ ଦଣ୍ଡାୟମାନ ହୋଇ କେବଳ ହିଂସ୍ର ଚକ୍ଷୁରେ ଫିଲବନ୍‌କୁ ଦେଖୁଥିଲା । ଦାନ୍ତରେ ଦାନ୍ତ ଚିପି ଅତି କଷ୍ଟରେ ଅନ୍ତରର କ୍ରୂର ବାସନା ଦମନ କଲା ପରି ସେ ଜଣା ଯାଉଥିଲା ।

ଫିଲବନ୍ ଚେଇଁ ଉଠିଲା । ସକାଳ ପହରର ଗୋଲାପ ପରି ରକ୍ତାଭ ତାର ଆନନ; ଗୋଧୂଳିର ଜହ୍ନ ପରି ସେ ତାର ଝିରୁ ମୁଦ୍ରିତ ଚକ୍ଷୁର ପଲ୍ଲବ ଦୁଇଟି ଉନ୍ମୀଳିତ କଲା । ସେ ତାଲେକ୍‌କୁ ଦେଖି ନ ଥିଲା । ବୃଦ୍ଧର କଣ୍ଠାଲିଙ୍ଗନ କରି ତାର ରକ୍ତିମ କୋମଳ ଓଷ୍ଠ ପାଖୁଡ଼ାଟି ସେ ତାଙ୍କର ଆଡ଼କୁ ବଢ଼ାଇ ଦେଲା ।

ଚଟୁଳ ହାସ୍ୟରେ କହିଲା—"ପ୍ରିୟତମ ! ତମେ ଆଜ ଏପରି ଶୁଖି ଯାଇଛ କାହିଁକି ? ତୁମେ କଣ ଆଜ ମୋର ଚୁମ୍ବନର ପ୍ରତିଦାନ ଦେବ ନାହିଁ ?"

Digitized by srujanika@gmail.com

ହାସ୍ୟ ସରଳା ପ୍ରେମିକା ନାରୀ । କେତେ ନିଷ୍ଠୁର ଆଦେଶ ତମ ପାଇଁ ଅପେକ୍ଷା କରୁଛି, ତମେ ଜାଣନ୍ତ କପରି ?

କଠିନ ଶବ୍ଦରେ ଅଶ୍ରୁ ଦମନ କରି ବୃଦ୍ଧ ଶାନ୍ତ ସଂଯତ ଭାଷାରେ କହିଲେ—"ଶୀଘ୍ର ପ୍ରସ୍ତୁତ ହୁଅ ଫିଲବନ୍, ତମକୁ ଆମ ସଙ୍ଗରେ ଯିବାକୁ ହେବ ।"

ଫିଲ୍‌ବନ୍ ତାଲେକ୍‌କୁ ଦେଖି ପାରିଲା । ବୁଦ୍ଧିମତୀ ନାରୀ ଅବିଳମ୍ବେ ସବୁ ଅନୁଭବ କଲା; ସବୁ ବୁଝିନେଲା । ସୁନ୍ଦର କୁସୁମ ପରି ମୁହଁ ତାର ଅଶ୍ରୁରେ ଓଦା ହୋଇଗଲା ।—"ମୁଁ ଯିବ ।" ସେ କହିଲା—"ହଁ ମୁଁ ଯିବ; କିନ୍ତୁ ଅନ୍ୟ କାହାର ବ୍ୟକ୍ତିଗତ ସ୍ୱାର୍ଥପରତା କାମନାରେ ନୁହେଁ, ମୁଁ କେବଳ ତମରି ପାଇଁ ଯାଉଛି ପ୍ରିୟତମ ! ତୁମେ ମୋର ମୃତ୍ୟୁ ସ୍ଥିର କରିଛ । ଏହାଠାରୁ ଭଲ ଆଉ କିଛି ନ ଥିଲା । ପ୍ରିୟତମ, ମୁଁ ଯିବ ।"

ତା ପରେ ସେହି ଗଭୀର ସୁପ୍ତ ନିଶୀଥରେ ତିନି ଜଣଯାକ ସମୁଦ୍ର ଆଡ଼କୁ ଚାଲିଲେ । ସେମାନଙ୍କ ଚତୁର୍ଦ୍ଦିଗରେ ବିଭତ୍ସକର ଅନ୍ଧକାର, ନିବିଡ଼ ନିର୍ଜନତା ।

ସଂକୀର୍ଣ୍ଣ ରାସ୍ତା···ଏକାଠି ତିନିଜଣ ଚାଲିପାରିବା ଅସମ୍ଭବ । ଫିଲବନ୍ ଦୁର୍ବଳ ଏବଂ ପରିଶ୍ରାନ୍ତ ହୋଇ ଯାଇଥିଲା; କିନ୍ତୁ ମନେ ମନେ ସେ ଗୋଟାଏ ପ୍ରଚ୍ଛନ୍ନ ଗର୍ବ ଅନୁଭବ କରୁଥିଲା । ସେ କାହାକୁ କିଛି କହିଲା ନାହିଁ ।

କିନ୍ତୁ ତାକୁ ଅନେକ ପଛରେ ପଡ଼ିଯିବାର ଦେଖି ତାଲେକ୍ କହିଲା,— "ଆପଣ କଣ ଡରୁଛନ୍ତି ?"

ଫିଲ୍‌ବନର ଚକ୍ଷୁ ଦୁଇଟି ହିଂସ୍ର ଶ୍ୱାପଦ ପରି ଜଳି ଉଠିଲା । "ଡର ? ଏଇ ତୁଚ୍ଛ ମୃତ୍ୟୁକୁ ଡର ?" ସେ କିନ୍ତୁ କିଛି କହିଲାନି ।

Digitized by srujanika@gmail.com

କେବଳ ନିଃଶବ୍ଦରେ ତାର ରୁଧିରସିକ୍ତ ପଦଟି ଡାଲେକକୁ ଦେଖାଇଲା ।

—"ଆପଣଙ୍କର ଚାଲିବାକୁ ଖୁବ୍ କଷ୍ଟ ହେଉଥିବ ବୋଧହୁଏ ।
ମୁଁ ଆପଣଙ୍କୁ କାନ୍ଧୁଅ କରି ନେଇ ଯାଇପାରେ ।" ଏହା କହି ଡାଲେକ୍ ତାକୁ ନିଜ ଆଡ଼କୁ ଆକର୍ଷଣ କରିବାକୁ ଯାଉଥିଲା; କିନ୍ତୁ ଫିଲବନ୍ ଘୃଣାରେ ତାହାର ପାଣିମୁକ୍ତ ହୋଇ ବୃଦ୍ଧର କଣ୍ଠ ସଂଲଗ୍ନ ହେଲା । ବୃଦ୍ଧ ବାଦସାହ ମୁହୂର୍ତ୍ତକରେ ତାକୁ ଗୋଟିଏ ପର ପରି ନିଜର ଶକ୍ତିଶାଳୀ ବାହୁ ଦୁଇଟିରେ ତୋଳି ନେଲେ ।

ସେମାନେ ଅଗ୍ରସର ହେଲେ । ଅଦୂରରେ ସମୁଦ୍ରର ଗର୍ଜନ ଶୁଣା ଯାଉଥିଲା । ଡାଲେକ୍ ପିତାର ପଛେ ପଛେ ଆସୁଥିଲା ।

କ୍ଷୁଧିତ ଅନ୍ତର ତାର ଜଳି ଉଠିଲା । ସେ ଚିତ୍କାର କରି କହିଲା —"ବାବା, ମୋତେ ଆଗରେ ଚାଲିବାକୁ ଦିଅ, ନୋହିଲେ ଏହି ମୁହୂର୍ତ୍ତରେ ମୋର ସୁତୀକ୍ଷ୍ଣ ଛୁରିକାରେ ମୁଁ ଆପଣଙ୍କୁ ଖୁନ କରିପାରେ । ମୁଁ ଆଉ ନିଜକୁ ସମ୍ଭାଳି ପାରୁନାହିଁ । ମୋର ପଶୁବାସନା ଜାଗି ଉଠୁଛି । ମୁଁ ଆଉ ନିଜକୁ ବିଶ୍ୱାସ କରିପାରୁ ନାହିଁ । ମୁଁ ଆଗରେ ଯାଏଁ ।

—"ଯାଅ, ଖୋଦା ତୋର ମନସ୍କାମନା ସିଦ୍ଧ କରିବେ; ଅଥବା ତୋତେ କ୍ଷମା କରିବେ । ଇଚ୍ଛା ତାଙ୍କର ପୂର୍ଣ୍ଣ ହେବ । ମୁଁ ତୋର ପିତା, ସର୍ବାନ୍ତଃକରଣରେ ତୋତେ କ୍ଷମା କରିଛି । ମୁଁ ଜାଣେ, ପ୍ରେମରେ ପଡ଼ିଲେ ମଣିଷ ଅନେକ ସମୟରେ କପଟ ଶ୍ରେଷ୍ଠ ହୋଇଯାଏ ।"

(୩)

ସମୁଦ୍ର ! ଦିଗନ୍ତ ପ୍ରସାରିତ ସୀମାହୀନ ବର୍ଣ୍ଣହୀନ ସମୁଦ୍ର !!
ସେମାନଙ୍କ ପଦ ତଳେ ସମୁଦ୍ର !! ଅନନ୍ତ ନୀଳ ସମୁଦ୍ର ସୁଦୂରଚୁମ୍ବୀ

Digitized by srujanika@gmail.com

ମୃତ୍ୟୁପୁରୀ ! ପ୍ରବଳ ଉନ୍ମତ୍ତ ଫଣୀ ପରି ସମୁଦ୍ରର ସ୍ଫୀକୃତ ଉଚ୍ଛ୍ୱସିତ ଢେଉ ପାହାଡ଼ର ପାଦଦେଶରେ କରୁଣ ହୋଇ ପଡ଼ୁଥିଲା । କି ଜମାଟ ଅନ୍ଧକାର !! ଶୀତଳ ଅନ୍ଧକାର !!—"ବିଦାୟ ।" ଫିଲବନ୍‌କୁ ଶେଷ ଚୁମ୍ବନ କରି ବାଦସାହା କାନ୍ଦି କାନ୍ଦି କହିଲେ, 'ବିଦାୟ' ।

ଫିଲବନ୍ ସେହି ନିମ୍ନଗାମୀ ଶୂନ୍ୟତା—ମସୀକୃଷ୍ଣ ଶୂନ୍ୟତା ମଧ୍ୟଦେଇ ସମୁଦ୍ର ଆଡ଼କୁ ଅନାଇଲା । ଟିକିଏ ପଛେଇ ଗଲା, ପୁଣି ଦୁଇ ହାତରେ ଛାତିଟାକୁ ଚିପି ଧରି କହିଲା—"ମୋତେ ନିକ୍ଷେପ କର ।"

ତାଲେକ୍ ତାର ବାହୁ ଧରି ଅସ୍ଫୁଟ କାତର ଧ୍ୱନି କଲା । ବାଦସାହା ଫିଲବନ୍‌କୁ ବକ୍ଷଦେଶକୁ ଟାଣି ନେଇ ଅଧୀର ବ୍ୟାକୁଳତାରେ ଚୁମ୍ବନ କଲେ । ତା ପରେ ଦୁଇ ହାତରେ ତାକୁ ଉପରକୁ ଟେକି ପାତାଳ-ସ୍ପର୍ଶୀ ମୃତ୍ୟୁ-ଗହ୍ୱର ସଦୃଶ ସେହି ସମୁଦ୍ର ପାଣିକୁ ଫିଙ୍ଗିଦେଲେ । ସବୁ ଶେଷ !!

ଉତଳ ସମୁଦ୍ର ଗର୍ଜି ଉଠିଲା । ବିପୁଳ ସମୁଦ୍ର-ଚିତ୍କାରରେ ସେମାନେ ଫିଲବନ୍‌ର ପତନ ଶବ୍ଦ ଶୁଣି ପାରିଲେ ନାହିଁ । ତାହାର ଟିକିଏ ଚିତ୍କାର ଶେଷ ମୃତ୍ୟୁକାତର କ୍ରନ୍ଦନ ମଧ୍ୟ ଶୁଣାଗଲା ନାହିଁ । ଶୁଣିଲେ, ଖାଲି ସମୁଦ୍ରର କାନ୍ଦଣା—ରୋଷଦୀପ୍ତ ଗର୍ଜନ—ଅନ୍ଧକାରର କଇଁ କଇଁ ବାହୁନା !

ବୃଦ୍ଧ ନବାବ୍ ! ସୁଦୂର ଆଡ଼କୁ ଦୃଷ୍ଟି ନିବଦ୍ଧ କରି ସେ ନିସ୍ତବ୍ଧ ! ପବନ ବୋହିଗଲା ! ବୃଦ୍ଧର କାନରେ କାହାର ବାର୍ତ୍ତା ସେ ପହଞ୍ଚାଇ ଦେଇଗଲା ? ପାଖରେ ତାଙ୍କର ତାଲେକ୍ । ସେ ଦୁଇ ହାତରେ ମୁଣ୍ଡି ଯୋଡ଼ାଇ ସ୍ପନ୍ଦନହୀନ—ବାକ୍ୟହୀନ, ପଥରର ମଣିଷ ପରି ଠିଆ ହୋଇଥିଲା । ଧୀରେ ଧୀରେ ଆକାଶରେ ମେଘ ଘୋଟି ଆସିଲା । ବଜ୍ର ହୁଙ୍କାର ଉଠିଲା, ରାତିର ନିଃଶ୍ୱାସ ପରି ପବନଟା ବୋହିଗଲା ଅତି ଧୀରେ…… ।

Digitized by srujanika@gmail.com

—"ବାବା, ଚାଲନ୍ତୁ, ଫେରିଯିବା ।"

"ଚୁପ୍ !!" ବାଦସାହା ମୃଦୁକଣ୍ଠରେ କହିଲେ । ସେ ଯେପରି ଗମ୍ଭୀର ମନୋଯୋଗ ଦେଇ କଣ କାନ ପାତି ଶୁଣୁଥିଲେ ।

ସମସ୍ତ ଚାଲିଯାଏ, ରାତି ଅର୍ଦ୍ଧରୁ ବେଶି ହୋଇ ଗଲଣି । ଆକାଶରେ, ପବନରେ, ସାଗରରେ, ଗଛ ପତ୍ରରେ ଯେପରି କାହାର କାତର ଧ୍ୱନି !!

—"ବାବା, ଚାଲନ୍ତୁ ଫେରିଯିବା ।"

—"ଆଉ ଟିକଏ ଅପେକ୍ଷା କର । ଟିକଏ—?" ସେ ହଲିଲେ ନାହିଁ । ଜୀବନର ଶେଷ ଆନନ୍ଦଟିକ ଯେଉଁଠି ହଜିଯାଇଛନ୍ତି, ସେ ଜାଗା ତ୍ୟାଗ କରିଯିବା ତାଙ୍କ ପକ୍ଷରେ ଯେପରି ଅସମ୍ଭବ !

କିନ୍ତୁ ପ୍ରତ୍ୟେକ ବସ୍ତୁର ଶେଷ ଅଛି । ସେ ଉଠି ଛିଡ଼ା ହେଲେ । ସେ ଗର୍ବିତ, ସେ ଦୃଢ଼ । ଭ୍ରୂକୁଟି କରି ସେ କହିଲେ,"ଚାଲ ଯିବା ।"

ସେମାନେ ଫେରି ଆଇଲେ ।

ସହସା ବାଦସାହା ଛିଡ଼ା ହୋଇ ପଡ଼ିଲେ । କହିଲେ—"କିନ୍ତୁ ମୁଁ କଅଁ ଯାଉଛି ? ଆଉ କେଉଁଠିକି ବା ମୁଁ ଫେରିଯିବି ? ହଁ, ବର୍ତ୍ତମାନ ମୋର ବଞ୍ଚିରହିବା କଣ ଲାଭ ? ତାହେଲେ, ମୋର ସେ ସବୁ ଆଶା, ଆନନ୍ଦର ସାକ୍ଷୀ ଥିଲା ! ତା ଭିତରେ ତ ମୁଁ ବଞ୍ଚି ରହିଥିଲି । ବର୍ତ୍ତମାନ ମୁଁ ବୃଦ୍ଧ; ବୃଦ୍ଧକୁ କେହି ଭଲ ପାଇବେ ନାହିଁ । କେହି ଯଦି ପ୍ରଣୟୀ ନ ହେଲା, ବଞ୍ଚି ରହି କି ଲାଭ ? ସେପରି ଜୀବନର କୌଣସି ଅର୍ଥ ନାହିଁ ।"

—"ଆପଣଙ୍କର ଗୌରବ, ପ୍ରଭୃତି ଐଶ୍ୱର୍ଯ୍ୟ ଅଛି ।"

—"ତାର ଗୋଟାଏ ଚୁମ୍ବନ ପାଇବାକୁ ମୁଁ ସେ ସବୁ ଦେଇ ଦେବି । ନା, ସେ ସବୁ ମୃତ । ଧନ, ଐଶ୍ୱର୍ଯ୍ୟ କାହାର ଜୀବନ୍ତ ସତ୍ତା ଆଉ ମୋ ପାଖରେ ନାହିଁ । ତାହାର ପ୍ରେମହିଁ କେବଳ ବଞ୍ଚି ରହେ ଯିବା !!

Digitized by srujanika@gmail.com

ବଦାୟ୍, ଡାଲେକ୍ ! ମୁଁ ମଧ୍ୟ ବଦାୟ୍ ନେଉଛି । ଅଲ୍ଲାଙ୍କ କଲ୍ୟାଣରୁ ତୋର ସମସ୍ତ କାର୍ଯ୍ୟ ମହାନ୍ ହେଉ—ଜୟଯୁକ୍ତ ହେଉ ।”

ବୃଦ୍ଧ ବାଦସାହା ସମୁଦ୍ର ଆଡ଼କୁ ଫେରିଗଲେ ।

—“ବାବା, ବାବା” । ଡାଲେକ୍ ଚିତ୍କାର କରି ଡାକିଲା, “ବାବା ।” ସେ ଆଉ କିଛି କହି ପାରିଲା ନାଇ । ଯାହା ଉପରେ ମୃତ୍ୟୁର ଛାୟା ପଡ଼ିଛି, ତାକୁ କିଏ ବା ଆଉ ସେ କହିଥାନ୍ତା ? ଜୀବନର ମାୟା ଯେ ତାଙ୍କର ନାଇ । କିଏ ଅଟକାଇବ, କିଏ ପଛରୁ ଡାକିବ ?

“ନା, ନା, ମୋତେ ଯିବାରେ ବାଧା ଦିଅ ନାଇ । ପଛରୁ ଡାକ ନାଇ । ମୁଁ ଯାଏ —”

—“ଅଲ୍ଲା ··· ।”

—“ସେ ଏକା ଜାଣନ୍ତି ···”

ବୃଦ୍ଧ ସମୁଦ୍ର ଗର୍ଭରେ ଡେଇଁ ପଡ଼ିଲେ । ତାଙ୍କର ପୁତ୍ର ତାଙ୍କୁ ବାଧା ଦେବାକୁ ମଧ୍ୟ ସମର୍ଥ ହେଲେ ନାଇ । ମୁହୂର୍ତ୍ତକରେ ସବୁ ଓଲଟ-ପାଲଟ ହୋଇଗଲା । ଏଥର ମଧ୍ୟ ସମୁଦ୍ର ତଳୁ କିଛି ଶୁଣା ଗଲା ନାଇ; ଗୋଟିଏ ଚିତ୍କାର ମଧ୍ୟ ନୁହେଁ—କାହାର ପତନ ଶବ୍ଦ ମଧ୍ୟ ନୁହେଁ । କେବଳ ସମୁଦ୍ରର ଗର୍ଜନ ଆଉ ପବନର କରୁଣ ସଙ୍ଗୀତ !!

ଡାଲେକ ପ୍ରାଣହୀନ ପରି ଗମ୍ଭୀର ଉଦାସ ନେତ୍ରରେ ପର୍ବତ ଆଡ଼କୁ ଅନାଇ ରହିଲା । ତା’ପରେ ଚିତ୍କାର କରି କହିଲା—“ହେ ଅଲ୍ଲା ! ମୋ ହୃଦୟରେ ବଳ ଦିଅ ।”

ନିଶୀଥ ରାତ୍ରିର ଘନୀଭୂତ ଅନ୍ଧକାର ଭିତରେ ସେ ଘରକୁ ଫେରିଗଲା ।*

——

(ମାକ୍ସିମ ଗୋର୍କିଙ୍କର ଗୋଟିଏ ଗଳ୍ପର ସୂତ୍ର ଅବଲମ୍ବନରେ ···)

* ପୌଷ—୧୩୪୩ ସାଲ, ସହକାରରେ ପ୍ରକାଶିତ ।

Digitized by srujanika@gmail.com

ମୁର୍ଗୀଡିମ୍ବ

କୋଟିଏ ସାମାନ୍ୟ ମୁର୍ଗୀଡିମ୍ବ ଲାଗି ରହମ୍‌ର ସ୍ତ୍ରୀ ଗୁଲଫନ୍ ପ୍ରତିବେଶୀ ଧାଅର ହାଜିଫଙ୍କ ସ୍ତ୍ରୀ ସଙ୍ଗରେ ଯେଉଁ କଳହର ସୂତ୍ରପାତ କଲା, ତାହା ଉଭୟ ପରିବାର ମଧ୍ୟରେ ଘନୀଭୂତ ହୋଇ ଉଠିବାକୁ ବେଶୀ ବିଳମ୍ବ ହେଲା ନାହିଁ । ଏଇ ଆକସ୍ମିକ ବିବାଦରେ ରହମ୍‌ର ବୃଦ୍ଧ ପିତା ତାହେର୍ ସର୍ବାପେକ୍ଷା ଅଧିକ ବ୍ୟଥିତ ହେଲା । ଯେଉଁ ଦୁଇଟି ପରିବାର ସୁଖ ଦୁଃଖର ସମାନ ଭୋଗ ମଣ୍ଡାଇ ଏତେ ଦିନ-ଯାଏ ଦୁଇ ବନ୍ଧୁ ପରି ପରସ୍ପର ନିକଟରେ ଛିଡ଼ା ହୋଇ ଆସିଥିଲେ ସେମାନେ ଆଜି ନିଜ ନିଜ ଭିତରେ ବିଚ୍ଛେଦର ଗୋଟାଏ ସୁଦୃଢ଼ ପ୍ରାଚୀର ତୋଳିବାକୁ ଟିକିଏ ହେଲେ କୁଣ୍ଠିତ ହେଲେ ନାହିଁ । ବୃଦ୍ଧ ତାହେର୍ ଗାଁ ଉଭୟ ପକ୍ଷକୁ କେତେ କୁହାବୋଲା କଲା, କେତେ ଅଳି ଅଝଟ କଲା, କିନ୍ତୁ ତା କଥାକୁ ଶୁଣୁଛି କିଏ ? ସେମାନଙ୍କର ତାଜା ରକ୍ତସ୍ରୋତରେ ବୃଦ୍ଧର କରୁଣ ମିନତି କୁଆଡ଼େ କୁଟା ଖିଏ ପରି ଭାସିଗଲା ।

ସେମାନେ ତ ଜାଣନ୍ତି ନାହିଁ ଯେ ହାଜିଫର ପିତା ଆଉ ତାହେର କେତେ ଦୁଃଖ କଷ୍ଟର ଧକ୍କା ସହି ଅଦୃଷ୍ଟ ସଙ୍ଗରେ ଲଢ଼େଇ କରି ଷାଠି ବସନ୍ତ ଦେହରେ ଏହି ସୁନାର ସଂସାର ଦୁଇଟି ତିଆରି କରିବାକୁ ସମର୍ଥ ହୋଇଛନ୍ତି । କେତେ ଖରା, ବର୍ଷା, ଶୀତ, କାକର ଭିତରେ ଦୁଇ ଭାଇ ଘାଣ୍ଟି ଚଷି ହୋଇ ଏଠାରେ ମୁଣ୍ଡ ଟେକି ପାରିଛନ୍ତି, ତାହା ଜାଣିଥିଲା କେବଳ ହାଜିଫ୍‌ର ମୃତ ପିତା ହାବିବ୍ ଆଉ ଜାଣିଛି କେବଳ ବର୍ତ୍ତମାନ ରହମ୍‌ର ଜୀବିତ ପିତା ତାହେର୍ ।

ଗାଁ ଲୋକ ଆଶା କରିଥିଲେ, କ୍ରମେ ଏହି ମନୋମାଳିନ୍ୟ ଦୂର ହୋଇ ତାହା ସ୍ଥାନରେ ସଦ୍‌ଭାବ ଦେଖାଦେବ, କିନ୍ତୁ ସମସ୍ତ

Digitized by srujanika@gmail.com

ଯେତିକି ଅତିବାହିତ ହେବାକୁ ଲାଗିଲା, ଏହି ପରିବାରର ବିବାଦ ମଧ୍ୟ ସେତିକି ପ୍ରଚଣ୍ଡ ମୂର୍ତ୍ତି ଧାରଣ କରିବାକୁ ଲାଗିଲା । ଏପରି କି ଉଠିବା ବସିବାବେଳେ ମଧ୍ୟ ଦୁଇ ପକ୍ଷ ଦୁଇ ପକ୍ଷର ଦୋଷ ତ୍ରୁଟି ଦେଖାଇ ପରସ୍ପରକୁ ଆକ୍ରମଣ କରିବାକୁ ଲାଗିଲେ ।

ଏ ଝଗଡ଼ାର ମୂଳକାରଣ ଥିଲା, ରହିମର ଗୋଟାଏ ମୁର୍ଗୀ ହାନିଫ୍ ଘରକୁ ଆସି ଡିମ୍ବ ପାରି ଦେଇଯାଇଥିଲା । ସେ ଡିମ୍ବ କେତୁଟା ରହିମକୁ ଉଆପସ୍ ଦିଆଯାଇ ନ ଥିଲା ।

ରହିମର ଦ୍ୱାଦଶ ବର୍ଷୀୟ ପୁତ୍ର ଅବ୍ଦୁଲ୍. ଠିକ୍ ତାର ଓ ପରି ରାଗୀ; ହାନିଫ୍‌ର ଦଶବର୍ଷର ଝିଅ ମରିୟମ୍ ତାର ଖେଳାର ସଖୀ ଓ ପ୍ରିୟପାତ୍ରୀ ହେଲେ ମଧ୍ୟ ଦୁଇ ପରିବାର ମଧ୍ୟରେ ଝଗଡ଼ା ହେବା ଦିନଠାରୁ ସେ ମାଆର ଆଦେଶ ମାନି ମରିୟମକୁ ନାନା-ଭାବରେ ଲାଞ୍ଛିତ କରିବାକୁ ମଧ୍ୟ ଛାଡ଼ୁ ନାହିଁ । ମରିୟମ ସ୍ୱଭାବତଃ ଶାନ୍ତ ଓ ନମ୍ର । ସେ ବାପ ମାଙ୍କ କଡ଼ା ହୁକୁମ ସତ୍ତ୍ୱେ ମଧ୍ୟ ତାର ଅବଦୁଲ ଭାଇ ପାଖକୁ ଦୌଡ଼ିଯାଏ ଖେଳିବା ପାଇଁ । ଅବଦୁଲଠାରୁ ମାଡ଼ଗାଳି ଖାଇ ମଧ୍ୟ ତାହାର ଏହି ପାରିବାରିକ କଳହ ପ୍ରତି ଜମା ହୋସ ରହେ ନାହିଁ । ବୟସ ବେଶୀ କିଛି ବୁଝି ନ ପାରିଲେ ମଧ୍ୟ ଏତିକି ଭଲକରି ବୁଝିଛି ଯେ ସାମାନ୍ୟ ମୁର୍ଗୀ ଡିମ୍ବ ଯାହା ଏତେ ଟିକିଏ ଆଘାତ ପାଇଲେ ଭାଙ୍ଗି ଚୁରମାର ହୋଇଯାଏ, ତାହା କଅଣ ତାର ବନ୍ଧୁ ସ୍ତୁରୀ ଓ ବାପା, ମାଆଙ୍କ ମଧ୍ୟରେ ବିବାଦର କାରଣ ହୋଇ ଛିଡ଼ା ହୋଇପାରେ ? କିନ୍ତୁ ଅବଦୁଲ ଠିକ୍ ତାର ଓଲଟା ଧରଣର ପିଲା । ସେହି ପାରିବାରିକ ଝଗଡ଼ାର ପଣ୍ଡା ଗିରି କରି ନିଜର ତାକତର କରାମତି ଦେଖାଇ ବାପ ମାଆଙ୍କୁ ଚମତ୍କୃତ କରି ଦେବା ତାର ସବୁବେଳେ ଇଚ୍ଛା । ସେ ଏହି ଝଗଡ଼ାର ସୁଯୋଗ ନେଇ ସବୁବେଳେ ଗୋଟାଏ କିଛି ଅଦ୍ଭୁତ କାଣ୍ଡ ଘଟାଇବାକୁ

Digitized by srujanika@gmail.com

ଶୁଣିବେ ଯାହା ଦେଖି ତାହାର ବାପ ମା ତାକୁ କରିବେ ପ୍ରଶଂସା, ସାହି ପିଲାଏ କହିବେ ସାବାସ୍ ଅବଦୁଲ୍ଲ ସାବାସ୍ !

ସେଦିନ ମହରମ । କଟକ ବଜାରରେ ସୋରିଷଟାଏ ବି ପକାଇବା ପାଇଁ ସ୍ଥାନ ନାହିଁ । ଦଳକୁ ଦଳ ବାଳକବାଳିକା ସୁନ୍ଦର ସୁନ୍ଦର ଲୁଗାପଟାରେ ସଜ୍ଜିତ ହୋଇ ତାଜିଆ ଦେଖିବାକୁ ବାହାରିଛନ୍ତି । ଅବଦୁଲ୍ଲ ତାର ସବୁଠାରୁ ଚକଚକିଆ ଜରି କୁର୍ତ୍ତା ପିନ୍ଧି ଖଣ୍ଡେ ୫ ହାତିଆ ଠେଙ୍ଗା ଧରି ତାଜିଆ ଆଗରେ ଲଠି ଖେଳରେ ମାତିଛି । କାହା କଥାକୁ ତାର ଆଜି ଭ୍ରୂକ୍ଷେପ ନାହିଁ । ଆଜି ଖେଳ ଦେଖାଇ ଦର୍ଶକମାନଙ୍କଠାରୁ ଲମ୍ବା ଚୌଡ଼ା ସାବାସ୍ ଆଦାୟ ନ କରି ସେ ଯେପରି ଛାଡ଼ିବ ନାହିଁ ସତେ !

ମରିୟମ ତା ନୂଆ ଘାଗରାଟା ପିନ୍ଧି ବାହାରିଛି ତାଜିଆ ଦେଖିବାକୁ । ତାର ଆଜି ତାଜିଆ କି ଲଠି ଖେଳ ଦେଖିବା ପାଇଁ ଇଚ୍ଛା ନୁହେଁ; ଅବଦୁଲ୍ଲ ଭାଇକୁ ନୂଆ ପୋଷାକ ଦେଖାଇ ତାରିଫ୍ ପାଇବା ପାଇଁ ତାଠାରୁ ବଳି ଇଚ୍ଛା । ସେ ନିଜ ଘର ପାଖରୁ ଖଣ୍ଡେ ବାଟ ନ ଯାଉଣୁ ଗୋଟାଏ ନଦମା ପଡ଼ିବାରୁ କାଳେ ମଇଳା ପାଣି ଲାଗି ତାର ଘାଘରା ଖରାପ ହୋଇଯିବ, ଏହି ଭୟରେ ସେ ଘାଘରାଟାକୁ ଆଣ୍ଠୁ ପର୍ଯ୍ୟନ୍ତ ଟେକିଧରି ଛିଡ଼ା ହୋଇଛି, ଏପରି ସମୟରେ କୁଆଡ଼ୁ ଅବ୍ଦୁଲ୍ଲ ଆସି ତା ପଛରୁ ଦେଲା ଗୋଟାଏ ଧକ୍କା । ସେ ଲଥ୍‌କିନା ଯାଇ ପଡ଼ିଲା ନର୍ଦ୍ଦମାର ପଚା ପାଣି ଭିତରେ । ଅବ୍ଦୁଲ୍ଲ ହୋ ହୋ କରି ହସି ଜୁଟି ପଳାଇଗଲା । ପଡ଼ିବା କଷ୍ଟ ମରିୟମ୍‌କୁ ଯେତେ ବାଧିଲା ନାହିଁ, ତାଠାରୁ ବେଶୀ ବାଧିଲା ତାର ନୂଆ ଘାଘରାର ଦୁରବସ୍ଥା । ସେ କାନ୍ଦି କାନ୍ଦି ଆଖି ଲାଲ କରି ଫେରିଗଲା ଘରକୁ ।

Digitized by srujanika@gmail.com

ମାଆ ତାର ଯେତେ ପଚାରିଲା ଯେତେ ସ୍ନେହ ଦେଖାଇଲା ସେ କଦାପି କହିଲା ନାହିଁ ଅବ୍ଦୁଲ୍ ତାକୁ ପେଲି ଦେଇଛି ବୋଲି । ସେ ଜାଣେ ଏହି ସାମାନ୍ୟ କଥାକୁ ନେଇ ତାଙ୍କ ଘରେ ପ୍ରଳୟ କାଣ୍ଡ ଘଟିପାରେ । ତାକୁ ଯେତେ ଥର ପଚାରିଲେ ସେ ଖାଲି କହି ଲାଗିଲା, ତା ଗୋଡ଼ ଖସିଯାଇ ସେ ନଳେ ପଡ଼ିଯାଇଥିଲା । ଅବ୍ଦୁଲ୍ ଭାଇକୁ କପରି ଏ ବିପଦରୁ ରକ୍ଷା କରିବ ଏ କଥା ହୋଇ ଉଠିଲା ତାର ସବୁଠାରୁ ବଡ଼ ଚିନ୍ତା । ଏପରି କ ଘାଘରାଟାକୁ ପାଣିନଳରେ ଚୋରି ସଫା କରିବାଠାରୁ ମଧ୍ୟ ଏହା ଅଧିକ ଜରୁରୀ ବୋଲି ତାର ମନେ ହେଲା ।

କନ୍ତୁ ତାଙ୍କ ସାହିର ଇବ୍ରାହିମ୍ ଆସି ସବୁ କଥା ହାଟରେ ହାଣ୍ଡି ଭାଙ୍ଗି ଦେଲା । ଅବ୍ଦୁଲ୍ ତାକୁ ଧକ୍କା ମାରି ନର୍ଦ୍ଦମାରେ ପକାଇ ଦେଇଥିଲା ବୋଲି ଇବ୍ରାହିମ୍ ଆସି ମରିୟମ୍‌ର ମାଆର କାନେ କାନେ କହିଦେଇ ପୁଣି ତାମସା ଦେଖିବାକୁ ରହିଗଲା ।

ଲଜ୍ଜାରେ ଅପମାନରେ ମରିୟମ୍ ବସ୍ତ୍ରପାତ ପଡ଼ିଗଲା—ସତ୍ୟ ଗୋପନ କରିଥିବା ହେତୁ ତାର ମାଆର ତୀବ୍ର କଣ୍ଠରୁ ତାକୁ ଯେତେ କଥା ଶୁଣିଲା ନାହିଁ, ଏହି ବିବାଦର ଶେଷଫଳ କଅଣ ହେବ ସେହି ଦୁର୍ଭାବନାରେ ସେ ବେଶୀ ଝାଉଁଳି ପଡ଼ିଲା ।

ମରିୟମ୍‌ର ମାଆ ଅବ୍ଦୁଲର ମାଆକୁ ଶୁଣାଇ ଶୁଣାଇ ସେହିଦନ ଅବ୍ଦୁଲ୍‌କୁ କବରକୁ ପଠାଇବା ନିମନ୍ତେ ପାଟିକରି ଖୋଦାକୁ ଡାକ ଲାଗିଲା । ଅବ୍ଦୁଲ୍‌ଙ୍କୁ ଜାହାନ୍ନାମ୍‌କୁ ଶୀଘ୍ର ପଠାଇବା ପାଇଁ ବ୍ୟବସ୍ଥା କରିବା ନିମିତ୍ତ ସେ ତାର ସ୍ୱରରେ ଭଗବାନଙ୍କ ପାଖରେ ପ୍ରାର୍ଥନା ଆରମ୍ଭ କରିଦେଲା । ଅବଦୁଲର ମାଆ ବ ଛାଡ଼ନ୍ତା କାହିଁକ ? ସେ ବ ପଞ୍ଚମ ସ୍ୱରରେ ତାକୁ ପ୍ରତ୍ୟୁତ୍ତର ଦେବାକୁ ଲାଗିଲା । ଘର ଭିତରେ ସଗ୍ରାମନପୁଣା ଦୁଇ ଜଣ ସ୍ତ୍ରୀଲୋକଙ୍କର

Digitized by srujanika@gmail.com

କଳାତୁଣ୍ଡ ଶୁଣି ବାହାରେ ଶହ ଶହ ମିଶିଗି ମଣିଷ ମଧ ରୁଣ୍ଡ ହେଲେ ।

ରହିମ ଘର ଭିତରେ ନମାଜ ପଢ଼ୁଥିଲା । ହଠାତ୍ ହାନିଫର ଗୋଟାଏ ଅଶ୍ଳୀଳ କଥାରେ ଅସ୍ଥିର ହୋଇ ଘର ଭିତରୁ ଗୋଟାଏ ହାତୁଆ ଦାଆ ଧରି ସେ ହାନିଫ୍ ଆଡ଼କୁ ଉଠୁକି ଆସିଲା । ହାନିଫ୍ ମଧ୍ୟ ଧୂରନ୍ଧର ବ୍ୟକ୍ତି । ସେ ଗୋଟାଏ ମସ୍ତବଡ଼ ଲାଠି ଧରି ଆସି ତାର ସମ୍ମୁଖୀନ ହେଲା । ବୃଦ୍ଧ ତାହେର କେତେ ବାଧା ଦେଲା, କେତେ ବାରଣ କଲା । କିନ୍ତୁ ସବୁ ଅକାରଣ ହେଲା । କ୍ରୋଧରେ ଦୁହିଙ୍କ ଆଖିରୁ ନିଆଁ ବାହାରୁଛି । ଦୁହେଁ ଦୁହିଙ୍କ ରକ୍ତପାନ କରିବାକୁ ଚାହାନ୍ତି । ଏହି ଦୁହିଙ୍କି ଅଟକାଇବା, ଏପରି ସାହସ ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରେ କାହାର ହେଲେ ନାହିଁ । ସମସ୍ତେ ଭୟବିହ୍ୱଳ ହୋଇ କଅଣ ଗୋଟାଏ ଘଟିବ ବୋଲି ସନ୍ତ୍ରସ୍ତଭାବରେ ଅନାଇ ରହିଛନ୍ତି ।

ରହିମ୍ ଦାଆଟା ଧରି ହାନିଫ୍ ନିକଟକୁ ଦୌଡ଼ିଗଲା । ଆଉ ଟିକିଏ ଯାଇଥିଲେ ତା ଦାଆର ତୀକ୍ଷ୍ଣ ଦାନ୍ତ ହାନିଫ୍ର ଗଳାଭେଦ କରିଥାଆନ୍ତା—କିନ୍ତୁ ହଠାତ୍ କିଏ ଜଣେ ଦୌଡ଼ି ଆସି ତା ଗୋଡ଼ ଦୁଇଟାକୁ କୁଣ୍ଢାଇ ଧରିଲା । ରହିମ୍ର ହାତର ଦାଆ ହାତରେ ରହିଗଲା । ସେ ତଳକୁ ଚାହିଁ ଦେଖିଲା ଯେ ଆଉ କେହି ନୁହେଁ—ମରିୟମ । ମରିୟମ୍ ରହିମ୍ର ଗୋଡ଼ ଦୁଇଟାକୁ ଦୁଇ ବାହୁରେ କୁଣ୍ଢାଇ ଧରି କାନ୍ଦି କାନ୍ଦି କହିଲା, ରହିମ ଚରୁ ତମ ଗୋଡ଼ତଳେ ପଡ଼ୁଛି, ବାପାକୁ ମୋର କାଟିପକାଅ ନା ।

ରହିମ୍ର ମନଟା ଦମକିନା ଦମିଗଲା । ତା ରାଗ କୁଆଡ଼େ ଉଭେଇଗଲା । ତା ଉଦ୍ୟତ ଦାଆ ଆପେ ଆପେ ନଇଁଆସିଲା ତଳକୁ । ଉପସ୍ଥିତ ଜନତା ହତବାକ୍ ହୋଇ ଛିଡ଼ାହୋଇ ରହିଲେ

Digitized by srujanika@gmail.com

କଅଣ ହେଲା ଦେଖିବା ପାଇଁ । ଏପରି ସମୟରେ ମଇସ୍ଥମ ଭୂଇଁରୁ ଉଠି ତା ପଣତ କାନ ଫିଟାଇ ଦେଖିଲା ଯେ କାନରେ ଯେଉଁ-ଗୁଡ଼ାଏ ଉମ୍ବ ବାନ୍ଧି ଆଣିଥିଲା ସବୁଗୁଡ଼ାକ ପ୍ରାୟ ଚୂରମାର ହୋଇ-ଯାଇଛି । ଅବଶିଷ୍ଟ ଉମ୍ବ କେଇଟା ତା ଚଚ୍ଚୁ ରହିମ୍‌ର ହାତକୁ ବଢ଼ାଇଦେଇ ସେ କହିଲା ଏ ଉମ୍ବତକ ମୁଁ ମୋ ମହରମ୍ ମାହା ଦେଖା ପଇସାରେ କିଣିଆଣିଛି । ଏଇ କେଇଟା ମୁରୁଗୀ ଉମ୍ବ ଲାଗି କଅଣ ଅମେ ସବୁଦିନ ଇମିତ କଣଜନ୍ତୁଙ୍କ ପରି ନିଜ ନିଜ ଭିତରେ ହାଣମରା ହେଉଥିବା । ତମେ ଏ ଉମ୍ବତକ ନିଅ ଚଚ୍ଚୁ ! ଆଜିଠୁ ଏ ଉମ୍ବର ଝଗଡ଼ା ମିଟ୍‌ମାଟ୍ ହୋଇଯାଉ ।

ରହିମ ଆଖିରେ ଏକ ନୂତନ ଜ୍ୟୋତି ଖେଳିଗଲା । ସେ ଦାଆ ଫୋପାଡ଼ି ଦେଇ ମଇସ୍ଥମ୍‌କୁ କାଖେଇ ପକାଇ ତା ଆଖିରୁ ଲୁହ ପୋଛୁ ପୋଛୁ କହିଲା—ସତ କହୁଛୁ ମା । ମୁଁ ନ ଜାଣିକରି ମାଇପି କଥାରେ ମାତି ଭାଇ ବେକକୁ ଦାଆ ଉଠାଇଥିଲି । ତୁ ତୋ ମୂର୍ଖ ଚେଷ୍ଟାକୁ କ୍ଷମାକର ମା ।

ରହିମ୍‌ର କଥା ଶେଷ ନ ହେଉଣୁ ହାତରେ ଉଦ୍ୟତ ଲଠିଟାକୁ ତଳେ ପିଙ୍ଗିଦେଇ ଗଦ୍‌ଗଦ୍ କଣ୍ଠରେ ହାନଫ୍ କହିଲା ଆଜି ମହରମ ଦିନରେ ତୁ ଯାହାକୁ ଚୋଳକୁ ଉଠାଇନେଲୁ, ମୁଁ ତାକୁ ତୋତେ ଦେଲି ରହିମ୍ ଭାଇ ସେ ଆଜିଠୁଁ ତୋ ଘରେ ରହି ଆମ ଦୁଇ ଜଣ ଅନ୍ଧ ସନ୍ତାନକୁ ବାଟ ଦେଖାଉ । ଅଲ୍ଲା ତାକୁ ପରମାୟୁ ଦିଅନ୍ତୁ ।

ଏହି ସମୟରେ ଅବଦୁଲ ବୁଲି ବୁଲି ଡାଲିଆ ହୋଇ ଆସି ଘରେ ପହଞ୍ଚିଲା । ତା ବାପଠାରେ ମଇସ୍ଥମ୍ କାଖ ହୋଇଥିବା ଦେଖି ସେ ମୁରକି ହସି କହିଲା "ଅ, ମଇସ୍ଥମ ତୋତେ ତାଜିଆ ଦେଖାଇ

Digitized by srujanika@gmail.com

ଆଣିବ ।" ଏପରି ଅଭିମାନରେ ଆଖି ଦୁଇଟାକୁ ନଚାଇ ନଚାଇ ମରିୟମ୍ କହିଲା "ହଁ, ପୁଣି ନର୍ଦ୍ଦମାରେ ପେଲିଦେବ—ଏମ କଥା ମୁଁ ଜାଣିନ ?" ଅବଦୁଲ୍ଲା ତା କଥାର ପ୍ରତିବାଦ କରି କହିଲା ଯେତେ ଓଲ୍ ! ତୁ ପରି ଏଥର ଅମର ହେଲଣି । *

---

* ଉତ୍କଳ-ସାହିତ୍ୟ—୧୩୪୩, ଜ୍ୟେଷ୍ଠ ସଂଖ୍ୟାରେ ପ୍ରକାଶିତ ।

Digitized by srujanika@gmail.com

କାଲ୍ପନିକ

ଗଳ୍ପଟି କହୁଥିଲେ ମୋର ଜଣେ ବନ୍ଧୁ —

କଲିକତାରେ ପଢୁଥିଲାବେଳେ ଥରେ ଜଣେ ସ୍ତ୍ରୀଲୋକର ସଂସର୍ଗରେ ଆସିବାକୁ ପଡ଼ିଥିଲା । ତାର ଚରିତ୍ର ସନ୍ଦେହଜନକ ଥିଲା । ମାନ୍ଦ୍ରାଜୀ ଖ୍ରୀଷ୍ଟିୟାନ ଘରେ ତାର ଜନ୍ମ । ଶିରରେ ତାର ନିଗ୍ରୋ ରକ୍ତ—ମେମମାନଙ୍କ ପରି ପୋଷାକ ପିନ୍ଧେ । ନାମ ତାର ଟେରିସା । ଲମ୍ବା ଚୌଡ଼ା ଖୁବ୍ ଶକ୍ତିଶାଳୀ ଦେହଟା ତାର, ବର୍ଣ୍ଣ କଳା, କଠିନ ମୁଖାକୃତି ଠିକ୍ ଯେପରି ନିହାଣରେ ଖୋଳି ଖୋଳି କିଏ ତିଆରି କରିଛି । ତାର କୃଷ୍ଣ ଚକ୍ଷୁର କଠିନ ଦୃଷ୍ଟି, ତାର ମୋଟା ଭାରି ଗଳା, ସାହସ ପରି ତାର ଋଜୁ ଚଳଣ ଆଉ ସର୍ବୋପରି ନୋଳାଆଣିଙ୍କ ପରି ତାର ପୃଥୁଳ ମାଂସପେଶୀ, ମୋ ମନରେ ଭୟ ସଞ୍ଚାର କରୁଥିଲା । ମୁଁ ଥାଏ ସେହି ତାଲାରେ ଗୋଟିଏ ଘରେ । ମୋର ସାମନା କୋଠରିଟିରେ ସେ ଥାଏ । ସେ ଘରେ ଅଛି ବୋଲି ଜାଣିଲାକ୍ଷଣି, ମୁଁ ମୋ ଘରର କବାଟ ବନ୍ଦ କରିଦିଏ । ମଝିରେ ମଝିରେ ତାକୁ ସିଡ଼ିରେ ବା ପାଇପ୍ ନିକଟରେ ଦେଖିବାକୁ ପାଏ । ସେ ମୋତେ ଦେଖିଲେ ଥଟ୍ଟା କରି ହସେ । ମଦ ଖାଇବାର ମଧ୍ୟ ତାକୁ କେବେ କେବେ ଦେଖେ । ସେତେବେଳେ ତା ଆଖିରୁ ଲୁହ ବୋହି ଆସେ । ବାଳ-ଗୁଡ଼ାକ ଇଆଡ଼େ ସିଆଡ଼େ ବଂଶ ହୋଇ ପଡ଼େ । ହସେ ମଧ୍ୟ ସେ ବିଭତ୍ସଭାବରେ । କେତେବେଳେ ପୁଣି ସେ ମୋ ସାଙ୍ଗରେ କଥା କହିବାକୁ ଆସେ । 'ପଢୁଆ ବାବୁ କିମିତି ଅଛ ?' ତାର ନିର୍ବୋଧ ହସରେ ମୋର ଘୃଣା ଉଦୟ ହୁଏ । ସମୟ ସମୟରେ ଏପରି ଇତର ଅଭ୍ୟର୍ଥନା ହାତରୁ ରକ୍ଷାପାଇବା ପାଇଁ ମୋର ବସା ବଦଳ କରିବାକୁ ଇଚ୍ଛା ହୁଏ । କିନ୍ତୁ ମୋର ଶ୍ରେଷ୍ଠ ଘରଟିର ମାୟା ମୋତେ

Digitized by srujanika@gmail.com

ତାହା କରାଇ ଦଏ ନାହିଁ । ମୋର ଘରଟି ଥିଲା ବେଶ୍ । ଝରକାରେ ଦେଖାଯାଏ ସୁନ୍ଦର ଛବି ଭଳିଆ ଦୃଶ୍ୟ । ରାସ୍ତାଟି ମଧ୍ୟ ଥିଲା ନିର୍ଜନ । ତେଣୁ ସବୁ ସହ୍ୟ କରି ରହୁଥିଲି ।

ଦିନେ ସକାଳେ ଖଟ ଉପରେ ଶୋଇ ଉପର ଆଡ଼କୁ ଅନାଇ ନିଜ ମନକୁ କାହିଁକି କ୍ଲାସକୁ ଗଲି ନାହିଁ ସେ ସମ୍ବନ୍ଧରେ ନାନା ପ୍ରକାର ବାଜେ କୈଫିୟତ ଦାଖଲ କରୁଛି, ହଠାତ୍ କବାଟ ଖୋଲି ଟେରେସା ଗମ୍ଭୀରସ୍ୱରରେ ଦୁଆରବନ୍ଧ ପାଖରୁ କହିଲା—ଆପଣଙ୍କର ସ୍ୱାସ୍ଥ୍ୟ କାମନା କରେ ।

"କଣ ଦରକାର ?" କହି ତାର ବିବ୍ରତ ଭାବ ଦେଖି ବୁଝିଲି ସେ ନିଶ୍ଚିତ କଣ ଅନୁରୋଧ କରିବ । ଏ ଭଳି ଭାବ ତାର ମୁଁ କେବେ ଦେଖି ନାହିଁ । କିମିତ ନୂଆ ନୂଆ ଲାଗିଲା, 'ଆପଣଙ୍କର ଅନୁଗ୍ରହ ଭିକ୍ଷା କରେ—ଦେବେ କି ?' ନିଜକୁ ନିଜେ ସାହସ ଦେଇ ଚୁପ୍‌ମାରି ଶୋଇ ରହିଲି ।

ମୁଁ ଘରକୁ ଖଣ୍ଡେ ଚିଠି ଦେବାକୁ ଚାହେଁ, ଏତିକି ମାତ୍ର ।

ତାର କଣ୍ଠସ୍ୱରରେ ଅନୁନୟ—କମନୀୟତା ଆଉ ଭୀରୁତା ଯୁଗପତ୍ ପ୍ରକାଶ ପାଇଲା । ମନେ ମନେ ତାର ପିଠିଶାଙ୍କ କରି ମୁଁ ଉଠି ପଡ଼ିଲି । ଟେବୁଲ ପାଖକୁ ଯାଇ ଖଣ୍ଡେ ଚିଠି ଲେଖା କାଗଜ ଟାଣିଆଣି କହିଲି—

"ବସ୍ । କଣ ଲେଖିବାକୁ ହେବ କହ ।"

ଖୁବ୍ ସତର୍କ ସଙ୍କୋଚ ସହିତ ଗୋଟିଏ ଚେୟାର ଉପରେ ବସି ଦୋଷୀ ଭଳିଆ ମୋ ଆଡ଼କୁ ଅନାଇ ରହିଲା । କହିଲି "କାହା ପାଖକୁ ଲେଖିବାକୁ ହବ ?"

ବୋଲସାଉ । ଓୟାରସ୍‌ବେଭଡ୍, ବାଙ୍ଗାଲୋରରେ ଥାଏ ସେ ।

"କହିଯାଅ" ।

Digitized by srujanika@gmail.com

"ପ୍ରିୟ ବୋଲେସ୍, ପ୍ରିୟତମ ବିଶ୍ୱାସୀ ପ୍ରେମିକ ମୋର"

ଈଶ୍ୱର ମାତା ତୁମ୍ଭଙ୍କୁ ରକ୍ଷା କରନ୍ତୁ—ତୁମର ସୁନ୍ଦର ହୃଦୟ-କପର ତୁମେ ମୋତେ ଏତେଦିନ ଦୁଃଖ ଦେଲ । କାହିଁକି ତୁମେ ତୁମର ଅଭାଗିନୀ ଗ୍ଲେଟ ଚଢ଼େଇଟିକୁ ଆଜଯାଏ କିଛି ଲେଖି ନାହିଁ । ମୋର ଚୁମ୍ବନ ଗ୍ରହଣ କରିବ ।

ଟେରସା

ହସରେ ମୋର ପେଟ ଫାଟି ଉଠୁଥିଲା । 'ଗ୍ଲେଟ ଚଢ଼େଇ' ! ବାଃରେ ବାଃ—ପାଞ୍ଚ ଫୁଟରୁ ବେଶୀ ଲମ୍ବା, ପଥରଠାରୁ ବି ଶକ୍ତ—ଚଢ଼େଇ ମନେ ହେଲା ? ଚଢ଼େଇଟି ପିଞ୍ଜରା ଭିତରେ କିରହରେ ଝୁରି ଝୁରି ମରି ଗଲଣି । କୌଣସି ମତେ ହାସ୍ୟବୋଧ କରି ପଚାରିଲି—ବୋଲେସ୍ କିଏ ?

ବୋଲେସ୍, ମହାଶୟ ବୋଲେସ୍ । ଭୁଲ କମେ ବୋଲେସ୍ଙ୍କ କହି ପେପର ତାର ସମ୍ମାନିତ ବନ୍ଧୁଙ୍କୁ ଛୁନ୍ନ କରି ଦେଇଛି ! 'ମୋର ବାଳକ ବନ୍ଧୁ ବୋଲେସ୍, ବାଳକ ବନ୍ଧୁ ! ଆଶ୍ଚର୍ଯ୍ୟ ହୋଇ ଯାଉଚନ୍ତି କାହିଁକି ? ମୋ ପରି ବାଳିକାର ଜଣେ ବାଳକ ବନ୍ଧୁ ଥିବାଟା କଅଣ ଆପଣଙ୍କ ପସନ୍ଦକୁ ପାଉନାହିଁ ?' ଟେରସା ପୁଣି ବାଳିକା ! ବେଶ୍ ତ ! କହିଲି—ନ ଥିବ କାହିଁକି ? ସବୁ ତ ଦୁନିଆରେ ସମ୍ଭବ । ସେ କେତେଦିନ ପାଇଁ ତୁମର ଜଣେ ବନ୍ଧୁ ଥିଲା ?

"ଛଅ ବର୍ଷ"

ଅଚ୍ଛା ବେଶ୍, ଆଜ କଣ ଲେଖିବାକୁ ହେବ କହ । ସତ କଥା କହିବାକୁ ଗଲେ ଏହି ବୋଲେସ୍ ସଙ୍ଗରେ ମୁଁ ମୋର ଅବସ୍ଥା ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ଥିଲି । ଯଦି ଟେରସା ଆଜ ଟିକିଏ ଅନ୍ୟ ରକମ ହୋଇଥାନ୍ତା, ଅନ୍ତତଃ ଆଜ ଟିକିଏ ଯଦି ଦେଖିବାକୁ...... । ଟେରସା ନତ ହୋଇ କହିଲା—ଆପଣଙ୍କର

Digitized by srujanika@gmail.com

ଏ ଦୟା ପାଇଁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛି । ମୁଁ ଆପଣଙ୍କର କୌଣସି କାର୍ଯ୍ୟରେ ଲାଗିପାରେ କି ?

ନିଷ୍ପ୍ରୟୋଜନ ।

ମୋର ମଧ୍ୟ ଧନ୍ୟବାଦ ସେଥିପାଇଁ । ତୁଏତ ଆପଣଙ୍କର ସାର୍ଟ ବା ପାଇଜାମାରେ ବୋତାମ ସିଲେଇ କରିଦେବା ଦରକାର !

ମୁଁ ବେଶ୍ ବୁଝିପାରିଲି ଯେ, ଏହୁ ସେହି କୋର୍ଟ ପିନ୍ଧା ସ୍ତ୍ରୀ ଲୋକଟି ମୋତେ ଲଜ୍ଜାରେ ଲାଲ କରି ଦେଲାଣି । ବେଶ୍ କଠୋର-ଭାବରେ ତାକୁ ଜଣାଇ ଦେବାକୁ ପଡ଼ିଲା ଯେ, ତାର କୌଣସି ପ୍ରତ୍ୟୁପକାର ପ୍ରୟୋଜନ ମୋର ନାଇ ।

ସେ ଚାଲି ଗଲା । ଦୁଇ ତିନି ସପ୍ତାହ ଚାଲିଗଲାଣି । ସନ୍ଧ୍ୟାପରେ ବସି ବସି ମନକୁ ମନ ହୁଇସିଲ ମାରୁଛି, ଆଜି ଭାବୁଛି, ଅମ୍ଳ-ବସ୍ତୁର ହାତରୁ କପରି ଭାବରେ ଅବ୍ୟାହତି ପାଇପାରେ । ମୋତେ କିଛି ଭଲ ଲାଗୁ ନ ଥିଲା । ଘରୁ ବାହାରକୁ ଯିବାପାଇଁ ମଧ୍ୟ ପ୍ରବୃତ୍ତି ନ ଥିଲା । କ୍ଳାନ୍ତବଶତଃ ଅମ୍ଳ-ବିଶ୍ଲେଷଣରେ ନିମଗ୍ନ ଥିଲି । ହଠାତ୍ କବାଟ ଖୋଲି କିଏ ମୋର ଘର ଭିତରେ ପ୍ରବେଶ କଲା । ଆପଣଙ୍କର କୌଣସି କାମ ନାଇ ବୋଲି ମନେ ହଉଛି······ । ପୁଣି ସେହିପରି—ଜଃ ! ନା, 'କଅଣ ଦରକାର ।'

ମୋତେ ଆଜି ଖଣ୍ଡେ ଚିଠି ଲେଖି ଦଅନ୍ତେ ·········।

ଅଚ୍ଛା, ଲେଖିଦେବି ।

କାହା ପାଖକୁ ? ବୋଲେସ୍ ପାଖକୁ—ନା ?

ନା ଏଥର ତା ପାଖକୁ ମୋତେ·····।

କଣ ?

ମୋର ଭୁଲ ହୋଇଛି । ମୋତେ ନୁହେଁ, ମୋତେ ନୁହେଁ, କ୍ଷମା କରିବେ । ମୋର ଏକ ବନ୍ଧୁପାଇଁ, ନା, ଠିକ୍ ବନ୍ଧୁ ନୁହେଁ ।

Digitized by srujanika@gmail.com

ପରିଚିତ ଆତ୍ମୀୟ; ତାର ଜଣେ ପ୍ରେମିକା ଅଛି । ମୋର ପକ୍ଷ ତା ନାଁ ବ ଟେରେସା । ଆପଣ ଦୟାକରି ଚିଠିଟା ଲେଖିଦେବେ ବାବୁ ?

ମୁଁ ତାର ବିବ୍ରତଭାବ ଲକ୍ଷକଲି, ତା ଆଙ୍ଗୁଠିଗୁଡ଼ାକ ଥରୁଥିଲା । ପ୍ରଥମେ ମୁଁ ଅବାକ୍ ହୋଇ ଯାଇଥିଲି । କିନ୍ତୁ ପରେ ସବୁ ପରିଷ୍କାର ହୋଇଗଲା । କହିଲି "ବେଶ୍, ମୁଁ ବୁଝୁଚି ଡୋଲେସ୍ ବା ଟେରେସ୍ ବୋଲି ପ୍ରକୃତରେ କେହି ନାହିଁ । ତୁମେ ମୋତେ ଥରକୁ ଥର ମିଛ କଥା କହି ଖାଲି ଠକାଉଚ । ମୋ ଘରକୁ ତୁମେ ଆଉ ଏଣିକି ଆସିବ ନାହିଁ । ତୁମ ସଙ୍ଗେ ମିଳାମିଶା କରିବାକୁ ମୋର ମୋଟେ ଇଚ୍ଛା ନାହିଁ ବୁଝିଲ ?

ହଠାତ୍ ସେ ବଡ଼ ଉଦ୍‌ବିଗ୍ନ ହୋଇ ପଡ଼ିଲା । ସେ ଗୁଲି ନ ଯାଇ ଖାଲି ଇତସ୍ତତଃ କରି ନିଜର ଦେହର ଭାବ ପରିବର୍ତ୍ତନ କରିବାକୁ ଲାଗିଲା । ତା ଭାବଭଙ୍ଗୀରୁ ବେଶ୍ ଜଣା ପଡ଼ୁଥିଲା, ସେ ଯେପରି କଣ କହିବାକୁ ଚାହେଁ, ଅଥଚ କିଛି କହି ପାରୁ ନାହିଁ । ଶେଷ ପର୍ଯ୍ୟନ୍ତ କଅଣ ହବ ମୁଁ ଦେଖିବାପାଇଁ ଅପେକ୍ଷା କରୁଥିଲି । ବୁଝିଲି ଯେ ସେ ମୋତେ ମୋ ନ୍ୟାୟପଥରୁ ଭ୍ରଷ୍ଟ କରିବାକୁ ଖୋଜୁଚି । ଏପରି ସନ୍ଦେହ କରିବା ଅନ୍ୟାୟ ହୋଇଚି । ବେଶ୍ ଜଣା ପଡ଼ିଲା ଯେ ତାହା ସେ ଖୋଜେ ନାହିଁ । କଣ ସେ କରିବାକୁ ଯାଉଥିଲା, କିନ୍ତୁ କିଛି କହି ନ ପାରି ହଠାତ୍ କବାଟଟାକୁ ଖୋଲି ବାହାରିଗଲା । ମନଟା ମୋର ଭିତରେ ଭିତରେ ଅତ୍ୟନ୍ତ ଛଟପଟ ହେବାକୁ ଲାଗିଲା । ତା ଘରର କବାଟଟା ମଧ୍ୟ ଖୁବ୍ ଜୋରରେ ବନ୍ଦ ହେବାର ଶୁଣିଲି । ସ୍ପଷ୍ଟ ବୁଝିଲି ବିଚାରୀ ଅପମାନିତ ହୋଇଚି । ତା ପାଖକୁ ଯିବା ଉଚିତ ବୋଲି ମନେ କଲି । କଣ ଲେଖିବାକୁ କହୁଥିଲା, ତାକଅଣି ଚିଠି ଲେଖିଦେବାଟା ଉଚିତ ବିବେଚନା କଲି ।

Digitized by srujanika@gmail.com

।

ମୁଁ ତା ଘରଭିତରକୁ ପଶିଯାଇ ଦେଖେ—ସେ ଦୁଇ ହାତ ଉପରେ ମୁଣ୍ଡ ଦେଇ ଟେବୁଲ ପାଖରେ ବସିଛି । 'ଶୁଣ' ବୋଲି ଡାକୁ ନ ଡାକୁ ସେ ତାର ଆସନ ଛାଡ଼ି ଉଠି ଛିଡ଼ା ହେଲା । ଆଖି ଦୁଇଟା ତାର ଜଳୁଥିଲା । ସେ ମୋ ପାଖକୁ ଦୁହୁଁ ଆସି କହିବାକୁ ଲାଗିଲା ।

ଶୁଣ—ବୋଲେସ୍ ବା ଟେରେସା ବୋଲି ସତରେ କେହି ନାହିଁ । କିନ୍ତୁ ସେଥିରେ ତୁମର ଯାଏ ଆସେ କେତେ ? 'ଗୃହଧାଡ଼ି' ଲେଖି ଦେଇଥିଲେ କଣ ତୁମର ହାତ ଖସିଯାଉଥିଲା ? ଶେଷରେ ତୁମେ ବ······ତୁମର ବାଳଗୁଡ଼ିକ ଏତେ ସୁନ୍ଦର । ବୋଲେସ୍ ନାହିଁ—ଟେରେସା ନାହିଁ ଶୁଣିଲ ତ ! ମନେବୋଧ ହେଲା, ଏଥର ?

ତା ପାଖରୁ ଏ ଭଳି ଅଭ୍ୟର୍ଥନା ପାଇ ମୁଁ ଅତ୍ୟନ୍ତ ଅବାକ୍ ହୋଇଯାଇ କହିଲି, କ୍ଷମା କର ! କଥା କଣ ? ବୋଲେସ୍ ନାହିଁ ।

'ନା, ନାହିଁ ତ ।

ଟେରେସା ନାହିଁ ?

'ନା, ମୁଁ ନିଜେ ଟେରେସା' ।

କିଛି ବୁଝିପାରିଲି ନାହିଁ । ତା ଆଡ଼କୁ ଚୁହିଁ ଭାବିବାକୁ ଲାଗିଲି କାହାର ମୁଣ୍ଡ ଖରାପ ? ତାର ନା ମୋର ? ସେ ଟେବୁଲ ଉପରୁ କଣ ଖଣ୍ଡେ କାଗଜ ଆଣି ଉତ୍ତେଜିତ ସ୍ୱରରେ କହିଲା,—"ଏଇ ଦେଖ ତୁମର ଚିଠି । ବୋଲେସ୍ ତରଫରୁ ଲେଖିଦେବା ପାଇଁ ଯଦି ତୁମର ଏତେ ଆପତ୍ତି ତାହାହେଲେ ଅନ୍ୟ ଜଣେ ଲେଖିଦେବ ।" ମୁଁ ଦେଖିଲି ମୁଁ ବୋଲେସ୍ ପାଖକୁ ଯେଉଁ ଚିଠି ଖଣ୍ଡିକ ଲେଖି ଦେଇଥିଲି, ଏ ଚିଠି ଖଣ୍ଡିକ ସେଇ । କହିଲି—"ଶୁଣ ଟେରେସା—ଏ ସବୁ କଥାର ଅର୍ଥ କଣ ? ମୁଁ ତୁମକୁ ଯେତେବେଳେ ଖଣ୍ଡେ ଚିଠି ଲେଖି ଦେଇଛି ସେତେବେଳେ ଅନ୍ୟ ଜଣେ ପୁଣି ଲେଖିବ କାହିଁକି ? ଏ ଚିଠିଟା ତୁମେ ଅଙ୍କାଯାଏ ପଠାଇ ନାହିଁ କାହିଁକି, ଶୁଣେ ?

Digitized by srujanika@gmail.com

"କାହା ପାଖକୁ ପଠାଇଥାନ୍ତି ?"

"କାହିଁକି, ବୋଲେଇସ୍ ପାଖକୁ ।"

"ବୋଲେଇସ୍ ବୋଲି କେହି ନାହିଁ ।"

ବାସ୍ତବିକ ତା କଥା ଗୁଡ଼ାକ ମୋ ପକ୍ଷରେ ଅବୋଧ ହୋଇ ଉଠୁଥିଲା—ମୁଁ ସେଥିରୁ ବନ୍ଧୁ ବିସର୍ଗ ମଧ୍ୟ ବୁଝି ପାରିଲି ନାହିଁ । ଏ ସବୁ ପାଗଳାମି କାଣ୍ଡଠାରୁ ଦୂରକୁ ଚାଲିଯିବା ଛଡ଼ା ଆଉ କଣ କରନ୍ତି ? ଏପରି ସମୟରେ ସେ କ୍ଷୀଣ କଣ୍ଠରେ ପୁଣି କହିଲା— "ସମସ୍ତ କାନପଟାକୁ ଶୁଣିବାକୁ ଚାହିଁ ? ବୋଲେଇସ୍ ବୋଲି କେହି ନାହିଁ ।" ହଠାତ୍ ସେ ତାର ହାତ ଦୁଇଟାକୁ ଏପରି ଭଙ୍ଗୀରେ ଅଭିନୟ କଲା ଯେ ତାର ଅର୍ଥ କାହିଁକି ଯେ ବୋଲେଇସ୍ ନାହିଁ ଏ କଥା ସେ ନିଜେ ମଧ୍ୟ ଜାଣେନା । ସେ କହିବାକୁ ଲାଗିଲା—"କିନ୍ତୁ ମୁଁ ତାକୁ ମନେ ମନେ ଲୋଡ଼ୁଥିଲି । ମୁଁ କଣ ଅନ୍ୟମାନଙ୍କ ପରି ମନୁଷ୍ୟ ନୁହେଁ ? ଜାଣେ—ଜାଣେ ମୁଁ, ସବୁ ଜାଣେ । କିନ୍ତୁ ତାହାର କୌଣସି କ୍ଷତି ହୋଇ ନ ଥାନ୍ତା, ମୁଁ ତାକୁ ଦୁଇ ଧାଡ଼ି ଲେଖିଥିଲେ । କିନ୍ତୁ କ୍ଷମା କର । କାହା ପାଖକୁ ଆଉ ଲେଖିବ ?"

"ବୋଲେଇସ୍ ପାଖକୁ ପତ୍ର କହିଲ ।"

"କିନ୍ତୁ ବୋଲେଇସ୍ ବୋଲି ପତ୍ର କେହି ନାହିଁ ।"

"ହାୟ ହାୟ ! କିନ୍ତୁ ଯେଉଁଥିରେ ମୋର କଣ ଅଛି ? ସେ ନାହିଁ । କିନ୍ତୁ ସେ ଥାଇ ପାରିଥାନ୍ତା ତ ! ମୁଁ ତାକୁ ଗଢ଼ିଲେଗେ, ଯେପରି କି ସେ ଅଛି । ଆଉ ମୁଁ ? ସେ ମୋ ପାଖକୁ ଲେଖୁଥାନ୍ତା, ପୁଣି ମୁଁ ତା ପାଖକୁ ଲେଖୁଥାନ୍ତି ।" ସମସ୍ତ ବିଷୟଟାକୁ ବୁଝିପାରି ମୁଁ ମନେ ମନେ ବ୍ୟଥିତ ହୋଇ ପଡ଼ିଲି । ବେଶ୍ ବୁଝି ପାରିଲି ମୋର ପାଖରେ ମୋ ଘରଠାରୁ ଛଅ ହାତ ଦୂରରେ ଜଣେ ନାରୀ ବାସ କରେ—ତାକୁ ଏ ଦୁନିଆରେ ଏପରି କେହି ନାହିଁ, ଯେ କି ଦୟା

Digitized by srujanika@gmail.com

କରପାରେ, ତା ପ୍ରତି ସଦୟ ବ୍ୟବହାର କରପାରେ, ତାକୁ ଭଲ ପାଇବା ପାଇଁ ଏତେ ବଡ଼ ଜଗତରେ କେହି ନାହିଁ । ସେଥିପାଇଁ ଜଣେ ବନ୍ଧୁ ସେ ସୃଷ୍ଟି କର ନେଇଛ । ସେ କହୁଛ—"ଶୁଣ ତୁମେ ମୋଠାରୁ, ବୋଲେସ୍ ପାଖକୁ ଚିଠି ଲେଖି ଦେଇଥିଲ, ମୁଁ ସେଟାକୁ ଅଉ ଜଣକ ଦ୍ୱାରା ପଢ଼ାଇ ନେଇଥିଲ ।"

ସେ ଯେତେବେଳେ ସେ ଚିଠିଟା ପଢ଼େ ସେତେବେଳେ ମୋର ମନେ ହୁଏ ବୋଲେସ୍ ଅଛୁ । ଅଉ ମୁଁ ତୁମକୁ କହୁଥିଲ ବୋଲେସ୍ ଯେପର ଟେରସାକୁ ଲେଖିଚ, ଏପରି ଗୋଟିଏ ଚିଠି ମୋତେ ଦିଅ—ତା ଅର୍ଥ ବୋଲେସ୍ ମୋ ପାଖକୁ ଲେଖିଚ । ଯଦି କେହି ଦୟା କର ଏପର ଚିଠି ଦିଏ ତେବେ ସେତେବେଳେ କିଛିକ୍ଷଣରେ ଭାବେ ଯେ ବୋଲେସ୍ ଅଛୁ । ଏପର ଭାବରେ ତାକୁ ଜୀବନଟାକୁ ସହନୀୟ କରିବାକୁ ଚେଷ୍ଟାକରେ ।

ତା କଥାରୁ ତାକୁ ନିର୍ବୋଧ ବୋଲି ଭାବ ନେବାକୁ କେଜାଣି କାହିଁକ ମୋର ମନ ହେଲା ନାହିଁ । ସେଇ ଦିନଠାରୁ ସପ୍ତାହକେ ଦୁଇଥର ନିୟମିତଭାବରେ ମୁଁ ଚିଠି ଲେଖିଦିଏ । ଗୋଟିଏ ଟେରସା-ଠାରୁ ବୋଲେସ୍‌କୁ ଅଉ ଗୋଟିଏ ବୋଲେସ୍‌ଠାରୁ ଟେରସାକୁ । ଉତ୍ତର ଗୁଡ଼ାକ ଖୁବ୍ ଭଲ କର ଲେଖେ । ସେ ଗୁଡ଼ାକ ଶୁଣି ଫୁଲି ଫୁଲି ଚିତ୍କାର କର କାନ୍ଦେ—କାଲ୍ଟନିକ ବୋଲେସ୍‌ଠାରୁ ଏପର ପ୍ରାଣବନ୍ତ ଚିଠି ତା ପାଖକୁ ପଠାଇ ତାକୁ କନ୍ଦାଏ ବୋଲି ପୁରସ୍କାର ସ୍ୱରୂପ ସେ ମୋର ଜାମା, ମୋଜା ଓ ଅନ୍ୟାନ୍ୟ ପୋଷାକରେ ଛିଣ୍ଡିଯାଇ ଥିବା ଯାଗା ଗୁଡ଼ାକ ସିଲାଇ କରିଦିଏ । ଏହିପରି ଭାବରେ ତିନିମାସ କଟିଯିବା ପରେ ଦିନେ ତାକୁ ଜେଲ ହେଲା । କାରଣ ନାହିଁ କାହିଁକ ? ବର୍ତ୍ତମାନ ବୋଧହୁଏ ସେ ବଞ୍ଚି ନାହିଁ ।

Digitized by srujanika@gmail.com

ତାଙ୍କୁ ସିଗାରେଟ୍‌ଟାକୁ ଝାଡ଼ି ମ୍ଳାନଭାବରେ ଆକାଶ ଆଡ଼କୁ ଚାହିଁ ତାଙ୍କର ବକ୍ତବ୍ୟ ଶେଷ କଲେ—

ଜୀବନଟାରେ ସେ ଯେତେ ଦୁଃଖ ପାଉଛି—ସୁଖ ଆଶାରେ ସେ ସେତିକି ବ୍ୟାକୁଳ ହୋଇ ପଡ଼ୁଛି । ଆମେ କହୁଁ "ପତିତା" । କିନ୍ତୁ କିଏ 'ପତିତା' ଜାଣିପାରେ କି ? ସେମାନେ ମଧ୍ୟ ଆମର ଭଳିଆ ରକ୍ତ ମାଂସରେ ଗଢ଼ା—ଏ କଥା ଅମ୍ଭେମାନେ ବରାବର କହି ଆସିଛୁଁ । ଥାଉ, ଏ ଗୁଡ଼ାକ ବର୍ତ୍ତମାନ ପାହାଡ଼ ପରି ପୁରୁଣା ହୋଇଗଲାଣି । ଏ ସମ୍ବନ୍ଧରେ ତର୍କ କରିବା ଆଜିକାଲି ଲଜ୍ଜାର କଥା । ପୁରାତନ—ଅତି ପୁରାତନ । *

(ମାକ୍‌ସିମ ଗୋର୍କିଙ୍କର ଗୋଟିଏ ଗଳ୍ପର ଛାୟାରେ ଲିଖିତ)

---

* ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ —୧୩୪୭, ଭାଦ୍ର ।

ମୁଦ୍ରାକର—ଶ୍ରୀ ଉମାଚରଣ ମହାନ୍ତି, କଟକ ପବ୍ଲିଶିଂ ପ୍ରେସ,
କଟକ—୧୯୫୦

Digitized by srujanika@gmail.com

ସଂଶୋଧନୀ

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୭	୨୩	ମୁଁବଲେ	ମୁଁ ବଲେ
୧୫	୨୪	ଭବିଷ୍ୟଛରେ	ଭବିଷ୍ୟତର
୧୬	୨୭	ସ୍ତ୍ରୀ ଲୋକଗୁଡ଼ାକ	ସ୍ତ୍ରୀ ଲୋକଗୁଡ଼ାଙ୍କର
୧୭	୧୭	ବଲ ଲ୍ଲି	ଚଲାଇଲି
୧୯	୨୩	ଅଙ୍ଗ ଉପରେ ସ୍ଥାନ ଦେବ ?	ଅଙ୍ଗରେ ଗ୍ରହଣ କରିବ ?
୨୦	୧୮	ସଂପୂର୍ଣ୍ଣରୂପେ ସେ ସହଜ	ସଂପୂର୍ଣ୍ଣରୂପେ ସହଜ
୨୨	୩	ମୋ ସାଙ୍ଗରେ···ଜଣାଇଲେ	ମୋତେ···ଜଣାଇଲେ ।
୨୩	୮	ପଢ଼ି ଦଅନ୍ତୁ	ପଢ଼ି ଦେଖନ୍ତୁ ।
୨୪	୧୦	ଜ୍ୱର ବେଗରେ ମିକ୍ସଚର	ଜ୍ୱର ବେଗର ମିକ୍ସଚର
୩୦	୧୮	ଛଜନ	ଟର୍ଜନ
୩୪	୨୦	ଚମ୍ପ	ଚୁମା
୩୫	୯	ଅବିଶ୍ୱାସ	ଅବିଶ୍ୱାସର
୩୫	୧୦	ସେଗୁଡ଼ିକ	ସେ ଗୁଡ଼ାକ
୩୬	୫	ଗଢ଼ିବାକୁ	ଗଢ଼ିବାକୁ
୩୭	୪	ଚୁମ୍ବ	ଚୁମା
୩୯	୬	ଅଶ୍ଳିଷ୍ଟ	ଅଶ୍ଳିଷ୍ଟ
୪୦	୧୪	ଚପେଟାଘାତ	ଚପଟାଘାତ
୪୨	୪	ଷ୍ଟିନ୍‌ସବୁ	ଷ୍ଟିନ୍‌ସନ୍
୪୨	୫।୬	ହୋଟେଲର ଘରର	ହୋଟେଲ-ଘରର
୪୩	୨	ହୋବ୍	ହୋବ

Digitized by srujanika@gmail.com

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୪୪	୧୯	ଉଦ୍ଧବେଁ ଟି କ	ଉଦ୍ଧବେ ଟିକ
୪୭	୨୧	ଖାଗଁରେ ଜାଁଖ	ଖାଜରେ ଖୋପି
୫୦	୧୪	ମ୍ୟୁନସ୍‌ପାଲ୍ ଥିଏଟର୍	ମ୍ୟୁନସ୍‌ପାଲ ପଡ଼ିଆ ଥିଏଟର
୫୩	୪	ଖେଟଢବେଲେ	ଖେଦେ ଖେଲେ
୬୦	୫	ଘଟରକଣ	ଘଟର କଣ
୬୨	୨	ବଗୃସ	ବଗୃଷ
୬୯	୧୨	ଯେୁ	ଯେ
୭୧	୭	ସଦ୍ଭାନୁଭୂତ	ସଦ୍ଭାନୁଭୂତ ।
୮୬	୯	ନସ୍ତବ	ନସ୍ତଧ
୯୦	୧୭-୨୦	କନ୍ଥୁ···ବଦମା	(ଅନ୍ୟ ପାର୍) "କନ୍ଥୁ···ଦଦମ"
୯୧	୨	ଜଢ଼ାପସ୍ଥାନ	ଜସ୍ବପସ୍ଥାନ
୧୦୭	୨୧	ଡା' ପାଖକୁ	ଡା ପାଖରୁ

Digitized by srujanika@gmail.com